

‘ପଦ୍ମାବତୀ’ ଭୂମିକାରେ
ପିଙ୍କି
▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-351 ◆BHUBANESWAR ◆THURSDAY ◆19 JUNE 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୫୧ ◆ଭୁବନେଶ୍ୱର ◆ଗୁରୁବାର ◆୧୯ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



# WE TEACH OUR PROBLEM SOLVERS HOW TO ADAPT TO NEW SITUATIONS.

Aakash
Medical | IIT-JEE | Foundations

## That's why we have so many rankers this year too.

NEET 2025 format was not just different, it was tough too. But be it new formats or new challenges, Aakashians have proven yet again, that when you learn the skill of problem solving you can ace any test.




## OUR STAR PERFORMERS FROM ODISHA CLASSROOM PROGRAM

Result Summary ODISHA: 4 in Top 500 AIR | 9 in Top 1000 AIR | 39 in Top 5000 AIR | 78 in Top 10000 AIR

Result is Still Counting

| AIR | Name | Score |
|---|---|---|
| 128 | Aditya Kiran Bal | 640/720 |
| 204 | Ritesh Parija | 632/720 |
| 421 | Satwik Mohapatra | 622/720 |
| 466 | Anannya Padhy | 620/720 |
| 667 | Aditya A. Rath | 614/720 |
| 679 | Pratyasha Das | 613/720 |
| 797 | Ashmit Mohapatra | 610/720 |
| 827 | Smarak Das | 609/720 |
| 990 | Pratyush Kar | 606/720 |
| 1086 | Shrabani Dash | 605/720 |
| 1235 | Sourav Palar | 602/720 |
| 1347 | Dibyajyoti Nanda | 600/720 |
| 1660 | Ashutosh Jena | 596/720 |
| 1696 | Debshiskha Pradhan | 595/720 |
| 1787 | Simran Jena | 594/720 |
| 1942 | Nilay Mohanty | 593/720 |
| 1975 | Anisha Behera | 592/720 |
| 2092 | Swayam P. Sahoo | 591/720 |
| 2333 | Dibyajyoti Raut | 589/720 |
| 2489 | Awesh Akhtar | 588/720 |
| 2541 | Rupsita Senapati | 587/720 |
| 2581 | Adarsh A. Mohanty | 587/720 |
| 2618 | Nitish Pattanaik | 586/720 |
| 2674 | Naveen Agrawal | 586/720 |
| 2757 | Bibekananda Bhoi | 585/720 |
| 2990 | Adarsh Sabar | 584/720 |
| 3015 | Abhijeet Sahoo | 583/720 |
| 3331 | Rajdeep Tripathy | 581/720 |
| 3896 | Sashank Rath | 578/720 |
| 4084 | Shivansh Agrawal | 577/720 |
| 4155 | Vedansh Garg | 576/720 |
| 4231 | Priyanshu S. Samal | 576/720 |
| 4296 | Krishna Bhusan | 575/720 |
| 4520 | Brindamalini Parida | 574/720 |
| 4530 | Soumyaranjan Asha | 574/720 |
| 4573 | Anwesha Praharaj | 574/720 |
| 4647 | Sk Meherban | 574/720 |
| 4707 | Yashansu Mohanty | 573/720 |
| 4961 | Sradhanjali Ray | 572/720 |

& many more...

Though every care has been taken to publish the result, yet Aakash Educational Services Ltd. shall not be responsible for inadvertent error, if any.

### TO EVERY Aakash TEACHER — THANK YOU FOR BEING OUR STUDENTS' PROBLEM-SOLVERS, MENTORS, AND UNWAVERING SUPPORT.

## ADMISSIONS OPEN

**REPEATER / DROPPER BATCHES for NEET (UG) 2026**
(XII Passed Batches)
Batches Starting From: 20th & 27th June, 2025

**Dropper Batches for JEE** (XII Passed Batches)

**CLASS 11th** — Studying Students — 2 Year Integrated courses for NEET / JEE

**CLASS 8th-10th** — Studying Students — Integrated courses for School Boards / Olympiads

Batches Starting From: 20th & 27th June, 2025

Get Up to 90% Scholarship** — Appear for instant Admission cum Scholarship Test (iACST). Register for FREE. Visit: iacst.aakash.ac.in. Hurry! Batches Filling Fast. SCAN TO APPLY

**Terms & Conditions apply. The maximum iACST scholarship for the Regular Classroom Course (RCC) is up to 90%.

## COURSE FEE based on NEET-2025 Score

| NEET Score | Fees |
|---|---|
| Students Scoring 480 above | ₹ 20,000/- |
| Students Scoring 450-479 | ₹ 49,320/- |
| Students Scoring 425-449 | ₹ 66,000/- |
| Students Scoring 350-424 | ₹ 75,000/- |

All Course Fees Including GST

**COURSE OFFERING INCLUDES**
- All India Aakash Test Series (AIATS)
- Final Test Series for NEET
- NCERT Maps for NEET
- AI Powered Doubt Resolution
- Phygital Study Materials
- Question Bank
- NEET Challenger on My Aakash App
- Experimental Learning

**Call Your Nearest Branches :** Bhubaneswar- Bhoumanagar : 8800852494, 9337870700 Chandrasekharpur : 8800874104, 9311734469 Khandagiri : 9938896677 Lewis Road: 8093083567 Cuttack : 8800849243, 9337355230 Shelter Chowk : 8093083568 Baleswar : 8800538720, 7008000100 Berhampur : 8800502470, 9078884998 Sambalpur : 8448693770, 9338170700 Rourkela : 8093083553 Angul : 8093083557 Balangir : 7008112665, 8093083552 Jajpur Road : 9078677290 Jeypore : 8093083564, 9778980373

SCAN FOR NEAREST BRANCH

CALL (TOLL-FREE): 1800-102-2727 | VISIT: aakash.ac.in | Scan to Download Aakash App | Aakash Medical | IIT-JEE | Foundations

**ମହିଳା ଅତ୍ୟାଚାର ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ**

# ସରକାର ପାଳୁଛନ୍ତି 'ଦୁଷ୍କର୍ମ' ଉପଲବ୍ଧି ଉତ୍ସବ: କଂଗ୍ରେସ



ଭୁବନେଶ୍ୱର,୧୮।୬(ସମିସ): ଗୋପାଳପୁର ଗଣଦୁଷ୍କର୍ମ, କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ଗଣଦୁଷ୍କର୍ମ ଓ ହତ୍ୟା, କଟକର ବାରଙ୍ଗ ଓ ଅନୁଗୁଳ ଜିଲ୍ଲାର କଣିହାଁ ବ୍ଲକ୍‌ରେ ହୋଇଥିବା ଲୋମହର୍ଷଣକାରୀ ଗଣଧର୍ଷଣ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ପ୍ରତିଦିନ ରାଜ୍ୟରେ ୧୫ରୁ ମହିଳା, ନାବାଳିକା ଗଣଧର୍ଷଣ ଓ ଧର୍ଷଣର ଶିକାର ହେଉଛନ୍ତି । ଏହି ନିର୍ଲଜ ଉପଲବ୍ଧି ପାଇଁ ରାଜ୍ୟ ସରକାର ଉତ୍ସବ ପାଳନ କରୁଛନ୍ତି ବୋଲି ଅଭିଯୋଗ କରିଛି କଂଗ୍ରେସ। ଏହାର ପ୍ରତିବାଦରେ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛି ଓ ରାଜ୍ୟ ସରକାରଙ୍କୁ କଟୁ ଭର୍ତ୍ସନା କରିଛି । ଓଡ଼ିଶାରେ ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟା ଅଣାୟତ ସ୍ଥିତିରେ ପହଞ୍ଚିଛି ଓ ରାଜ୍ୟର ମହିଳାମାନେ ସଂପୂର୍ଣ୍ଣ ଅସୁରକ୍ଷିତ ବୋଲି ଦଳ ପକ୍ଷରୁ କୁହାଯାଇଛି।

କଂଗ୍ରେସ କହିଛି ଯେ ରାଜ୍ୟରେ ପ୍ରତିଦିନ ୧୫ରୁ ଅଧିକ ମହିଳା ଓ ନାବାଳିକା ଗଣଧର୍ଷଣ ଓ ପାଶବିକ ଅତ୍ୟାଚାରର ଶିକାର ହେଉଥିବା ବେଳେ ଡବଲ ଇଞ୍ଜିନ ବିଜେପି ସରକାର ନିଜର ଏକବର୍ଷ ପୂର୍ତ୍ତିକୁ ଉତ୍ସବ ରୂପେ ପାଳନ କରୁଛନ୍ତି । ଯେଉଁ ରାଜ୍ୟରେ ୬୪ ହଜାରରୁ ଅଧିକ ମହିଳା ଓ ଶିଶୁ ନିଖୋଜ, ତାହା କି ପ୍ରକାର ଉପଲବ୍ଧି ଓ ରାଜ୍ୟ ସରକାରଙ୍କ ଏହି ବର୍ଷପୂର୍ତ୍ତି ପାଳନ ପାଇଁ ପ୍ରଧାନମନ୍ତ୍ରୀ କାହିଁକି ଓଡ଼ିଶା ଆସୁଛନ୍ତି ବୋଲି ରାଜ୍ୟ କଂଗ୍ରେସ ପ୍ରଶ୍ନ କରିଛି । ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରର ହରିଚନ୍ଦନପୁରରେ ଜଣେ ମହିଳାଙ୍କୁ ଗଣଧର୍ଷଣ କରି ଗଛରେ ଦୁର୍ବୃର୍ତ୍ତମାନେ ଟାଙ୍ଗିଦେଇଛନ୍ତି। ନାବାଳିକା ଆଦିବାସୀ ସ୍କୁଲ ଯାଉଥିବା ଝିଅମାନେ ଗର୍ଭବତୀ ହେଉଛନ୍ତି। ଅନୁଗୁଳ ଜିଲ୍ଲାର କଣିହାଁ ବ୍ଲକ୍‌ରେ ଅନୁସୂଚିତ ଜାତିର ମହିଳା ସୁଭଦ୍ରାଙ୍କୁ ଗଣବଳାତ୍କାର କରି ମାରି ଫିଙ୍ଗିଦିଆଯାଇଛି। ଏଭଳି ଘଟଣା ରାଜ୍ୟରେ ଆଦିବାସୀ ଓ ଅନୁସୂଚିତ ବର୍ଗର ମହିଳାମାନଙ୍କ ପ୍ରତି ଅତ୍ୟାଚାର ସବୁ ସୀମା ଟପି ସାରିଥିବା ନେଇ ପ୍ରମାଣ ଦେଉଛି ବୋଲି ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ପ୍ରଶ୍ନ କହିଛନ୍ତି। ସାରା ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ମହିଳାମାନଙ୍କ ପ୍ରତି ଘଟୁଥିବା ଅପରାଧ ସମସ୍ତ ଜାତୀୟ ରେକର୍ଡକୁ ଭାଙ୍ଗି ବୋଲି ଉଲ୍ଲେଖ କରି ଏହା ଡବଲ ଇଞ୍ଜିନ ସରକାରର ସବୁଠାରୁ ବଡ଼ ସଫଳତା କି ବୋଲି ସେ କଟାକ୍ଷ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ପରିବର୍ତ୍ତେ ଉତ୍ସବ ପାଳନ କରିବା ଲଜ୍ଜାଜନକ ବୋଲି ସେ କହିଛନ୍ତି। ବିଧାୟକ ତାରାପ୍ରସାଦ ବାହିନୀପତି ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ ବର୍ଷିଥିବା ବେଳେ କଂଗ୍ରେସ ଦଳ ଏ ଘଟଣାକୁ ନେଇ ବିଧାନସଭାରେ ପୁନର୍ବାର ପ୍ରଶ୍ନ ଉତ୍ଥାପନ କରିବ ବୋଲି କହିଛନ୍ତି। ଘେରାଉ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ସୁରେଶ ରାଉତରାୟ, ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ, ବିଧାୟକ ଅଶୋକ ଦାସ, ସୋଫିଆ ଫିର୍ଦ୍ଦୋଶ, ମିନାକ୍ଷୀ ବାହିନୀପତି, ନବଜ୍ୟୋତି ପଟ୍ଟନାୟକ, ରଣଜିତ ପାତ୍ର, ୟାସିର ନୱାଜଙ୍କ ସହ ଅନ୍ୟ ନେତୃବର୍ଗ ଓ କଂଗ୍ରେସ କର୍ମୀମାନେ ଯୋଗଦାନ କରିଥିଲେ।

## ଗୋପାଳପୁର ଗଣଦୁଷ୍କର୍ମ ଘଟଣାକୁ ପ୍ରିୟଙ୍କା ଗାନ୍ଧୀଙ୍କ ନିନ୍ଦା

ଭୁବନେଶ୍ୱର,୧୮।୬(ସମିସ): ଗୋପାଳପୁର ସମୁଦ୍ରକୂଳରେ ହୋଇଥିବା ଗଣଦୁଷ୍କର୍ମ ଘଟଣାକୁ ନେଇ ସାରା ଦେଶରେ ଓଡ଼ିଶା ନିନ୍ଦିତ ହୋଇଛି । ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ଜଣେ କଲେଜ ପଢୁଆ ଝିଅଙ୍କୁ ୧୦ ଜଣ ଦୁଷ୍କର୍ମ କରିବା ସାରା ଦେଶରେ ଓଡ଼ିଶାର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ପଦାରେ ପକାଇଛି। ଜାତୀୟ ସ୍ତରରେ ଏହି ଖବରକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଥିବା ବେଳେ ଆଜି କଂଗ୍ରେସ ମହାସଚିବ ତଥା ସାଂସଦ ପ୍ରିୟଙ୍କା ଗାନ୍ଧୀ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ପ୍ରିୟଙ୍କା ଏକ୍ସ ଯୋଗେ ଏହି ଘଟଣାର ନିନ୍ଦା କରିବା ସହ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ଗୋପାଳପୁରରେ ୧୦ ଜଣ ଲୋକ ଜଣେ ଛାତ୍ରୀଙ୍କୁ ଯେଉଁପରି ନିର୍ଯାତନା ଦେଇଛନ୍ତି, ତାହାକୁ ନିନ୍ଦା କରିବା ପାଇଁ କଠୋରରୁ କଠୋର ଶବ୍ଦ ମଧ୍ୟ ଯଥେଷ୍ଟ ନୁହେଁ। ଓଡ଼ିଶାରେ ଦିନକୁ ଦିନ ମହିଳା ବିରୋଧୀ ହିଂସା ବୃଦ୍ଧି ପାଉଛି । ଯେଉଁ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନିଜେ ସ୍ୱୀକାର କରୁଛନ୍ତି ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ୪୪,୦୦୦ ମହିଳା ଏବଂ ଶିଶୁ ନିଖୋଜ ହୋଇଯାଇଛନ୍ତି, ସେଠାରେ ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ନ ଦେବା ମହିଳାଙ୍କ ପ୍ରତି ନିଷ୍ଠୁରତା ବୋଲି ପ୍ରିୟଙ୍କା କହିଛନ୍ତି ।

## ସ୍ୱାମୀଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା ଅଭିଯୋଗ

ଧରାକୋଟ,୧୮।୬(ସମିସ): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ଗାଁର ହାଡ଼ିସାହିରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ମଦ୍ୟପ ସ୍ୱାମୀର ନିର୍ଯାତନା ଅସହ୍ୟ ହେବାରୁ ସ୍ତ୍ରୀ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଅମର ନାଇକ(୪୦)। ହତ୍ୟା ପରେ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଛି ସ୍ତ୍ରୀ। ଧରାକୋଟ ଥାନାରେ ମୃତକଙ୍କ ବଡ଼ଭାଇ ଟୁନା ନାଇକ ଅଭିଯୋଗ କରିବା ପରେ ପୁଲିସ ସ୍ତ୍ରୀ ଅଞ୍ଜନା ନାଇକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଅମର ମଦ୍ୟପାନ କରି ଆସୁଥିବାରୁ ଅଧିକାଂଶ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥାଏ। ମଙ୍ଗଳବାର ରାତିରେ ମଧ୍ୟ ଅମର ମଦ୍ୟପାନ କରି ଆସିଥିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏହାର କିଛି ସମୟ ପରେ ଅଞ୍ଜନା ଦେଢ଼ଶୁର ଟୁନାଙ୍କୁ ଯାଇ ଅମର ଶୋଇ ପଡ଼ିଛନ୍ତି, ଡାକିଲେ ଶୁଣୁ ନାହାନ୍ତି ବୋଲି କହିଥିଲେ। ଟୁନା ପହଞ୍ଚି ତାଙ୍କୁ ରାତି ପ୍ରାୟ ୧୨ଟାରେ ଆସିକା ମେଡିକାଲ ନେଇଥିଲେ ।ସେଠାରେ ଡାକ୍ତର ଅମରଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଅଞ୍ଜନା ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ଟୁନା ଧରାକୋଟ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ (ନଂ.୨୩୨/୨୫) ରେ ଏକ ମାମଲା ରୁଜୁକରି ସ୍ତ୍ରୀ ଅଞ୍ଜନାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଏନେଇ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ସ୍ତ୍ରୀ ଅଞ୍ଜନାକୁ ଅଟକ ରଖି ପଚରାଉଚରା ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ଅନୁସନ୍ଧାନ ବ୍ୟାପକ କରିବ ବୋଲି ଥାନାଧିକାରୀ କହିଛନ୍ତି।

## ନାଲିବତୀ ଗାଡ଼ି ସାଙ୍ଗକୁ ଆଇଏଏସ୍ ପ୍ରୋବେସନର ପ୍ଲେଟ୍

ଭୁବନେଶ୍ୱର,୧୮।୬(ସମିସ): କଳାହାଣ୍ଡି ଜିଲ୍ଲାର ଜଣେ ଆଇଏଏସ୍ ପ୍ରୋବେସନର ସରକାରୀ ସୁବିଧାର ଅପବ୍ୟବହାର କରିବା ମହଙ୍ଗା ପଡ଼ିଛି । ଗୋଟିଏ ଗାଡ଼ିରେ ନାଲିବତୀ ସାଙ୍ଗକୁ ଆଇଏଏସ ପ୍ରୋବେସନର ପ୍ଲେଟ୍ ଲଗାଇବା ଘଟଣାରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ କଳାହାଣ୍ଡିର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ



**ତଦନ୍ତ ପାଇଁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଜିଏ ବିଭାଗର ଚିଠି**

ଦେଇଛନ୍ତି। ଆଇଏଏସ୍ ପ୍ରୋବେସନରମାନେ ତାଲିମ ଗ୍ରହଣ କରୁଥିବା ସମୟରେ ସ୍ୱତନ୍ତ୍ର ଚିହ୍ନ କିମ୍ବା ସଙ୍କେତ ସହିତ ସରକାରୀ ଯାନବାହନ ଭଳି ସୁବିଧା ପାଇବାକୁ ହକଦାର ନୁହନ୍ତି। ଅଖିଳ ଭାରତୀୟ ସେବା (ଆଚରଣ) ନିୟମ, ୧୯୬୮, ଏବଂ ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନର) ନିୟମ, ୧୯୫୪, ଆଇଏଏସ ଅଧିକାରୀ ଏବଂ ପ୍ରୋବେସନରମାନଙ୍କ ଆଚରଣକୁ ନିୟନ୍ତ୍ରଣ କରେ। ଏହି ନିୟମଗୁଡ଼ିକ ଉଚ୍ଚ ନୈତିକ ମାନଦଣ୍ଡ, ସଚ୍ଚୋଟତା ଏବଂ ବୃତ୍ତିଗତ ଆଚରଣ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରେ। ପ୍ରୋବେସନରମାନଙ୍କୁ ନର୍ଦ୍ଦିଷ୍ଟ ଭାବେ କିଛି ସୁବିଧା ଦିଆଯାଇ ନ ଥାଏ। ଯେଉଁଥିରେ ଆଇଏଏସ ଅଧିକାରୀମାନେ ପାଉଥିବା ସରକାରୀ କାର ମଧ୍ୟ ଅନ୍ତର୍ଭୁକ୍ତ।

## ଆଜିଠୁ କମିବ ବର୍ଷା

**ପଛକୁ ପଛ ଆସୁଛି ଆଉ ୨ ଲଘୁଚାପ**

ଭୁବନେଶ୍ୱର,୧୮।୬(ସମିସ): ମୌସୁମୀ ସକ୍ରିୟ ସହ ରାଜ୍ୟରେ ଭଲ ବର୍ଷା ଅନୁଭୂତ ହୋଇଛି। ଯଦିଓ ଗୁରୁବାରଠାରୁ ବର୍ଷାର ପ୍ରଭାବ ହ୍ରାସ ପାଇବ, ମାତ୍ର ପଛକୁ ପଛ ପୁଣି ୨ ଟି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ନିୟମିତ ବ୍ୟବଧାନରେ ବଙ୍ଗୋପସାଗରରେ ଦୁଇଟି ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ପ୍ରାୟ ମାସ ଶେଷ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଜାରି ରହିବାର ସମ୍ଭାବନା ରହିଛି । ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୩-୨୪ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁଚାପ ଦ୍ୱାରା ରାଜ୍ୟରେ ଅଧିକ ପରିମାଣରେ ବର୍ଷା ହେଉଥିବାରୁ ଏହି ଲଘୁଚାପ ପ୍ରଭାବରେ ପ୍ରାୟ ୨୨ ତାରିଖରୁ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପଟେ ୨୮ ବେଳକୁ ପୁଣି ଏକ ଲଘୁଚାପ କିମ୍ବା ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବାରୁ ଏହା ଦ୍ୱାରା ମଧ୍ୟ ରାଜ୍ୟରେ ଭଲ ବର୍ଷା କରାଇବାର ସମ୍ଭାବନା ରହିଛି।

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁଁ ଗତ ୩ ଦିନ ମଧ୍ୟରେ ୨୯ ପ୍ରତିଶତ ନିଅଣ୍ଟିଆ ବର୍ଷା ଭରଣ ହୋଇଛି। ଫଳରେ ବର୍ତ୍ତମାନ ରାଜ୍ୟରେ ଜୁନ୍ ମାସରେ ବର୍ଷାର ସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଫେରିଛି । ଗତ ୧୫ ଜୁନ ବେଳକୁ ମୌସୁମୀ ଋତୁରେ ରାଜ୍ୟରେ ହାରାହାରି ବର୍ଷା ୪୨.୯ ମିମି ସହ ୪୨ ପ୍ରତିଶତ ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଥିଲା। କିନ୍ତୁ ପରେ ଘୂର୍ଣ୍ଣିବଳୟ ସୃଷ୍ଟି ସହ ସକ୍ରିୟ ମୌସୁମୀ ଏବଂ ଲଘୁଚାପ ପ୍ରଭାବରେ ମାତ୍ର ୩ ଦିନରେ ୨୯ ପ୍ରତିଶତ ନିଅଣ୍ଟିଆ ଭରଣ ସହ ବର୍ତ୍ତମାନ ରାଜ୍ୟରେ ହାରାହାରି ବର୍ଷାର ୮୬.୬ ମିମିକୁ ବୃଦ୍ଧି ହୋଇଛି।

ପଶ୍ଚିମବଙ୍ଗ ନିକଟରେ ଥିବା ଲଘୁଚାପ ବୁଧବାର ସକାଳ ସୁଦ୍ଧା ଘନୀଭୂତ ହୋଇ ସୁଦୃଶ୍ୟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି । ଏହାର ପ୍ରଭାବ ଓଡ଼ିଶା ଉପରୁ କମୁଥିବା ବେଳେ କେବଳ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ବର୍ଷା ଆଶଙ୍କା ରହିଛି। ଗୁରୁବାର ଉତ୍ତର-ଉତ୍ତର-ପଶ୍ଚିମ ଜିଲ୍ଲା ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷାର ଆଶଙ୍କା ରହିଥିବା ବେଳେ କେନ୍ଦ୍ରୀୟ ଓଡ଼ିଶାର ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଛି।

## ହାତୀ ଆକ୍ରମଣରେ ବୃଦ୍ଧା ମୃତ, ଜଣେ ଗୁରୁତର

**୨୫ଟିକିଆ ହାତୀପଲକୁ ନେଇ ଅଞ୍ଚଳବାସୀ ଭୟଭୀତ**

ମୋରଡ଼ା/ରାସଗୋବିନ୍ଦପୁର,୧୮।୬(ସମିସ): ରାସଗୋବିନ୍ଦପୁର ରେଞ୍ଜ ଅଧୀନ ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକ୍‌ରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ତତ୍‌ସହିତ ହାତୀ ଆକ୍ରମଣରେ କେତେକଙ୍କ ଜୀବନ ବି ଗଲାଣି। ତେବେ ବର୍ଷ ତମାମ ହାତୀ ଉପଦ୍ରବ ଲାଗି ରହିଥିବାରୁ ଅଞ୍ଚଳବାସୀ ଅତିଷ୍ଠ ହେବାସହ ଚାଷ ପାଇଁ ଚାଷୀ ମଧ୍ୟ ଭୟଭୀତ। ସୂଚନାନୁଯାୟୀ, ବୁଧବାର ଭୋର ୪ଟା ବେଳେ ରାସଗୋବିନ୍ଦପୁର ରେଞ୍ଜ ଅଧୀନ ନଳଗଜା ପଞ୍ଚାୟତ ଉକାଶୋଳ ଗ୍ରାମରେ ହାତୀପଲ ପ୍ରବେଶ କରି ଘରଭାଙ୍ଗି ଭିତରେ ଶୋଇଥିବା ଅବସ୍ଥାରେ ନାଗି ହାଁସଦାଙ୍କୁ ଘୋଷାଡ଼ି ଆଣି ଦଳିଚକଟି ଦେଇଛନ୍ତି। ଫଳରେ ବୃଦ୍ଧା ନାଗିଙ୍କ ଦେହରୁ ଗୋଡ଼ ଅଲଗା ହୋଇଯିବା ସହିତ ଅନ୍ତବୁଜଳା ବାହାରି ଆସିଥିବାର ଦେଖିବାକୁ ମିଳିଛି । ଖବର ପାଇ ରାସଗୋବିନ୍ଦପୁର ବନବିଭାଗ ପହଞ୍ଚି ନାଗିଙ୍କୁ ଉଦ୍ଧାର କରି ବାରିପଦା ମେଡିକାଲ ପଠାଇଥିଲେ। କିନ୍ତୁ ସେ ମୃତ ବୋଲି ଡାକ୍ତର ଘୋଷଣା କରିଥିଲେ। ଠିକ ସେହିପରି ଉକ୍ତ ପଞ୍ଚାୟତ ଅଧୀନ ଶୁଖିଲାଖାଲି ଗ୍ରାମ ବଡ଼ା ମୁର୍ମୁ ବାରଣ୍ଡାରେ ଶୋଇଥିବା ବେଳେ ଉକ୍ତ ୨୫ ଟିକିଆ ହାତୀପଲ ମଧ୍ୟରୁ ଦୁଇଟି ହାତୀ ତାଙ୍କୁ ଶୁଣ୍ଢରେ ଟାଣି ଆଣି କଚାଡ଼ି ଦେଇଥିଲେ । ତେବେ ପାଟି ଶୁଣି ସ୍ଥାନୀୟ ଲୋକେ ଆସି ହାତୀପଲକୁ ଘଉଡ଼ାଇବା ପରେ ସ୍ଥାନୀୟ ଲୋକେ ଉଦ୍ଧାର କରି ରାସଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

## ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇରଙ୍ଗପୁର,୧୮।୬(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାର ପୋଖରିଆ ସ୍କୁଲସାହିରେ ଘରଭିତରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି । ମୃତ ପ୍ରେମୀଯୁଗଳ ହେଲେ ସେହି ଗାଁର ସଦାନନ୍ଦ ନାଏକ(୨୨) ଓ ଯୁବତୀ ମନୀଷା ନାଏକ(୧୫) ବୋଲି ଜଣାପଡିଛି। ସୂଚନାନୁଯାୟୀ, ବୁଧବାର ସକାଳେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାର ପୋଖରିଆ ସ୍କୁଲସାହିରେ ଜଣଙ୍କ ଘରୁ ଯୁବକ ଓ ଯୁବତୀଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକେ ପୁଲିସକୁ ଖବର ଦେଇଥିଲେ। ପରବର୍ତ୍ତୀ ସମୟରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା ବୋଲି ସୂଚନା ମିଳିଛି। ପୁଲିସ ଉଭୟ ଶବକୁ ରାଇରଙ୍ଗପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ବର୍ଗକୁ ହସ୍ତାନ୍ତର କରି ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନାହିଁ।

## କେନ୍ଦ୍ର ସାହିତ୍ୟ ଏକାଡେମି ପକ୍ଷରୁ ଯୁବ ଓ ବାଲ୍ ସାହିତ୍ୟ ପୁରସ୍କାର ଘୋଷିତ

ଭୁବନେଶ୍ୱର,୧୮।୬ (ସମିସ): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଚଳିତ ବର୍ଷର ଯୁବ ଓ ବାଲ୍ ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି। ନୂଆଦିଲ୍ଲୀରେ ଅନୁଷ୍ଠିତ କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ୨୩ ଜଣ ଯୁବ ଲେଖକ ଏବଂ ୨୪ ଜଣ ଶିଶୁ ସାହିତ୍ୟିକଙ୍କ ନାଁ ପୁରସ୍କାର ପାଇଁ ଅନୁମୋଦନ କରାଯାଇଥିବା ବେଳେ ଶିଶୁ ସାହିତ୍ୟିକ ରାଜକିଶୋର ପାଢୀଙ୍କୁ ବାଲ୍ ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବା ସହ ଓଡ଼ିଆ ଲେଖକ ସୁବ୍ରତ ସେନାପତି ଏବଂ ସାନ୍ତାଳୀ ଭାଷା ପାଇଁ ଫାଗୁ ବାସ୍କେଙ୍କୁ ଯୁବ ପୁରସ୍କାର ପ୍ରଦାନ କରାଯିବ। ତେବେ ଚଳିତ ବର୍ଷ ଡୋଗରୀ ଭାଷା ପାଇଁ କାହାକୁ ମନୋନୀତ କରାଯାଇ ନାହିଁ।

■ ସୁବ୍ରତ ସେନାପତି, ଫାଗୁ ବାସ୍କେଙ୍କୁ ଯୁବ ପୁରସ୍କାର
■ ବାଲ୍ ସାହିତ୍ୟ ପୁରସ୍କାର ପାଇବେ ରାଜକିଶୋର ପାଢୀ

ଡ. ରାଜକିଶୋର ପାଢ଼ୀ ଶିଶୁ ପୁସ୍ତକ "କେତେ ଫୁଲ ଫୁଟିଛି' ପାଇଁ ବାଲ୍ ସାହିତ୍ୟ ପୁରସ୍କାର ପାଇବେ । ୨୦୧୧ ମସିହାରେ ଶିଶୁ କାହାଣୀ ପୁସ୍ତକ 'କଥା କଳସ' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ସେହିପରି ସୁବ୍ରତ କୁମାର ସେନାପତି ତାଙ୍କ ଗଳ୍ପ ପୁସ୍ତକ 'କଦମ୍ବବନ' ପାଇଁ ଯୁବ ସାହିତ୍ୟ ପୁରସ୍କାର ପାଇବେ। ସେହିପରି ମୟୂରଭଞ୍ଜ ଜିଲ୍ଲା ଭୋଳାଗଡ଼ିଆ ଗ୍ରାମର ଯୁବକବି ଫାଗୁ ବାସ୍କେଙ୍କୁ ସାନ୍ତାଳୀ ଭାଷା ବର୍ଗରେ ତାଙ୍କ ସାନ୍ତାଳୀ କବିତା ସଂଗ୍ରହ 'ଆରା ସାଓଁ ଇନ୍' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ୨୦୨୫ ପାଇଁ ଚୟନ କରାଯାଇଛି।

ମଙ୍ଗଳବାର କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ବୈଠକରେ ୨୦୨୫ ବର୍ଷ ପାଇଁ ଓଡ଼ିଆ ସମେତ ୨୩ଟି ଭାଷା ପାଇଁ ଯୁବ ପୁରସ୍କାର ଓ ୨୪ଟି ଭାଷା ପାଇଁ ବାଲ୍ ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି। ଉଭୟ ପୁରସ୍କାର ଯୁବ ପୁରସ୍କାର ପାଇଁ ପ୍ରତ୍ୟେକ ଭାଷାରେ ତିନି ଜଣିଆ ସଦସ୍ୟ ବିଶିଷ୍ଟ ବିଚାରକ ମଣ୍ଡଳୀ ଗଠନ କରାଯାଇଥିଲା। ସେହି ବିଚାରକ ମଣ୍ଡଳୀ ଗୁଡ଼ିକର ସୁପାରିଶକ୍ରମେ ଏହି ପୁରସ୍କାର ଘୋଷଣା କରାଯାଇଛି । ତେବେ ଓଡ଼ିଆ ଭାଷା ପାଇଁ ଗଠିତ ବିଚାରକ ମଣ୍ଡଳୀରେ ବିଶିଷ୍ଟ ଲେଖିକା ଯଶୋଧାରା ମିଶ୍ର, ରବି ସ୍ୱାଇଁ ଓ ସୁଭାଷ ଶତପଥୀ ସଦସ୍ୟ ଥିବା ବେଳେ ନୀଳାଦ୍ରିଭୂଷଣ ହରିଚନ୍ଦନ, ଡ. ଶକୁନ୍ତଳା ବଳିୟାରସିଂହ ଓ ଡ. ରାମଚନ୍ଦ୍ର ନାୟକ ରହିଥିଲେ। ପରବର୍ତ୍ତୀ ସମୟରେ ହେବାକୁ ଥିବା ଏକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ।

**ଅଗଷ୍ଟ ୧୫ରୁ ନୂଆ ଫାସ୍‌ଟ୍ୟାଗ୍ ନିୟମ**

## ଆରମ୍ଭ ହେବ ବର୍ଷିକିଆ ପାସ୍ ପ୍ରଚଳନ ବ୍ୟବସ୍ଥା

ନୂଆଦିଲ୍ଲୀ,୧୮।୬(ଏଜେନ୍ସି): ଦେଶରେ ଟୋଲ୍ ଟିକସ ନିୟମରେ ହେବାକୁ ଯାଉଛି ଏକ ବଡ଼ ପରିବର୍ତ୍ତନ। ଯାହା ସାଧାରଣ ଲୋକଙ୍କୁ ଦେବ ବହୁ ମାତ୍ରାରେ ଆଶ୍ୱସ୍ତି ଦେବ। ଆଗକୁ ଆରମ୍ଭ ହେବାକୁ ଯାଉଛି ବର୍ଷିକିଆ ଟୋଲ୍ ପାସ୍ ବ୍ୟବସ୍ଥା। ମାତ୍ର ୩,୦୦୦ ଟଙ୍କାରେ ବର୍ଷକ ପାଇଁ ଗାଡ଼ି ମାଲିକଙ୍କୁ ମିଳିବ ଫାସ୍‌ଟ୍ୟାଗ୍। ଆସନ୍ତା ଅଗଷ୍ଟ ୧୫ ତାରିଖଠାରୁ ଦେଶରେ ୩,୦୦୦ ଟଙ୍କା ମୂଲ୍ୟର ଏକ ଫାସ୍‌ଟ୍ୟାଗ୍ ଆଧାରିତ ବାର୍ଷିକ ପାସ୍ ପ୍ରଚଳନ କରାଯିବ। ଏ ନେଇ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ସୋସିଆଲ ମିଡିଆ 'ଏକ୍ସ' ଆକାଉଣ୍ଟ ମାଧ୍ୟମରେ ସୂଚନା ଦେଇଛନ୍ତି।

■ ୩,୦୦୦ ଟଙ୍କାରେ ବର୍ଷକ ପାଇଁ ଫାସ୍‌ଟ୍ୟାଗ୍
■ ଘରୋଇ ଗାଡ଼ି ୨୦୦ ଥର ଟୋଲ୍ ପାର କରିପାରିବ

ଏହି ପାସ୍ ସକ୍ରିୟ ହେବା ତାରିଖରୁ ଗୋଟିଏ ବର୍ଷ ପାଇଁ କିମ୍ବା ୨୦୦ ଯାତ୍ରା ପର୍ଯ୍ୟନ୍ତ(ଯେଉଁଟି ପ୍ରଥମ) ବୈଧ ରହିବ । ଏହି ପାସ୍ ବିଶେଷ ଭାବରେ କେବଳ ଅଣ-ବାଣିଜ୍ୟିକ ଯାନ ବା ବ୍ୟକ୍ତିଗତ ଯାନ (କାର, ଜିପ୍, ଭ୍ୟାନ ଇତ୍ୟାଦି) ପାଇଁ ଡିଜାଇନ୍ କରାଯାଇଛି। ଏହା ସାରା ଦେଶରେ ଜାତୀୟ ରାଜପଥରେ ସୁଗମ ଯାତ୍ରାକୁ ସକ୍ଷମ କରିବ। ଗଡ଼କରୀ ପୋଷ୍ଟରେ ଲେଖିଛନ୍ତି ଯେ, ବାର୍ଷିକ ପାସ୍ ସକ୍ରିୟକରଣ/ନବୀକରଣ ପାଇଁ ହାଇୱେ ଟ୍ରାଭେଲ୍ ଆପ୍ ଏବଂ ଏନ୍‌ଏଚ୍‌ଏଆଇ/ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ୱେବସାଇଟରେ ଖୁବ୍ ଶୀଘ୍ର ଏକ ପୃଥକ ଲିଙ୍କ୍ ଉପଲବ୍ଧ କରାଯିବ, ଯାହା ପ୍ରକ୍ରିୟାକୁ ସରଳ ଏବଂ ସହଜ କରିବ । ଏହାର ନବୀକରଣ ପ୍ରକ୍ରିୟା ଅନଲାଇନରେ ମଧ୍ୟ କରାଯାଇପାରିବ। ନୂତନ ବାର୍ଷିକ ପାସ୍ ନୀତିର ଲକ୍ଷ୍ୟ ହେଉଛି ୬୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଅବସ୍ଥିତ ଟୋଲ୍ ପ୍ଲାଜା ସହିତ ଜଡିତ ପୁରୁଣା ସମସ୍ୟାର ସମାଧାନ କରିବା। ଏକକ ଡିଜିଟାଲ୍ କାରବାର ମାଧ୍ୟମରେ ଟୋଲ୍ ପେମେଣ୍ଟକୁ ସହଜ କରିବା, ଟୋଲ୍ ପ୍ଲାଜାରେ ଅପେକ୍ଷା ସମୟ ହ୍ରାସ କରିବା, ଭିଡ଼ କମାଇବା ଏବଂ ବିବାଦ ଦୂର କରିବା ଏହାର ପ୍ରମୁଖ ଲାଭ ବୋଲି ଗଡକରୀ କହିଛନ୍ତି।

ହେଲେ ବର୍ତ୍ତମାନ ଯେଉଁ ଯାତ୍ରୀମାନେ ପ୍ରାୟତଃ ଏକ ନିର୍ଦ୍ଦିଷ୍ଟ ଟୋଲ୍ ପ୍ଲାଜା ଦେଇ ଯାତାୟାତ କରନ୍ତି ସେମାନେ ଠିକଣା ପ୍ରମାଣ ଏବଂ ଡକ୍ୟୁମେଣ୍ଟ ଦାଖଲ କରି ମାସିକ ପାସ୍ ପାଇପାରିବେ । ଏହି ପାସର ମୂଲ୍ୟ ପ୍ରତି ମାସ ୩୪୦ ଟଙ୍କା।

**ଭାଙ୍ଗିଲା ଆନ୍ଧ୍ର-ଓଡ଼ିଶା ସ୍ପେଶାଲ ଜୋନାଲ୍ ମାଓ କମିଟିର ମେରୁଦଣ୍ଡ**

## ଯବାନଙ୍କ ଗୁଳିରେ ଟଳିଲେ ଉଦୟ, ଅରୁଣା ଓ ଅଞ୍ଜୁ



**ଆଇଏଏସ୍ ଭିନିଲ୍ କ୍ରୀଷ୍ଣା ଓ ଝୀନ୍ ହିକ୍‌କାଙ୍କ ଅପହରଣରେ ଥିଲେ ମାଷ୍ଟର ମାଇଣ୍ଡ**

ମାଲକାନଗିରି, ୧୮।୬ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶରେ ଯବାନଙ୍କ ଗୁଳିରେ ମୋଟ ୬୫ ଲକ୍ଷ ଇନାମି ୩ କୁଖ୍ୟାତ ମାଓନେତା ନିହତ ହୋଇଛନ୍ତି। ମୃତ ମାଓବାଦୀ ମାନେ ହେଲେ ଗଜରଲା ରବି ଓରଫ ଉଦୟ, ରବି ଭେଙ୍କଟା ଚୈତନ୍ୟା ଓରଫ ଅରୁଣା ଏବଂ ଅଞ୍ଜୁ। ମାଲକାନଗିରି ଜିଲ୍ଲାପାଳ ଭିନେଲ୍ କ୍ରୀଷ୍ଣାଙ୍କ ଅପହରଣରେ ଉଦୟ ଓ ଅରୁଣା ସମ୍ପୃକ୍ତ ଥିଲେ। ଆଜି ସକାଳେ ମାଲକାନଗିରି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶର ଆଲୁରି ସିତରାମ ରାଜୁ ଜିଲ୍ଲାର ମାରେଡିମେଲୁ ଥାନା ଅଞ୍ଚଳରେ ଟପ୍ କ୍ୟାଡରର ମାଓବାଦୀ ଲୁଚି ରହିଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ମାରେଡମେଲୁ ପୁଲିସ, ଗ୍ରେହାଉଣ୍ଡ, ଏସଏସ କୋବ୍ରା ବାହିନୀର ଯବାନମାନେ ତଲାସି ଅଭିଯାନ କରିଥିଲେ। ଏହି ସମୟରେ କୋଏଲଗୁଡମ ଗ୍ରାମ ନିକଟ ଜଙ୍ଗଲରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ମୁହାଁମୁହିଁ ଗୁଳିବିନିମୟ ହୋଇଥିଲା। ଯବାନଙ୍କ ସାମ୍ନା କରି ନପାରି ମାଓବାଦୀ ମାନେ ଜଙ୍ଗଲ ମଧ୍ୟରେ ଲୁଚି ପଳାଇଥିଲେ। ଏହାପରେ ଯବାନମାନେ ଜଙ୍ଗଲରେ ତଲାସୀ କରିବା ବେଳେ ମାଓ ସଂଗଠନର ସେଣ୍ଟ୍ରାଲ କମିଟି ସଦସ୍ୟ ତଥା ଆନ୍ଧ୍ର-ଓଡିଶା ସ୍ପେଶାଲ ଜୋନାଲ କମିଟିର ସେକ୍ରେଟାରୀ ୪୦ ଲକ୍ଷ ଇନାମୀ ମାଓବାଦୀ ଗାଜେର୍ଲା ଓରଫ ଉଦୟ, ମାଓନେତ୍ରୀ ତଥା ଆନ୍ଧ୍ର-ଓଡ଼ିଶା ସ୍ପେସିଆଲ ଜୋନାଲ୍ କମିଟି ସଦସ୍ୟ ତଥା ସେଣ୍ଟ୍ରାଲ କମିଟି ସଦସ୍ୟ ୨୦ ଲକ୍ଷ ଇନାମୀ ମାଓବାଦୀ ରାଭି ଭେଙ୍କେଟ ଚୈତନ୍ୟା ଓରଫ ଅରୁଣାଙ୍କ ସହ ମାଓନେତ୍ରୀ ତଥା ଆନ୍ଧ୍ର-ଓଡ଼ିଶା ଜୋନାଲ କମିଟି ସଦସ୍ୟ ୫ ଲକ୍ଷ ଇନାମୀ ମାଓବାଦୀ ଅଞ୍ଜୁର ମରଶରୀରକୁ ଠାବ କରିଥିଲେ। ଏହାସହ ଘଟଣାସ୍ଥଳରୁ ୨ଟି ଏକେ-୪୭ ରାଇଫଲ, ବହୁ ମାଓ ସାମଗ୍ରୀ ମଧ୍ୟ ଜବତ କରିଥିଲେ। ମୃତ ଅରୁଣା ପୂର୍ବରୁ ଛତିଶଗଡ଼ରେ ଯବାନଙ୍କ ସହ ଏନ୍‌କାଉଣ୍ଟର ବେଳେ ନିହତ ହୋଇଥିବା ମାଓନେତା ଚଲପତିଙ୍କ ପତ୍ନୀ। ଆଜି ଯବାନଙ୍କୁ ଏହି ବଡ ସଫଳତା ମିଳିବା ପରେ ଅଞ୍ଚଳରେ ବର୍ତ୍ତମାନ ମଧ୍ୟ ତଲାସୀ ଅଭିଯାନକୁ ଜାରି ରଖାଯିବା ସହ ଓଡ଼ିଶା-ଆନ୍ଧ୍ର ସୀମାକୁ ସିଲ୍ କରାଯାଇଥିବା ଜଣାପଡିଛି।

# ସରକାର ମାନିଲେ ଧାନକିଣାରେ ଅନିୟମିତତା

**ଓଡ଼ିଶା ମଣ୍ଡିରେ ଛତିଶଗଡ଼ ଧାନ : ଉପମୁଖ୍ୟମନ୍ତ୍ରୀ**

ବଲାଙ୍ଗିର,୧୮।୬(ସମିସ): ବଲାଙ୍ଗିର ଜିଲ୍ଲା ମିଲ୍‌କୁ ଆସୁଛି ଛତିଶଗଡ଼ରୁ ଧାନ। ଛତିଶଗଡ଼ ଧାନକୁ ମିଲର୍ସମାନେ କମ୍ ଦରରେ କିଣି ରାଜ୍ୟ ସରକାରଙ୍କ ବୋନସ ସହାୟତାର ଫାଇଦା ନେବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି। କେବଳ ଏତିକି ନୁହଁ ଉକ୍ତ ଧାନକୁ କିଣିବା ପାଇଁ ମିଲର୍ସମାନେ ସରକାରଙ୍କ ଉପରେ ଚାପ ପକାଉଥିବା ସ୍ପଷ୍ଟ ହୋଇଛି। ଏକଥା ନିଜେ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ମଙ୍ଗଳବାର ବଲାଙ୍ଗିର ଜିଲ୍ଲା ପଥରଚେପାଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶରେ ମତ ରଖିଛନ୍ତି। କୃଷିମନ୍ତ୍ରୀ ସମାବେଶରେ କହିବା ପରେ ବଲାଙ୍ଗିର ଜିଲ୍ଲାରେ ଚାଲିଥିବା ଧାନକିଣା ଅନିୟମିତତା ପଦାରେ ପଡ଼ିଛି। ପୂର୍ବରୁ ହୋଇଥିବା ଅନିୟମିତତା ମଧ୍ୟ ସ୍ପଷ୍ଟ ହୋଇଛି।

ବଲାଙ୍ଗିର ଜିଲ୍ଲା ପଥରଚେପାଠାରେ ମଙ୍ଗଳବାର ରାଜ୍ୟସ୍ତରୀୟ କୃଷକଶକ୍ତି ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିବା ବେଳେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ସିଂହଦେଓ ନିଜ ଅଭିଭାଷଣ ରଖିଥିବା ବେଳେ ଧାନକିଣା ପ୍ରସଙ୍ଗ ସାମ୍ନାକୁ ଆଣିଥିଲେ। ଯାହାକି ଏବେ ତାଙ୍କ ନିଜ ସରକାରଙ୍କୁ ବିବାଦକୁ ଟାଣି ଆଣିଛି। ବଲାଙ୍ଗିର ତଥା ଆଖପାଖ ଜିଲ୍ଲାର ମିଲ୍‌କୁ ଛତିଶଗଡ଼ରୁ ଧାନ ଚାଲାଣ ହେଉଥିବା ସ୍ପଷ୍ଟ ହୋଇଛି। ଗତ କିଛି ଦିନ ତଳେ ତୁଷୁରା ଅଞ୍ଚଳରେ ଏକ ଧାନ ବୋଝେଇ ଟ୍ରକ୍‌କୁ ପ୍ରଶାସନ ଜବତ କରିଥିଲା। ଉକ୍ତ ଧାନ ଛତିଶଗଡ଼ରୁ ଆସିଥିବା ହୋଇଥିବା ଆଲୋଚନା ହୋଇଥିଲା। ଅଭିଯୋଗ ଅନୁସାରେ ଓଡ଼ିଶା ସୀମାକୁ ଲାଗିରହିଥିବା ଛତିଶଗଡ଼ ଅଞ୍ଚଳରୁ ବହୁ ପରିମାଣର ଧାନ ଓଡ଼ିଶାକୁ ଚାଲାଣ ହେଉଥିବାବେଳେ ଏହାକୁ ମିଲର୍ସମାନେ ସିଧାସଳଖ ଦଲାଲଙ୍କ ସହାୟତାରେ କମ୍ ଦରରେ କିଣୁଛନ୍ତି। ସେହି ଧାନକୁ ଓଡ଼ିଶାର ବିଭିନ୍ନ ମଣ୍ଡିରେ ମିଥ୍ୟା ଏଣ୍ଟ୍ରିକରି ସରକାରୀ ସ୍ତରରେ କିଣୁଥିବା ଅଭିଯୋଗ ହୋଇଛି । ଫଳରେ ମଣ୍ଡିମାନଙ୍କରେ ଟାର୍ଗେଟ ଆଗୁଆ ପୂରଣ ହେଉଥିବା ଜଣାପଡ଼ିଛି । କିନ୍ତୁ ଚଳିତ ଖରିଫ ଓ ରବିରେ ବଲାଙ୍ଗିର ଜିଲ୍ଲାରେ ବହୁ ସଂଖ୍ୟାରେ ଚାଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି । ସେହି ଅନୁସାରେ ଖରିଫରେ ଅଧିକ ପରିମାଣର ଧାନକିଣା ଯାଇଥିବାବେଳେ ରବି ଧାନକିଣା ଟାର୍ଗେଟ ମଧ୍ୟ ବୃଦ୍ଧି କରାଯାଇଛି। ଦେଖିବାକୁ ଗଲେ ଏଥିପାଇଁ ଗୋଟିଏ ପଟେ ରାଜ୍ୟ ସରକାରଙ୍କ ସହଯୋଗ ରହିଥିବାବେଳେ ଅନ୍ୟପଟେ ରାଜ୍ୟ କୃଷିମନ୍ତ୍ରୀ ଏହି କାରବାରର ସତ୍ୟତାକୁ ପଦାରେ ପକାଇଛନ୍ତି । କୃଷକ ଶକ୍ତି ସମାବେଶରେ ଏନେଇ ନିଜ ଅଭିଭାଷଣରେ କହିବା ସହ ଛତିଶଗଡ଼ ଧାନକୁ କିଣିବା ପାଇଁ ମିଲର୍ସ ମାନେ ଚାପ ପକାଉଥିବା ମଧ୍ୟ ସେ କହିଛନ୍ତି। ଉକ୍ତ ମିଲର ମାନଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେମାନଙ୍କୁ କଳା ତାଲିକାଭୁକ୍ତ କରିବେ ବୋଲି କୃଷି ମନ୍ତ୍ରୀ କହିଥିଲେ । ଖରିଫ ଓ ରବିରେ ଚାଷୀମାନଙ୍କୁ ଦିଆଯାଇଥିବା ବୋନସ ଟଙ୍କା ପାଇଁ ଏହିଭଳି କାରବାର ଚାଲିଥିବା ପରୋକ୍ଷରେ କହିଥିବାବେଳେ ଛତିଶଗଡ଼ରୁ ଧାନ ଚାଲାଣକୁ ନେଇ ସ୍ୱୀକାର କରିଛନ୍ତି। ଏହି ଧାନ ପ୍ରାୟତଃ ବଲାଙ୍ଗିର ଓ ବରଗଡ଼ ଜିଲ୍ଲାକୁ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ତେବେ ସତରେ ଏହି ଚାଲାଣକୁ ରୋକିବା ପାଇଁ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିବେ ନା ସମାବେଶରେ ମାଇଲେଜ ନେବାକୁ ମନ୍ତ୍ରୀ କଥା ଛଳରେ ଏହି ସବୁ କଥା କହିଗଲେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ରବି ଧାନକିଣାକୁ ଆଉ କିଛି ଦିନ ବାକିଥିବାବେଳେ ବଲାଙ୍ଗିର ଜିଲ୍ଲାରେ ଏହିଭଳି ଚାଲାଣ ରୋକିବାକୁ ପ୍ରଶାସନ କ'ଣ ପଦକ୍ଷେପ ଗ୍ରହଣ କରୁଛି ଓ କେତେ ମିଲର୍ସ ଉପରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।




- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-351 ◆BHUBANESWAR ◆THURSDAY ◆19 JUNE 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୫୧ ◆ଭୁବନେଶ୍ୱର ◆ଗୁରୁବାର ◆୧୯ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ପାଣିରୁ ଝାଡ଼ାବାନ୍ତି
# ଅଧା ଓଡ଼ିଶା ଆକ୍ରାନ୍ତ

### କାରଣ ଖୋଜି ପାଇଲାନି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ; ଦେଖାଇଦେଲା କେନ୍ଦ୍ରୀୟ ଟିମ୍

### ମାଡ଼ିଚାଲିଛି ଡାଇରିଆ; ମୟୂରଭଞ୍ଜ ୧୦ମ ଜିଲ୍ଲା

### ୨୧ରେ ପହଞ୍ଚିଲା ଝାଡ଼ାବାନ୍ତି ମୃତକଙ୍କ ସଂଖ୍ୟା

### ମଞ୍ଚରେ ମନ୍ତ୍ରୀ ମାରୁଛନ୍ତି 'ଉପଲବ୍ଧି'ର ବାହାସ୍ଫୋଟ



■ **ଭୁବନେଶ୍ୱର, ୧୮।୬(ସମିସ):** ଗୋଟାକ ପରେ ଗୋଟାଏ ଜିଲ୍ଲାକୁ ନିଜ କବଳକୁ ନେଉଛି ଡାଇରିଆ। ଯାଜପୁର ଜିଲ୍ଲାରୁ ଆରମ୍ଭ ହୋଇଥିବା ଡାଇରିଆ ଗୋଟିଏ ପରେ ଗୋଟିଏ ଜିଲ୍ଲାରେ ନିଜର ଭୟାବହ କାୟା ବିସ୍ତାର କରି ଏବେ ମୟୂରଭଞ୍ଜରେ ପହଞ୍ଚିଛି। ୧୦ ଜିଲ୍ଲା ଭାବରେ ବୁଧବାର ମୟୂରଭଞ୍ଜ ଜିଲ୍ଲାରେ ଡାଇରିଆ ବ୍ୟାପିଛି। ଅନ୍ୟପକ୍ଷରେ ଗତକାଲି ସୁଦ୍ଧା ଡାଇରିଆରେ ୨୦ ଜଣ ମୃତ୍ୟୁବରଣ କରିଥିବାବେଳେ ଆଜି ବାଲେଶ୍ୱରରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ଫଳରେ ଡାଇରିଆ ମୃତକଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି। ଏହି ସ୍ଥିତିରେ ଡାଇରିଆ ସ୍ଥିତି ଅନୁଧ୍ୟାନ ପାଇଁ ଆସିଥିବା କେନ୍ଦ୍ରୀୟ ଟିମ୍ ପରିସ୍ଥିତି ଯାଞ୍ଚ ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରିଥିବା ରିପୋର୍ଟ ସରକାରଙ୍କ ମୁଖା ଖୋଲିଛି। ଦୂଷିତ ପାନୀୟ ଜଳ ଓ ବିଷାକ୍ତ ଖାଦ୍ୟରୁ ଯାଜପୁର ଜିଲ୍ଲାରେ ଡାଇରିଆ ବ୍ୟାପିବା ଆରମ୍ଭ ହୋଇଛି ବୋଲି ଏହି ଟିମ୍ ରିପୋର୍ଟ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ରିପୋର୍ଟ ଦେଇଥିବା ସୂଚନା ମିଳିଛି। ଯାଜପୁର ଜିଲ୍ଲାରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ଏବେ ସାଂଘାତିକ ରୂପ ନେଇଛି। ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଝାଡ଼ାବାନ୍ତି ବା ଡାଇରିଆ ବ୍ୟାପିବାରେ ଲାଗିଛି। ବିଭିନ୍ନ ଡାକ୍ତରଖାନାରେ ହଜାର ହଜାର ଲୋକ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଶଯ୍ୟାର ଅଭାବ ରୋଗୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ଗତ କେଇମାସ ତଳେ ପୁରୀ ଜିଲ୍ଲାରେ ଡାଇରିଆ ବ୍ୟାପି ଅନେକ ଲୋକ ମୃତ୍ୟୁବରଣ କରିଥିଲେ, ଏହା ସତ୍ତ୍ୱେ ସରକାର ଯତ୍ନବାନ ନ ହେବାରୁ ରାଜି ଏପରି ଅବସ୍ଥା ସୃଷ୍ଟି ହୋଇଛି। ସେହିପରି ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ପୂର୍ବ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ପାଇପ୍ ଜଳ ପ୍ରକଳ୍ପକୁ ସରକାର ବନ୍ଦ କରି ଦେଇଛନ୍ତି। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପଞ୍ଚାୟତକୁ ଯେପରି ଆର୍ଥିକ ସହାୟତା ଦିଆଯିବା କଥା ଓ ନଳକୂପ ଖନନ କରିବା କଥା, ତାହା ମଧ୍ୟ କରାଯାଇ ନାହିଁ। ଫଳରେ ଦୂଷିତ ପାନୀୟ ଜଳ ଏବେ ପ୍ରାଣଘାତୀ ହୋଇଛି। କେନ୍ଦ୍ରୀୟ ଟିମ୍ ପଞ୍ଚାୟତିରାଜ ଓ ପାନୀୟ ଜଳ ଓ ଗୃହନିର୍ମାଣ ଓ ନଗର ଉନ୍ନୟନର ବରିଷ୍ଠ ଅଧିକାରୀମାନଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ଖାଦ୍ୟ ନିରାପତ୍ତା ବିଭାଗ ଦ୍ୱାରା ଆଜି ୨୫ଟି ଜଳ ନମୁନା ଓ ୨୦ଟି ସ୍ଥାନରୁ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଛି। ୩୫ଟି ହୋଟେଲ, ଢାବା ଓ ୱାଟର ବଟଲିଂ ପ୍ଲାଣ୍ଟ ଆଦିରେ ଚଢ଼ଉ କରାଯାଇଛି।

ତେବେ ଏ କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଭାଗକୁ ସବୁ ମହଲରେ ସମାଲୋଚନା କରାଯାଇଛି। ଡାଇରିଆରେ ୨୦ ମୁଣ୍ଡ ଗଡ଼ିବା ପରେ ଯାଜପୁର ଜିଲ୍ଲାରେ ସମୀକ୍ଷା କରିବାକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ କଟୁ ▶ପୃଷ୍ଠା-୭

# ମଧ୍ୟପ୍ରାଚ୍ୟରେ ମିସାଇଲ୍ ବର୍ଷା

■ **ତେହରାନ, ୧୮।୬(ଏଜେନ୍ସି):** ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଆଜି ଷଷ୍ଠ ଦିନରେ ପହଞ୍ଚିଥିବା ବେଳେ ଆତ୍ମସମର୍ପଣ ଲାଗି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇ। ସେ କହିଛନ୍ତି ଯେ ଇରାନ କେବେହେଲେ ଆତ୍ମସମର୍ପଣ କରିବ ନାହିଁ। ଆକ୍ରମଣ କରି ଇସ୍ରାଏଲ ଯେଉଁ ଭୁଲ କରିଛି ତାର ଉଚିତ ଜବାବ ଦେବ। ଏହାସହିତ ସେ ଟ୍ରମ୍ପଙ୍କୁ ଧମକ ଦେଇ କହିଛନ୍ତି ଯେ ଯୁଦ୍ଧରେ ଆମେରିକା ସାମିଲ ହେଲେ ଏହାର ପରିଣାମ ଭୟଙ୍କର ହେବ। ଆମେରିକୀୟ ପ୍ରତିଷ୍ଠାନ ଉପରେ ଇରାନ ଏମିତି ଆକ୍ରମଣ କରିବ ଯେ ସେହି ଦେଶକୁ ଅପୂରଣୀୟ କ୍ଷତି ସହିବାକୁ ପଡ଼ିବ। ଇରାନ ତୁରନ୍ତ ଏବଂ ବିନା ସର୍ତ୍ତରେ ଆତ୍ମସମର୍ପଣ କରୁ ବୋଲି ଗତକାଲି ଟ୍ରମ୍ପ ଚେତାବନୀ ଶୁଣାଇଥିଲେ। ସେ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ଏହି ଧମକ ଦେଇଥିବା ବେଳେ ଖାମନେଇ ମଧ୍ୟ 'ଏକ୍ସ' ମାଧ୍ୟମରେ ପ୍ରତିକ୍ରିୟା ଜଣାଇଛନ୍ତି।

ଏସଂପର୍କରେ ପ୍ରତିକ୍ରିୟା ଦେଇ ଟ୍ରମ୍ପ କହିଛନ୍ତି, 'ଇରାନ ଉପରେ ଆକ୍ରମଣରେ ଆମେରିକା ସାମିଲ ହୋଇପାରେ, ନହୋଇପାରେ। ମୁଁ କ'ଣ କରିବାକୁ ଯାଉଛି, ତାହା କେହି ଜାଣନ୍ତି ନାହିଁ। କିନ୍ତୁ ଆସନ୍ତା ସପ୍ତାହ ବଡ଼ ଘଟଣା ଘଟିବାକୁ ଯାଉଛି। ଇରାନ




**ଆତ୍ମସମର୍ପଣ କରିବୁ ନାହିଁ: ଖାମନେଇ**

**ମୁଁ କ'ଣ କରିବି, କେହି ଜାଣନ୍ତି ନାହିଁ: ଟ୍ରମ୍ପ**

କଥାବାର୍ତ୍ତା କରିବାକୁ ଚାହୁଁଛି, କିନ୍ତୁ ବହୁତ ବିଳମ୍ବ ହୋଇଗଲାଣି। ଏଥର କାର୍ଯ୍ୟାନୁଷ୍ଠାନ ନିଶ୍ଚିତ।' ଇରାନ ଉପରେ ଆକ୍ରମଣ ଜାରି ରଖିବା ଲାଗି ସେ ଇସ୍ରାଏଲକୁ ପରାମର୍ଶ ଦେଇଥିବା ଟ୍ରମ୍ପ କହିଛନ୍ତି।

ଟ୍ରମ୍ପ ଓ ଖାମନେଇଙ୍କ ମଧ୍ୟରେ ବୟାନବାଜି ଚାଲିଥିବା ବେଳେ ଇରାନ ଓ ଇସ୍ରାଏଲ ପରସ୍ପର ଉପରେ କ୍ଷେପଣାସ୍ତ୍ର ଓ ବୋମାମାଡ଼ ଜାରି ରଖିଛନ୍ତି। ଆଜି ଇରାନ ପକ୍ଷରୁ ଇସ୍ରାଏଲ ଉପରେ ହାଇପରସୋନିକ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ଆକ୍ରମଣ ଯୋଗୁଁ ରାଜଧାନୀ ତେଲ ଆଭିଭରେ ଏକାଧିକ ବିସ୍ଫୋରଣ ହୋଇଥିବାର ଖବର ମିଳିଛି। ଫତାହ-୨ ନାମକ ଏହି ହାଇପରସୋନିକ କ୍ଷେପଣାସ୍ତ୍ର ଘଣ୍ଟାକୁ ୬୧୦୦ କିଲୋମିଟର ବେଗରେ ଗତି କରେ। ଶବ୍ଦ ଠାରୁ ଏହାର ଗତି ୫ଗୁଣା ଅଧିକ ବୋଲି କୁହାଯାଉଛି। ଏହି କ୍ଷେପଣାସ୍ତ୍ରକୁ ଆକାଶମାର୍ଗରେ ଠାବ କରି ଅଟକାଇବା ଅସମ୍ଭବ ବୋଲି କୁହାଯାଉଛି। ତେବେ ଏହି କ୍ଷେପଣାସ୍ତ୍ର ▶ପୃଷ୍ଠା-୭

# ଚିକିତ୍ସା ପାଇଁ ମୁମ୍ବାଇ ଯିବେ ନବୀନ



■ **ଭୁବନେଶ୍ୱର, ୧୮।୬ (ସମିସ):** ଆସନ୍ତା ୨୦ ତାରିଖରେ ଚିକିତ୍ସା ପାଇଁ ମୁମ୍ବାଇ ଯିବେ ବିରୋଧୀ ଦଳ ନେତା ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ। ଆସନ୍ତା ଜୁନ ୨୨ ତାରିଖରେ ମୁମ୍ବାଇର କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ ଠାରେ ତାଙ୍କର ସର୍ଭିକାଲ ଆର୍ଥ୍ରାଇଟିସ୍ ଚିକିତ୍ସା କରାଯିବ। ଏ ସମ୍ପର୍କରେ ନବୀନ ନିଜେ ସାମାଜିକ ▶ପୃଷ୍ଠା-୭

**କୋକିଳାବେନ୍ ଧୀରୁଭାଇ ହସପିଟାଲରେ ହେବ ଚିକିତ୍ସା**

**ନବୀନଙ୍କ ଅନୁପସ୍ଥିତିରେ ଦଳୀୟ ବ୍ୟାପାର ବୁଝିବ ପିଏସି**

**ଆଶୁ ଆରୋଗ୍ୟ କାମନା କଲେ ମୋହନ, ଧର୍ମେନ୍ଦ୍ର**

### ବିଜୁ ଯୁବ ଛାତ୍ର ଜନଜାଗରଣ ସମାବେଶରେ ସରକାରଙ୍କୁ ନିଶାଣ

# ବର୍ଷ ଏକ, ବିଫଳତା ଅନେକ



■ **ପୁରୀ, ୧୮।୬ (ସମିସ):** ରାଜ୍ୟରେ ଡବଲ ଇଞ୍ଜିନ ସରକାରକୁ ବର୍ଷେ ପୂରିଛି। ହେଲେ ସରକାର ସବୁ କ୍ଷେତ୍ରରେ ବିଫଳ। ଓଡ଼ିଶାବାସୀଙ୍କୁ ମିଛ କହି ବିଜେପି ସରକାର ପ୍ରତାରିତ କରିଛି। ନିର୍ବାଚନ ବେଳେ ଅନେକ ବଡ଼ ବଡ଼ କଥା ଦେଇଥିଲେ। ହେଲେ ତାହାକୁ ପାଳନ କଲେ ନାହିଁ, ଓଲଟି ବିଜେଡ଼ି ସରକାରଙ୍କ ସବୁ କଲ୍ୟାଣକାରୀ ଯୋଜନା ବନ୍ଦ କରିଦେଲେ। ବିଏସ୍‌କେୱାଇ ପରି ଲୋକପ୍ରିୟ ଯୋଜନା ବଦଳରେ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ଆୟୁଷ୍ମାନ ଯୋଜନା ସାଧାରଣ ଲୋକଙ୍କ ପାଇଁ ସମସ୍ୟା ପାଲଟିଛି। ତେଣୁ ରାଜ୍ୟ ସରକାରଙ୍କ ମିଛ ପ୍ରଚାରକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଯୁବଛାତ୍ରମାନେ କାର୍ଯ୍ୟ କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ।

**ସରକାରଙ୍କ ମିଛ ପ୍ରଚାରକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ନବୀନଙ୍କ ପରାମର୍ଶ**

ପୁରୀ-କୋଣାର୍କ ରାସ୍ତାର ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ବିଜେଡିର ବିଶାଳ ଯୁବ-ଛାତ୍ର ଜନ ଜାଗରଣ ଅଭିଯାନ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ନବୀନ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ବିଜେଡି ସରକାର ସମୟରେ ଓଡ଼ିଶା ସମଗ୍ର ଦେଶରେ ତା'ର କାମ ପାଇଁ ସୁନାମ ଅର୍ଜନ କରିଥିଲା। କ୍ରୀଡ଼ା ▶ପୃଷ୍ଠା-୭

# ବିମାନରେ ପକ୍ଷୀମାଡ଼: ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

■ **ଭୁବନେଶ୍ୱର, ୧୮।୬ (ସମିସ):** ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଏକ ବଡ଼ ଧରଣର ବିପଦ ଟଳିଯାଇଛି। ପାଇଲଟ୍‌ଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଏକ ବଡ଼ ବିପଦରୁ ଯାତ୍ରୀମାନେ ବର୍ତ୍ତିଯାଇଛନ୍ତି। ଅନ୍ୟପଟେ ବିମାନରେ ପକ୍ଷୀମାଡ଼ ଯୋଗୁଁ ଯାତ୍ରୀମାନେ ବିମାନବନ୍ଦର ପରିସରରେ ପ୍ରାୟ ୩ ଘଣ୍ଟା ପର୍ଯ୍ୟନ୍ତ ଅଟକି ରହିଛନ୍ତି। ଶେଷରେ ଅନ୍ୟ ଏକ ବିମାନରେ ଯାତ୍ରୀମାନଙ୍କୁ କୋଲକାତା ପଠାଯାଇଛି। ସୂଚନା ଅନୁଯାୟୀ ବୁଧବାର ଅପରାହ୍ଣରେ ଏକ ଇଣ୍ଡିଗୋ ବିମାନ ୬ଇ-୬୧୦୧ ଭାଇଜାଗ-କୋଲକାତା ବିମାନ ଭୁବନେଶ୍ୱରରେ ପହଞ୍ଚିଥିଲା। ଏହା ପରେ ଏହା କୋଲକାତା ଉଡ଼ାଣ ଆରମ୍ଭ କରିଥିଲା। ମାତ୍ର ବିମାନଟି ରନୱେ ଅତିକ୍ରମ କରିବା ସମୟରେ ଇଞ୍ଜିନ୍‌ରେ ଏକ ପକ୍ଷୀ ମାଡ଼ ହୋଇଥିଲା। ସୌଭାଗ୍ୟ ବଶତଃ ପକ୍ଷୀମାଡ଼ ସମ୍ପର୍କରେ ପାଇଲଟ୍ ତୁରନ୍ତ ସୂଚନା ପାଇଥିଲେ ଓ ଉଡ଼ାଣକୁ ସ୍ଥଗିତ ରଖି ରନୱେରେ ବିମାନକୁ ▶ପୃଷ୍ଠା-୭

**ଅନ୍ୟ ବିମାନରେ କୋଲକାତା ଗଲେ ଯାତ୍ରୀ**






### ରାଜ୍ୟର ମନ୍ତ୍ରୀମାନଙ୍କ ଦକ୍ଷତା ଦେଖି ଶୀର୍ଷ ନେତୃତ୍ୱଙ୍କ ଅକଲ ଗୁଡୁମ୍

# ରିପୋର୍ଟ କାର୍ଡ ସାରା ନାଲି ମୁଣ୍ଡୁଳା

■ **ଭୁବନେଶ୍ୱର, ୧୮।୬ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ ପରେ ରାଜ୍ୟ ମନ୍ତ୍ରିମଣ୍ଡଳର ନବକଳେବର ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି। ସମ୍ପ୍ରସାରଣ ପାଇଁ ରୂପରେଖ ପ୍ରାୟତଃ ପ୍ରସ୍ତୁତ ହୋଇ ସାରିଥିବା ବେଳେ ଆଶାୟୀଙ୍କ ଛାତି ଧଡ଼ଧଡ଼ ହେଉଛି। ମାତ୍ର ସମ୍ଭାବ୍ୟ ମନ୍ତ୍ରୀମଣ୍ଡଳର ରୂପରେଖ ପ୍ରସ୍ତୁତ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ହୋଇଛି। ମନ୍ତ୍ରିମଣ୍ଡଳରେ କାହାକୁ ନେବେ, କାହାକୁ ବାଦ୍ ଦେବେ ସେ ନେଇ ଆପାତତଃ ନିଷ୍ପତ୍ତି ହୋଇ ସାରିଛି। ମାତ୍ର କୌତୂହଳର ବିଷୟ ହେଉଛି ବିଭାଗ ହେଁ ବିଭାଗ ବଣ୍ଟନକୁ ନେଇ ବାହାରିଛି କେଁ। ମନ୍ତ୍ରୀମାନଙ୍କ ବିଭାଗଗୁଡ଼ିକର ରିପୋର୍ଟ ଦେଖିବା ପରେ ଦଳର ଶୀର୍ଷ ନେତୃତ୍ୱଙ୍କ ଅକଲ ଗୁଡୁମ୍ ହୋଇ ଯାଇଛି। ମନ୍ତ୍ରୀମାନେ ପ୍ରଦାନ କରିଥିବା ନିଜନିଜ ବିଭାଗର ରିପୋର୍ଟ କାଡର୍ କେବଳ ନାଲି ମଣ୍ଡୁଳା, ଛକି ଓ ଶୂନରେ ଭରି ଯାଇଛି। ଗତ ଏକବର୍ଷ ମଧ୍ୟରେ ରାଜ୍ୟରେ ବିକାଶ କାମ ଏକପ୍ରକାର ବନ୍ଦ ହୋଇ ଯାଇଛି। ବିଭିନ୍ନ ବିଭାଗଗୁଡ଼ିକ ନିଜର ବଜେଟ ବରାଦ ଖର୍ଚ୍ଚ କରିବାରେ ଅସଫଳ ହୋଇଛନ୍ତି। ନିଜେ ବିଜେପିର ନେତୃବୃନ୍ଦ ମଧ୍ୟ ଏଭଳି ଅପ୍ରିୟ ସତକୁ ସ୍ୱୀକାର କରୁଛନ୍ତି। ସାରା ବର୍ଷଜାକ ମନ୍ତ୍ରୀମାନେ କେବଳ ଟିଭି ମିଡିଆ ବାଇଟରେ ବଡ଼ ବଡ଼ ମୁହଁ ଫୁଟାଣି ମାରିଛନ୍ତି। ଏପରିସ୍ଥଳେ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ କାହାକୁ ଦିଆଯିବ ତାହା ମୁଖ୍ୟମନ୍ତ୍ରୀ ଓ ଦଳର ଶୀର୍ଷ ନେତୃତ୍ୱ ପାଇଁ ଅଡୁଆ ହୋଇଛି।

**ବିଭାଗ ବଣ୍ଟନକୁ ନେଇ କେଁ**

**ଟିଭି ମିଡିଆରେ ଘନଘନ ବୟାନବାଜୀ; କାମରେ ପୂରା ଶୂନ**




ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସୁଭଦ୍ରା ଯୋଜନାରେ ୨ଟି କିସ୍ତିରେ ୧୦ ହଜାର ପ୍ରଦାନ ଏବଂ ଧାନର ଇନପୁଟ ସବସିଡି ବାବଦରେ ୮୦୦ ଟଙ୍କା ପ୍ରଦାନ ଛଡ଼ା ରାଜ୍ୟ ▶ପୃଷ୍ଠା-୭

### କଞ୍ଜ୍ୟୁମର ପମ୍ପ ଜରିଆରେ ଡିଜେଲ ବିକ୍ରି

# କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର

ତାଳଚେର ସହର, ୧୮ ।୬ (ଦୁର୍ଗା ପ୍ରସାଦ ସ୍ୱାଇଁ)

ତାଳଚେର ତାଳବେଡ଼ା ଛକରୁ ବାଙ୍କଧରା ଛକ ମଝିରେ ଥିବା ଓମ୍ ରୋଡୱେଜ୍ କାର୍ଯ୍ୟାଳୟର ଠିକ୍ ପଛପାଖରେ ଖୋଲିଛି ଏକ କଞ୍ଜ୍ୟୁମର ପମ୍ପ। ଏଥିରେ ଦିନତମାମ ବିକ୍ରି ହେଉଛି ୫୦ ହଜାରରୁ ଉର୍ଦ୍ଧ୍ୱ ଲିଟର ଡିଜେଲ। କିନ୍ତୁ ଏହି ପମ୍ପ କିପରି ଖୋଲିଛି, କିଏ ପମ୍ପ ଖୋଲିବା ପାଇଁ ଅନୁମତି ଦେଇଛି, କେଉଁ ଆଧାରରେ ପମ୍ପ ଖୋଲିବା ପାଇଁ ଅନୁମତି ମିଳିଛି ତାହା ପ୍ରଶ୍ନ ଘେରରେ। ନିୟମ ଅନୁଯାୟୀ ଯେଉଁ ବ୍ୟବସାୟିକ ସଂସ୍ଥାର ଗାଡ଼ିଗୁଡ଼ିକ ଏମସିଏଲ, ନାଲକୋ, ଏନଟିପିସି ଭଳି କମ୍ପାନୀଗୁଡ଼ିକରେ ଇଣ୍ଟରନାଲ ଟ୍ରାନ୍ସପୋର୍ଟେସନ୍ ପାଇଁ ଅର୍ଡର ପାଇଥାଏ ସେହି କମ୍ପାନୀର ନିଜସ୍ୱ ଗାଡ଼ି କଞ୍ଜ୍ୟୁମର ପମ୍ପରୁ ତେଲ ନେଇ ପକାଇବାର ବ୍ୟବସ୍ଥା ରହିଛି। କିନ୍ତୁ ଏହି ପମ୍ପର ମାଲିକାନା ଥିବା ବ୍ୟକ୍ତିଙ୍କ ସେଭଳି କୌଣସି ସଂସ୍ଥା ନ ଥିବା ବେଳେ କିଭଳି ଏଠାରେ ପମ୍ପ ଖୋଲାଯାଇଛି, କିଭଳି ହଜାର ହଜାର ଲିଟର ଡିଜେଲ ବିକ୍ରି ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପମ୍ପରୁ ଲୋକାଲ ସେଲ ଗାଡ଼ି କିମ୍ବା ପାଉଁଶ ଗାଡ଼ିରେ ତେଲ ପକାଇବା ନିୟମ ନ ଥିବା ବେଳେ ବୁଧବାର ଅପରାହ୍ନ ୧୨ଟା ୧୪ରେ ଗୋଟିଏ ଲୋକାଲ ସେଲ ଟ୍ରକ୍ (ନମ୍ବର ଓଡ଼ି୩୫-ଏଚ୪୬୭୬) ଡିଜେଲ ଭରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ରାଜ୍ୟ ସରକାର ଡିଜେଲ ଉପରେ ୨୮ ପ୍ରତିଶତ ଖଜଣା ନେଉଥିବା ବେଳେ ଏହି ଅସାଧୁ ପମ୍ପ ମାଲିକମାନେ ଅଧିକ ଲାଭ ଆଶାରେ ହଳଦିଆ ଅଞ୍ଚଳରୁ ୨୦.୦୪ ପ୍ରତିଶତ ଖଜଣା ଦେଇ ଡିଜେଲ ଆଣି ତାଳଚେରରେ ବିକ୍ରି କରୁଛନ୍ତି। ତାଳଚେର ଅଞ୍ଚଳରେ ଏଭଳି ଅନେକ ବେଆଇନ କଞ୍ଜ୍ୟୁମର ପମ୍ପ ଗଢ଼ି ଉଠିଥିବା ବେଳେ ରାଜ୍ୟ ସରକାର ଗୋଟିଏ ଦିନରେ କେବଳ ତାଳଚେରରୁ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଅନ୍ୟ ପମ୍ପଗୁଡ଼ିକ ଭଳି ଏହି ଟାଙ୍କିରେ ବିଭାଗ ପକ୍ଷରୁ ଯାଞ୍ଚ ମଧ୍ୟ କରାଯାଉନାହିଁ। ଫଳରେ ଅସାଧୁ ବ୍ୟବସାୟୀମାନେ ବେଧଡ଼କ ଏହି ବେପାର କରି କୋଟି କୋଟି ଟଙ୍କା ମୁନାଫା କମାଉଛନ୍ତି। ନିକଟ ଅତୀତରେ ଏନଟିପିସି ଅଞ୍ଚଳରେ ଏକ ବାୟୋ ଡିଜେଲ ଟ୍ୟାଙ୍କର ଜବତ ହୋଇଥିବା ବେଳେ ଏହି ସବୁ ଟାଙ୍କିରେ ବାୟୋଡିଜେଲ ବିକ୍ରି ହେଉଥିବା ସନ୍ଦେହକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ବିଭାଗୀୟ ଅଧିକାରୀ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

- **ଲୋକାଲ ସେଲ ଗାଡ଼ି ସହ ପାଉଁଶ ଗାଡ଼ିକୁ ବେଧଡ଼କ ବିକ୍ରି ହେଉଛି ଡିଜେଲ**
- **ପ୍ରଶାସନ ପାଖରେ ନାହିଁ ଖବର**



### ସର୍ଟସର୍କିଟରୁ ଜଳିଗଲା ଘର ଓ ଗୁହାଳ

## ୩୦ ଛେଳି ଜୀବନ୍ତ ଦଗ୍ଧ



ଅନୁଗୋଳ, ୧୮ ।୬ (ସମିସ): ଅନୁଗୋଳ ସହର ନିକଟ ଖମାର ଗ୍ରାମଦେବୀ ମନ୍ଦିର ପାଖରେ ବୁଧବାର ମଧ୍ୟାହ୍ନରେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ଏକ ଘର ସମେତ ଛେଳି ଗୁହାଳ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ଗୁହାଳରେ ଥିବା ପ୍ରାୟ ୩୦ ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଛେଳିଆପଡ଼ା ଗ୍ରାମର ଅଭୟ ନାଏକ ଖମାର ଗ୍ରାମଦେବୀଙ୍କ ମନ୍ଦିର ପାଖରେ ଝାଟିମାଟି ଘର କରି ରହିଆସୁଥିଲେ। ସେ ଛେଳି ପାଳନ କରି ପରିବାର ପ୍ରତିପୋଷଣ କରୁଥିଲେ। ବୁଧବାର ମଧ୍ୟାହ୍ନରେ ହଠାତ ସର୍ଟସର୍କିଟ ଯୋଗୁଁ ତାଙ୍କ ଦୁଇ ବଖରା ଘର ଓ ଗୁହାଳରେ ନିଆଁ ଲାଗି ଯାଇଥିଲା। ୩୦ ଛେଳି ଦଗ୍ଧ ହୋଇଥିବା ବେଳେ ଘରେ ଥିବା ଆସବାବପତ୍ର ପୋଡ଼ି ପାଉଁଶ ହୋଇଛି। ଅନୁଗୋଳ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଡ୍ରେନ ମାଷ୍ଟର ପ୍ଲାନ୍ ପାଇଁ ଡ୍ରୋନ୍ ସର୍ଭେ

ଅନୁଗୋଳ, ୧୮ ।୬ (ସମିସ): ଅନୁଗୋଳ ପୌରପାଳିକା ମଧ୍ୟରେ ଡ୍ରେନ ମାଷ୍ଟର ପ୍ଲାନ୍ ତିଆରି ପାଇଁ ସର୍ଭେ କାମ ଆରମ୍ଭ ହୋଇଛି। ହଳଦିଆକଟା ବନ୍ଧ ନିକଟରୁ ଏହି ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି। ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ନିର୍ମାଣ ଦାୟିତ୍ୱ ନେଇଥିବା ଇକୋମେଟ୍ରିକ୍ସ ସଂସ୍ଥା କାମ ଆରମ୍ଭ କରିଥିଲା। ସୂଚନାଯୋଗ୍ୟ, ଅନୁଗୋଳ ପୌରପାଳିକାର କେତେକ ଅଂଶରେ ଲୋକେ କୋଠାବାଡ଼ି ନିର୍ମାଣ ବେଳେ ତାମଡ଼ା ପ୍ଲାନ୍ ଉଲ୍ଲଙ୍ଘନ କରି ନିର୍ମାଣ କାର୍ଯ୍ୟ କରିଥିବାରୁ ଡ୍ରେନ ବ୍ୟବସ୍ଥାକୁ ସଠିକ୍ ରୂପେ କାର୍ଯ୍ୟକାରୀ କରାଯାଇପାରିନାହିଁ। ଫଳରେ ବର୍ଷାଦିନେ ସେ ସବୁ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶି ଯାଇଥାଏ। ଏ ସମସ୍ୟା ଦୂର ପାଇଁ ଅନୁଗୋଳ ବିଧାୟକ ବିଧାନସଭାରେ ପ୍ରସଙ୍ଗ ଉପସ୍ଥାପନ କରିବା ସହ ଅନୁଗୋଳରେ ଡ୍ରେନେଜ୍ ବ୍ୟବସ୍ଥା ସଜାଡ଼ିବା ପାଇଁ ପ୍ରାୟ ୯ କୋଟି ଟଙ୍କା ବ୍ୟୟ ମଞ୍ଜୁର କରାଇଥିଲେ। ଏବେ ଏହାର ଚୂଡାନ୍ତ ରୂପରେଖ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟିଏ ଟଙ୍କା ମଞ୍ଜୁର କରାଯାଇଛି। ଏହି ଅର୍ଥରେ ସମ୍ପୂର୍ଣ୍ଣ ଡ୍ରେନ ପ୍ଲାନ୍ ତିଆରି ହେବ। ବଡ଼ ବଡ଼ ଏହି ସବୁ ଡ୍ରେନ ନିର୍ମାଣ ବେଳେ ଯେଉଁ ବ୍ୟକ୍ତି କିମ୍ବା ବିଲ୍ଡର ଯଦି ଜାଗା ଜବରଦଖଲ କରିଥାନ୍ତି ତେବେ ତାହାକୁ ଉଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

## ଏଟିଏମରେ ଲାଗିଲା ନିଆଁ

ଛେଣ୍ଡିପଦା, ୧୮ ।୬ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଜରପଡ଼ା ହାଟପଦାସ୍ଥିତ ଆଇଓବି ଏଟିଏମରେ ବୁଧବାର ମଧ୍ୟାହ୍ନରେ ନିଆଁ ଲାଗିଯାଇଛି। ଏଟିଏମରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଛେଣ୍ଡିପଦା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଛି। ବିଦ୍ୟୁତ୍ ସଟସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ତେବେ ଏହି ଅଗ୍ନିକାଣ୍ଡରେ କେତେ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି ସେ ନେଇ ସୂଚନା ମିଳିନାହିଁ।

## ନାକଚି, ଉରୁକୁଳା ପଞ୍ଚାୟତରେ ବିକାଶ ମେଳା



କିଶୋରନଗର, ୧୮ ।୬ (ସମିସ): କିଶୋରନଗର ବ୍ଲକ ନାକଚି ଓ ଉରୁକୁଳା ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ନାକଚି ଉରୁକୁଳା ପଞ୍ଚାୟତରେ ବିକାଶ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନାକଚି ପଞ୍ଚାୟତରେ ସରପଞ୍ଚ ମନୋଜ ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅତିରିକ୍ତ ଶାସନ ସଚିବ ଗୀତାଞ୍ଜଳି ନାଏକ, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ସମାଜସେବୀ ଡା. ଅଲେଖ କୁମାର ପ୍ରଧାନ, ବରିଷ୍ଠ ବିଜେପି ନେତା ହୃଦାନନ୍ଦ ପ୍ରଧାନ, ସମିତି ସଭ୍ୟା ଦ୍ରୌପଦୀ ନାଏକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ନୂତନ ହିତାଧିକାରୀଙ୍କୁ ଭତ୍ତା, ରାସନକାର୍ଡ, ଜବକାର୍ଡ, ହ୍ୱିଲ ଚେୟାର ବଣ୍ଟନ କରାଯାଇଥିଲା। ବିଭିନ୍ନ ବିଭାଗ ତରଫରୁ ସରକାରଙ୍କ ଯୋଜନା ସମ୍ପର୍କିତ ଷ୍ଟଲ ଖୋଲାଯାଇଥିଲା। ଏଥିରେ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଉରୁକୁଳା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଏବିଡିଓ ଦିଲୀପ ପ୍ରଧାନ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଲୋକ ମିଶ୍ର ଯୋଗଦେଇଥିଲେ।

### ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦଯାପିତ

## 'ଅନୁଗୋଳ ଜିଲ୍ଲା ବିକଶିତ ହେଲେ ରାଜ୍ୟ ଓ ଦେଶ ବିକଶିତ ହେବ'

ଅନୁଗୋଳ, ୧୮ ।୬ (ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ବିକାଶ ମେଳା ବୁଧବାର ଉଦଯାପିତ ହୋଇଛି। ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ କହିଲେ ଯେ ୨୦୩୬ ବେଳକୁ ଓଡ଼ିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବ। ଅନୁଗୋଳ ଜିଲ୍ଲା ବିକଶିତ ହେଲେ ଓଡ଼ିଶା ଓ ଭାରତ ବିକଶିତ ହୋଇପାରିବ। ଅନୁଗୋଳ ଜିଲ୍ଲାରେ ଏକ ବର୍ଷରେ ବିକାଶ କାର୍ଯ୍ୟ ଉର୍ଦ୍ଧ୍ୱମୁଖୀ ହୋଇପାରିଛି। ସୁଭଦ୍ରା ଯୋଜନାରେ ମା'ମାନେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଲକ୍ଷପତି ଦିଦି ସୃଷ୍ଟି କରି ଓଡ଼ିସା ସାରା ଦେଶରେ ପ୍ରଥମ ହୋଇପାରିଛି ବୋଲି ସେ କହିଥିଲେ। ଏତଦବ୍ୟତୀତ ରାଜ୍ୟ ସରକାରଙ୍କ ବର୍ଷକର ଉପଲବ୍ଧି ସମ୍ପର୍କରେ ସେ ସୂଚନା ପ୍ରଦାନ କରିଥିଲେ। ପାଲଲହଡ଼ାରେ ଏକ ସାଇନ୍ସ ପାର୍କ ପ୍ରତିଷ୍ଠା ହେବ ବୋଲି ମଧ୍ୟ କହିଥିଲେ। କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଉପଲକ୍ଷେ ହୋଇଥିବା ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ସେହିପରି ମୃତ୍ୟୁକାଳୀନ ସହାୟତା, ବିବାହ ସହାୟତା, ଶିକ୍ଷା ସହୟତା, ପ୍ରସବ ସହାୟତା, ଇତ୍ୟାଦି ବାବଦ ମୋଟ ୩୪୮ ନିର୍ମାଣ ଓ ଅଣସଙ୍ଗଠିତ ଶ୍ରମିକଙ୍କୁ ୧ କୋଟି ୪ ଲକ୍ଷ ୯୪ ହଜାର ଟଙ୍କା ଏବଂ ଜଣେ ମୃତ ଅଣସଙ୍ଗଠିତ ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ୨ ଲକ୍ଷ ଟଙ୍କା ସହାୟତା ରାଶି ଜିଲ୍ଲା ଶ୍ରମ ବିଭାଗ ତରଫରୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣ ଯୋଗଦେଇଥିଲେ।



## ପବିତ୍ର ମୋହନ ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟିର ଧାରଣା ସ୍ଥଗିତ

ତାଳଚେରସଦର, ୧୮ ।୬ (ସମିସ): ତାଳଚେର ପବିତ୍ର ମୋହନ ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ୧୮ ତାରିଖରୁ ଆରମ୍ଭ ହେବାକୁ ଥିବା ଗଣଧାରଣାକୁ ସ୍ଥଗିତ ରଖାଯାଇଛି। ଏ ନେଇ କମିଟି ପକ୍ଷରୁ ଏକ ବୈଠକ ବସି ନିଷ୍ପତ୍ତି ନିଆଯାଇଛି। ତାଳଚେର ପବିତ୍ର ମୋହନ ମେଡିକାଲ୍ କଲେଜରେ ରୋଗୀସେବା ସହ ମେଡିକାଲ ଶିକ୍ଷାଦାନ କରାଯିବା ନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତାଳଚେର ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ଜିଲ୍ଲା ପ୍ରଶାସନ କିମ୍ବା ମୁଖ୍ୟମନ୍ତ୍ରୀ କମିଟି ସହିତ କୌଣସି ଆଲୋଚନା ନ କରି ଓଲଟି ଧାରଣାସ୍ଥଳ ପବିତ୍ର ମୋହନ ମେଡିକାଲ୍ କଲେଜ୍ ସମ୍ମୁଖରେ ୧୪୪ ଧାରା ଲଗାଇ ଧାରଣାକୁ ବନ୍ଦ କରିଛନ୍ତି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାରଠାରୁ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଧାରଣାକୁ ସ୍ଥଗିତ ରଖାଯାଇଛି। ପରବର୍ତ୍ତୀ ସମୟରେ ଗଣଧାରଣା ସମ୍ବନ୍ଧରେ ସୂଚନା ପ୍ରଦାନ କରାଯିବ ବୋଲି କୁହାଯାଇଛି। ବୈଠକରେ କମିଟି ସଭାପତି ପଦ୍ମଚରଣ ସାମଲ, ସମ୍ପାଦକ ବିଜୟ ପ୍ରଧାନ, ସୁରେଶ ପଟ୍ଟନାୟକ, ମୁରଲୀଧର ସାହୁ, ଦିଗମ୍ବର ଗଡ଼ନାୟକ, ଚୈତନ୍ୟ ପ୍ରଧାନ, ସୁକାନ୍ତ ଦାସ, ବିଭୂତି ଭୂଷଣ ପଟ୍ଟନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ

## ଶ୍ରୀଗୋପାଳ ଗୋଶାଳାକୁ ମିଳିଲା ପ୍ରାପ୍ୟ

ଅନୁଗୋଳ, ୧୮ ।୬ (ସମିସ): ସ୍ଥାନୀୟ ରନ୍ତଲେଇସ୍ଥିତ ଶ୍ରୀଗୋପାଳ ଗୋଶାଳା ୨୦୦୧ରୁ ଗୋସେବା କରିଆସୁଅଛି। ୨୦୧୯ ଫେବୃଆରୀରେ ପୁଲିସ ପ୍ରଶାସନ ଦ୍ୱାରା ଗୋଚାଲାଣ ହୋଇଥିବା ଗୋରୁଙ୍କୁ ଉଦ୍ଧାର କରି ଏହି ଗୋଶାଳାକୁ ହସ୍ତାନ୍ତର କରାଯାଇଥିଲା। ୧୨୦୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ପାଳିବା ଯଦିଓ ସହଜ ନ ଥିଲା, ତଥାପି ଉକ୍ତ ଗୋଶାଳା ଯଥାସାଧ୍ୟ ଦାୟିତ୍ୱ ପାଳନ କରିଆସୁଥିଲା। ଗୋରୁ ହସ୍ତାନ୍ତର ସମୟରେ ପୁଲିସ ଓ ପ୍ରଶାସନ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ଅର୍ଥ ପ୍ରଦାନ ନିମନ୍ତେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା ଅଦ୍ୟାବଧି ପୂରଣ କରାଯାଇ ନ ଥିଲା। ତେଣୁ ପ୍ରାୟ ୩ ମାସ ତଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁଗୋଳ ଗସ୍ତ ସମୟରେ ତାଙ୍କୁ ଶ୍ରୀଗୋପାଳ ଗୋଶାଳା ପକ୍ଷରୁ ଆର୍ଥିକ ସମସ୍ୟା ବିଷୟରେ ଅବଗତ କରାଯାଇଥିଲା। ଏହାର ସମାଧାନ ନିମନ୍ତେ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ସମୟରେ ସାଂସଦ ରୁଦ୍ରନାରାୟଣ ପାଣି ଏବଂ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। ମଙ୍ଗଳବାର ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏ ବାବଦ ଗୋଶାଳାକୁ ଅର୍ଥରାଶି ପ୍ରଦାନ କରାଯାଇଛି। ଦୀର୍ଘ ଦିନରୁ ଗୋଶାଳା ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା ବେଳେ ଏହି ଅର୍ଥରାଶି ନିଶ୍ଚିତ ଭାବେ ଗୋଶାଳାର ରକ୍ଷଣାବେକ୍ଷଣ ନିମନ୍ତେ ସହାୟକ ହେବ ବୋଲି କୁହାଯାଇଛି। ଏ ନେଇ ଗୋଶାଳା ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ, ସାଂସଦ ପାଣି, ବିଧାୟକ ପ୍ରଧାନ ଏବଂ ଅନୁଗୋଳ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ନିଟ ପରୀକ୍ଷାରେ ସଫଳ ବିକାଶଙ୍କୁ ସମ୍ବର୍ଦ୍ଧନା



କଣିହାଁ, ୧୮ ।୬ (ସମିସ): ଚଳିତ ବର୍ଷ ସର୍ବ ଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ)ରେ ସଫଳତା ହାସଲ କରିଥିବା ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ କାମରେଇ ପଞ୍ଚାୟତ ଦଣ୍ଡସିଂହା ଗ୍ରାମର ବିକାଶ ରଞ୍ଜନ ପରିଡ଼ାଙ୍କୁ ଅନୁଗୋଳ ଜିଲ୍ଲା ଉତ୍କଳ ଗୋପାଳ ସମାଜ ଓ କଣିହାଁ ବ୍ଲକ ଗୋପାଳ ସମାଜ ଶାଖା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଦଣ୍ଡସିଂହା ଗ୍ରାମର ବନମ୍ବର ପରିଡ଼ାଙ୍କ ବଡ଼ପୁଅ ବିକାଶ ଏନ୍‌ଟିପିସି ଦୀପଶିଖା ସ୍ୱରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ବେଳେ ଭୁବନେଶ୍ୱର ଓଡିଏମରେ +୨ ପରେ ନିଟ ପ୍ରବେଶିକା ପରୀକ୍ଷା ଦେଇଥିଲେ। ସେ ସର୍ବଭାରତୀୟ ସ୍ତରରେ ୧୪୮୫ ଓ ରାଜ୍ୟ ସ୍ତରରେ ୫୯୮ ଉତ୍ତୀର୍ଣ୍ଣ ହେଇଛନ୍ତି। ମଙ୍ଗଳବାର ଅପରାହ୍ନରେ ଗୋପାଳ ସମାଜ କର୍ମକର୍ତ୍ତା ତାଙ୍କ ବାସଭବନକୁ ଯାଇ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏଥିରେ ଉତ୍କଳ ଗୋପାଳ ସମାଜ ରାଜ୍ୟ ସଭାପତି ପ୍ରତାପ ଚନ୍ଦ୍ର ପରିଡ଼ା, ରାଜ୍ୟ ସମ୍ପାଦକ ବିଦ୍ୟାଧର ଭୂତିଆ, ଜିଲ୍ଲା ସଭାପତି ଚରଣ ବେହେରା, ଜିଲ୍ଲା ଉପଦେଷ୍ଟା ଗୋପାଳ ବେହେରା, ଜିଲ୍ଲା ସମ୍ପାଦକ ଜିତେନ୍ଦ୍ର ବେହେରା, ତାଳଚେର ବ୍ଲକ ସଂଗଠକ ରଜନୀକାନ୍ତ ବେହେରା, ପୂର୍ବତନ କମରେଇ ସରପଞ୍ଚ ଦୁଃଖବନ୍ଧୁ ଭୁତିଆ, କଣିହାଁ ବ୍ଲକ ସଭାପତି ଅଲେଖ ଭୁତିଆ, ଉତ୍କଳ ଗୋପାଳ ସମାଜର ବରିଷ୍ଠ ସଦସ୍ୟ ନିତ୍ୟାନନ୍ଦ ଭୁତିଆ, ମଦନ ମୋହନ ପରିଡ଼ା, ରାହାସ ପରିଡ଼ା, ଶିକ୍ଷକ ମୁନା ପରିଡ଼ା, ଗୋପାଳ ସମାଜର ଯୁବ ସଂଗଠକ ଧୀରେନ ପରିଡ଼ା, ରାମଚନ୍ଦ୍ର ବେହେରା, ହରେଶ ଭୁତିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ ଅଭିଯୋଗ

ବଇଣ୍ଡା, ୧୮ ।୬ (ସମିସ): କିଶୋରନଗର ବ୍ଲକ ତୁରୁଡ଼ା ଗ୍ରାମର କେଶବ ମାଝୀଙ୍କୁ ହଣ୍ଡପା ଥାନା କନ୍ଧରାମୁଣ୍ଡା ଗ୍ରାମର ପବିତ୍ର ସାହୁ ଟାଙ୍ଗିଆରେ ଆକ୍ରମଣ କରିଥିବା ମଙ୍ଗଳବାର କେଶବ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କେଶବଙ୍କ ଏକ ଛେଳିକୁ ପବିତ୍ର ଆଣିଥିଲେ। ଏ ନେଇ କେଶବ ପବିତ୍ରଙ୍କୁ ପଚାରିବାରୁ ଉକ୍ତ ଛେଳିକୁ କେହି ମାରି ଖାଇଦେଇଥିବା କହିଥିଲେ। ହେଲେ ଏହା ମିଛ ବୋଲି କେଶବ କହିବାରୁ ପବିତ୍ର ଉତକ୍ଷିପ୍ତ ହୋଇ ଟାଙ୍ଗିଆରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ମଦ୍ୟପ ଚାଳକ ଗିରଫ; ବାଇକ ଜବତ

ବଇଣ୍ଡା, ୧୮ ।୬ (ସମିସ): ଠାକୁରଗଡ଼ ଥାନା ପୁଲିସ ମଙ୍ଗଳବାର ରାତିରେ ଗାଡ଼ିମଟର ଯାଞ୍ଚ କରିଛି। ଏହି ସମୟରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ଆଠମଲ୍ଲିକ ବାହାଳି ଅଞ୍ଚଳର ଶାନ୍ତନୁ ବାଘଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କ ବାଇକ ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି।


**ଜରୁରୀ ସୂଚନା**

Lakheswar Agency ପକ୍ଷରୁ OSFDC Department ନାମରେ କୌଣସି Letter କାହାରିକୁ ଦିଆଯାଇ ନାହିଁ। ଯଦି କୌଣସି ଖଳ ପ୍ରକୃତିର ବ୍ୟକ୍ତି Lakheswar Agency ନାମରେ Letter କରୁଥାନ୍ତି, ତେବେ ତୁରନ୍ତ ମୋବାଇଲ୍ ନମ୍ବର 8280739643 ରେ ଯୋଗାଯୋଗ କରନ୍ତୁ।

*Managing Director*
Lakheswar Agency


### ପୁରୁଣାଗଡ଼ ରଥଯାତ୍ରା ପ୍ରସ୍ତୁତି ବୈଠକ


## ଶାନ୍ତିଶୃଙ୍ଖଳାର ସହ ଆୟୋଜନ ନେଇ ଆଲୋଚନା



ଅନୁଗୋଳ, ୧୮ ।୬ (ସମିସ)

ପୁରୁଣାଗଡ଼ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲ୍ଲାପାଳ ତଥା ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ମାୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଓ ମନ୍ଦିର ଉନ୍ନୟନ କମିଟି ସଦସ୍ୟ ଯୋଗଦେଇଥିଲେ। ରାଜାରାଜୁଡ଼ା ଅମଳରୁ ପୁରୁଣାଗଡ଼ରେ ରଥଯାତ୍ରା ପାଳିତ ହୋଇଆସୁଛି। ଆଗାମୀ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ପାଇଁ ଆଲୋଚନା ହୋଇଥିଲା। ରଥଯାତ୍ରା ପୂର୍ବରୁ ବଡ଼ଦାଣ୍ଡକୁ ସ୍ୱଚ୍ଛ, ନିର୍ମଳ ରଖିବାକୁ କୁହାଯାଇଥିଲା। ରଥଯାତ୍ରାର ୭ ଦିନ ପୂର୍ବରୁ ସମସ୍ତ କାର୍ଯ୍ୟ ସାରିବା ପାଇଁ ଉପଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିରଠାରୁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ରାସ୍ତା ମରାମତି, ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ପ୍ରାଥମିକ ସ୍ୱାସ୍ଥ୍ୟ ଶିବିର ଖୋଲିବା, ଚୋରାମଦ ରୋକିବା, ପୁଲିସ ଫୋର୍ସ ଓ ଆମ୍ବୁଲାନ୍ସ ମୁତୟନ ଏବଂ ବିଦ୍ୟୁତ୍ ସରବରାହ ଉନ୍ନତ କରିବା, ରାସ୍ତାକଡ଼ରେ ଦୁର୍ବଳ ବିଦ୍ୟୁତ ଖୁଣ୍ଟଗୁଡ଼ିକୁ ଅପସାରଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ହେରାପଞ୍ଚମୀ, ବାହୁଡ଼ା ଯାତ୍ରା ଓ ସୁନାବେଶ ଦିନ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସ୍ଥିର ହୋଇଛି। ଅନୁଗୋଳ ତହସିଲଦାର ଆଲୋକ ଦେହୁରୀ ସମସ୍ତ କାର୍ଯ୍ୟ ତଦାରଖ କରିବା ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନୁଗୋଳ ତହସିଲଦାର ଆଲୋକ ଦେହୁରୀ, ବନ୍ତଲା ଥାନା ଅଧିକାରୀ, ଆର ଆଣ୍ଡ ବି ଡିଭିଜନ ଏସ୍‌ଡିଓ, ଟିପିସିଓଡିଏଲ୍ ଏସଡିଓ, ଆରଡବ୍ଲ୍ୟୁଏସଏସ ଏସଡିଓ, ଅଗ୍ନିଶମ ଅଧିକାରୀ, ଅବକାରୀ ବିଭାଗ ଅଧିକାରୀ, ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ମନ୍ଦିର କମିଟି ତରଫରୁ ପ୍ରଶାନ୍ତ ପୃଷ୍ଟି, ସନାତନ ସାହୁ, ସୁନୀଲ ଦଳବେହେରା, ସହଦେବ ବେହେରା, ସୂର୍ଯ୍ୟାନନ୍ଦ ସିଂହ, ପ୍ରସନ୍ନ ସାହୁ, ଯଶୋବନ୍ତ ବେହେରା, ଗଦାଧର ମହାଖୁଡ଼ ଓ ମନ୍ଦିର ନିର୍ବାହୀ ଅଧିକାରୀ ରବିନାରାୟଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ. ଜରିଆ ମଦୁଲି

ତିରୋଧାନ : ୨୯.୦୬.୨୦୨୪

ଶ୍ରଦ୍ଧାବନତ ସହ
ପୁତ୍ର - କୃପାସିନ୍ଧୁ ମଦୁଲି
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

# ଜିଲ୍ଲା ସୀମାନ୍ତ ଗାଁରେ କେତେ ସୁରକ୍ଷିତ ଜଳଉତ୍ସ

- ବ୍ୟାପକ ସଚେତନତା ଲୋଡ଼ା
- ବିଶୋଧନ ହେଉନି ଟାଙ୍କିପାଣି

ରାଜକନିକା,୧୮।୬(ସମିସ)

ପଡ଼ୋଶୀ ଜାଜପୁର ଆଉ ଭଦ୍ରକ ଜିଲ୍ଲାରେ ଡାଇରିଆ ସଂକ୍ରମଣର ଚିଠା ଲମ୍ବି ଲମ୍ବି ଯାଉଥିବା ବେଳେ ରାଜକନିକା ବ୍ଲକର ସୀମାନ୍ତ ଗାଁଗୁଡିକରେ ବିଶେଷ କରି ପିଇବା ପାଣିର ମାନ କିଭଳି ରହିଛି ତାହା ଉପରେ ସ୍ୱାସ୍ଥ୍ୟ ବିଭାଗ ଏଯାଏ ଯାଞ୍ଚ ହୋଇ ନ ଥିବାରୁ ଲୋକଙ୍କ ଭିତରେ ଡାଇରିଆ, ଝାଡାବାନ୍ତି ନେଇ ଆତଙ୍କ ଖେଳିଯାଇଛି। ଯାଜପୁର ଜିଲ୍ଲାରସୀମାନ୍ତକୁଲାଗିରହିଥିବାପଧାନପଡା ପଞ୍ଚାୟତର ବାଲିସାହି, ବଡହଳପଡା, ସାର ହଳପଡା, ସିହୋପଡା ହାଟସାହି ପଞ୍ଚାୟତର ବଟରପଡା, ଗହମପାଳ, ଦୋମଣ୍ଡା ପଞ୍ଚାୟତର କନପୁର, ନହୁଣୀ ପଞ୍ଚାୟତ ପଙ୍କି ଗୋପାଳପୁର,ଶୁକଦେବପୁର, ଚରପଡା ପଞ୍ଚାୟତ ଠାକୁରାଣୀପାଳ, ପଣସଗଣ୍ଡ ପଞ୍ଚାୟତ ଫାଜିଲପୁର ଆଦି ଗାଁ ଗୁଡିକରେ ପିଇବା ପାଣିର ଉତ୍ସଗୁଡିକର ନିରୀକ୍ଷଣ ଏଯାବତ୍ ସଠିକ୍ ଭାବେ ହେଉ ନ ଥିବାରୁ ଝାଡାବାନ୍ତି ହେବାର ଆଶଙ୍କା ପ୍ରକାଶ ପାଉଛି। ବହୁ ସ୍ଥାନରେ ଓଭରହେଡ୍ ଟାଙ୍କିର ପାଣି ଲୋକେ ବ୍ୟବହାର କରୁଥିଲେ ବି ପାଣି କେତେ ସୁରକ୍ଷିତ ରହିଛି ସେନେଇ ଅଭିଯୋଗ ହେଉଛି। ଗାଁକୁ ଗାଁ ବିଛା ଯାଇଥିବା ପାଇପ୍ ବି ଫାଟି ବାହାରର ଦୂଷିତ ପାଣି ମିଶୁଥିଲେ ବି ତାହା ପ୍ରତି ମଧ୍ୟ କାହର ନଜର ନାହିଁ। ଏମିତିକି ସେ ଦୂଷିତ ପାଣିକୁ ଲୋକେ ବାଧ ହୋଇ ବ୍ୟବହାର କରୁଛନ୍ତି। ବାଲିସାହିରେ ମଧ୍ୟ ଏକ ସୋଲାର ଟାଙ୍କି ଖୋଲାମେଲା ଥିବାରୁ ସେଥିରେ ପକ୍ଷୀର ମଳ, ପତ୍ର ପଡି ପାଣି ଅବସ୍ଥା ଶୋଚନୀୟ। ଯେହେତୁ ଏଇ ଗାଁଗୁଡିକ ସୀମାନ୍ତ ଗାଁ ହୋଇଥିବାରୁ ପଡୋଶୀ ଜିଲ୍ଲାର ଲୋକମାନଙ୍କ ଯାଆସ ଲାଗି ରହି ଥିବା ବେଳେ ସଂକ୍ରମଣର ଭୟ ରହିଛି। ପ୍ରତି ଗ୍ରାମରେ ଗାଁ କଲ୍ୟାଣ ସମିତି ନାମରେ ଗାଁର ସ୍ୱଚ୍ଛତା, ନଳକୂପ ସହିତ ପାଣିର ଉତ୍ସଗୁଡିକର ସଫାସୁତୁରା ରଖିବାର ବ୍ୟବସ୍ଥା ରହିଥାଏ। ଏଥିପାଇଁ ଆର୍ଥିକ ପ୍ରୋତ୍ସାହନର ବି ବ୍ୟବସ୍ଥା ରହିଛି। କିନ୍ତୁ ସବୁଠି ଗାଁ କଲ୍ୟାଣ ସମିତିର ଟଙ୍କା ବାଟ ମାରଣା ହେଉ ଥିବାରୁ ତାହା ଫଳପ୍ରଦ ହୋଇ ପାରୁନି। ଏମିତିକି ଜଳ ଉତ୍ସଗୁଡିକରେ କେବେ ବି ବିଶୋଧନ କରା ଯାଉନି କି ବ୍ଲିଚିଙ୍ଗ୍ ପାଉଡର ମୁଠେ ପଡିବାର ନଜିର ନାହିଁ। ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ବି ସୀମାନ୍ତ ଅଞ୍ଚଳ ବୁଲିବାର ଦେଖା ଯାଉନି କି ଆସନ୍ନ ଡାଇରିଆ, ଝାଡାବାନ୍ତି ଜନିତ ସଂକ୍ରମଣର ସଚେତନ କରୁନାହିଁ ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବାଦଲ ମହାନ୍ତିଙ୍କୁ ପଚାରିବାରୁ ସେଠାକାର ସ୍ୱସ୍ଥ୍ୟକର୍ମୀ ବିଭିନ୍ନ ଜଳଉତ୍ସରେ ପ୍ରତିଶେଷଧମୂଳକ ଭାବେ ବ୍ଲିଚିଙ୍ଗ୍ ଆଉ ହାଲୋଜିନ୍ ବଟିକା ଦେଇ ବିଶୋଧନ କରୁଛନ୍ତି ବୋଲି କହିଥିଲେ। କଣ୍ଡିଆ ପ୍ରାଥମିକ ସ୍ୱସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଅଫିସର ଅମର ପାଲ କହିଛନ୍ତି, ଏଯାବତ୍ କୈଣସୀ ସଂକ୍ରମିତ ରୋଗୀ ଏଠାରେ ନାହାନ୍ତି ତଥାପି ଆମେ ପରିଷ୍କାର ପରିଛନତା ଉପରେ ପଦକ୍ଷେପମାନ ନେଉଛୁ।

## ଥମୁନି ଡାଇରିଆ; ବୃଦ୍ଧ ମେଡିକାଲରେ ଭର୍ତ୍ତି

ଡେରାବିଶ, ୧୮।୬(ସମିସ): ଡେରାବିଶରେ ଡାଇରିଆ ଥମିବା ନାଁ ଧରୁନି। ଗତ ଚାରିଦିନ ହେଲା ଡେରାବିଶ ବ୍ଲକ ଏଣ୍ତର ପଞ୍ଚାୟତର ଶ୍ୟାମସୁନ୍ଦରପୁର ଗ୍ରାମରେ ଡାଇରିଆ ତାର ପ୍ରଭାବ ବିସ୍ତାର କରି ରଖିଛି। ଡାଇରିଆରେ ଏହି ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ଜଣ ଆକ୍ରାନ୍ତ ହୋଇ ମେଡ଼ିକାଲରୁ ଭଲ ହୋଇ ଫେରିଛନ୍ତି। ଏହି ଗ୍ରାମରେ ଅସ୍ଥାୟୀ ଡାକ୍ତରଖାନା ଖୋଲାଯାଇ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷଣ ନଜର ରଖାଯାଇଛି। ଗ୍ରାମର ଜଣେ ୯୦ ବର୍ଷ ବୟସ୍କ ବୃଦ୍ଧ ନିଳମ୍ବର ମଲିକଙ୍କ ଝାଡ଼ାବାନ୍ତି ହେଉଥିବରୁ ତାଙ୍କୁ ଛଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସେ ସେଠାରୁ ସୁସ୍ଥ ଅନୁଭବ କରିବାରୁ ତାଙ୍କ ପରିବାର ଲୋକ ଘରକୁ ନେଇ ଆସିଥିଲେ। ହେଲେ ହଠାତ୍ ଅପରାହ୍ନରେ ସେ ପୁନର୍ବାର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ୧୦୮ ଯୋଗେ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି।

## ବିଦ୍ୟୁତ ଆଘାତରେ ପମ୍ପ ଅପରେଟର ମୃତ



କେନ୍ଦ୍ରାପଡ଼ା,୧୮।୬(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚକ୍ରୋଡା ପଞ୍ଚାୟତ ନରିଲୋ ଗାଁରେ ପାଣି ପାଇପ୍ ମରାମତି ସମୟରେ ବିଦ୍ୟୁତ ଆଘାତରେ ପାଣି ପମ୍ପ ମିସ୍ତ୍ରିଙ୍କର ମୃତ୍ୟୁ ଘଟିଛି। ମୃତ ମିସ୍ତ୍ରି ନରିଲୋ ଗାଁର ହରିହର ମଲିକ(୩୩)। ଏହି ଅଘଟଣ ନରିଲୋ ଗାଁରେ ଥିବା ଆୟୁଷ୍ମାନ୍ ଆରୋଗ୍ୟ କେନ୍ଦ୍ରରେ ଘଟିଛି। ହରିହର ଏହି ପଞ୍ଚାୟତ ଅଧିନରେ ପମ୍ପ ଅପରେଟର(ଏସଇଏମ) ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ସକାଳ ପ୍ରାୟ ସାଢେ ୧୦ଟାରେ ହରିହର ପଞ୍ଚାୟତରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଛାତ ଉପରେ ଥିବା ପାଣି ଟାଙ୍କି ସଫା କରୁଥିଲେ। ସେହି ଛାତ ଉପରେ ନୂତନ ନିର୍ମାଣାଧୀନ ଆରୋଗ୍ୟ କେନ୍ଦ୍ରକୁ ଜଣେ ଠିକାଦାର ଚୋରାରେ ବିଦ୍ୟୁତ ସଂଯୋଗ ନେଇଥିଲେ। ଏନେଇ କୌଣସି ସୁରକ୍ଷା ବ୍ୟବସ୍ଥା ସେ କରି ନଥିଲେ ହରିହର ପାଣି ଟାଙ୍କି ସଫା କରୁଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛାତ ଉପରେ ଜମିଥିବା ବର୍ଷା ପାଣିରେ ପଡ଼ିଯାଇଥିଲେ। ପରେ ବିଦ୍ୟୁତ ସଂଯୋଗ ବିଛିନ୍ନ କରାଯାଇ ହରିହରଙ୍କୁ ସେଠାରୁ ଉଦ୍ଧାର କରାଯାଇ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଗ୍ରାମବାସୀ ମୃତଦେହକୁ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ସଂପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ଓ ପତ୍ନୀଙ୍କୁ ଚାକିରି ମିଳିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ହରିହରଙ୍କ ଏକ ୬ ବର୍ଷର ପୁଅ ଓ ୩ ବର୍ଷର ଝିଅ ଅଛନ୍ତି।

## ଆଦର୍ଶ ଶିକ୍ଷକ କାଳନ୍ଦୀ ଚରଣ ନାୟକଙ୍କ ସ୍ମୃତିସଭା

ଗୋବିନ୍ଦପୁର,୧୮।୬(ସମିସ): ଆଳି ବ୍ଲକ ଅନ୍ତର୍ଗତ ଅରଗଳ ଶାସନ ଗ୍ରାମର ଆଦର୍ଶ ଶିକ୍ଷକ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ କାଳନ୍ଦୀ ଚରଣ ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ ଶିକ୍ଷାବିତ ନାରାୟଣଚନ୍ଦ୍ର ଧଳ, ପିତାମ୍ବର ନାୟକ, ନାଗରିକ ମଞ୍ଚ ସଂପାଦକ ସୁଶାନ୍ତ ନାୟକ, ନିରଂଜନ ଦାସ, ନାରାୟଣଚନ୍ଦ୍ର ଦାସ, ମେଘନାଦ ମହାଲିକ, ମନୋରଞ୍ଜନ ଜେନା, ନିଖିଳ ସାମଲ, ନରେନ୍ଦ୍ର ବଳ, ନିରଂଜନ ବେହେରା, ଗଦାଧର ପଢ଼ିହାରି, ଗୋପୀନାଥ ପଣ୍ଡା, ସୁନାକର ପଣ୍ଡା, ଅନଙ୍ଗ ଉଦୟ ବେଉରିଆଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ ସ୍ମରଣିକା ପୁସ୍ତକ ସ୍ମୃତିଶିଖା ଉନ୍ମୋଚନ



ବଟକୃଷ୍ଣ ପଣ୍ଡା, ଦେଶାହି ସମିତିସଭ୍ୟ କୈଳାସ ବେହୁରିଆ, ସିଂହପୁର ବରିଷ୍ଠ ହୋଇଥିଲା। ଶିକ୍ଷାବିତ୍ ଯଶୋବନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ଓ ଯୁବକଙ୍କୁ ସଶକ୍ତ କରିବା ପାଇଁ କୁଟୀର ଶିଳ୍ପ ପ୍ରଦର୍ଶନୀ ମେଳା



ପଟ୍ଟାମୁଣ୍ଡାଇ/ମାଳିପୁର, ୧୮।୬(ସମିସ): ଆକ୍ସନ ଏଡ୍, ମୁକୁଳ ମହାଦେବ ଫାଉଣ୍ଡେସନ ଓ ଫିନୋଲେକ୍ସ ଇଣ୍ଡଷ୍ଟ୍ରି ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡାମରପୁରଠାରେ ମହିଳା ଓ ଯୁବକଙ୍କ ସଶକ୍ତ ହେବାର ସ୍ୱପ୍ନକୁ ସାକାର କରିବା ଓ ଜୀବନ ଧାରଣର ମାନରେ ଉନ୍ନତି ଆଣିବା ପାଇଁ ଏକ କୁଟୀର ଶିଳ୍ପ ମେଳା ଆୟୋଜନ କରାଯାଇଥିଲା। ଏହି ପ୍ରଦର୍ଶନୀ ଓ ମେଳାକୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଉଦଘାଟନ କରିଥିଲେ। ଏଥିରେ ଡାମରପୁର ସରପଞ୍ଚ ପ୍ରତିନିଧି ବସନ୍ତ ନାଥ, ସମିତିସଭ୍ୟା ନିରୁପମା ସାହୁ, ପୂର୍ବତନ ସରପଞ୍ଚ ନୃସିଂହ ସାହୁ, ଆକ୍ସନ ଏଡ ସହକାରୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର ଓ ପ୍ରୋଗ୍ରାମ ଲିଡର ଶୁଭେନ୍ଦୁ ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆକ୍ସନ ଏଡ ପ୍ରୋଜେକ୍ଟ ଟିମ ଲିଡର ସୁଶ୍ରୀ ସଂଗୀତା ବଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସଂଯୁକ୍ତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି କୁଟୀର ଓ ମଧ୍ୟମ ଶିଳ୍ପ ପ୍ରଦର୍ଶନୀ ଓ ମେଳାରେ ବିଭିନ୍ନ ସଂସ୍ଥାର ଷ୍ଟଲ ସହିତ ସ୍ଥାନୀୟ ଉତ୍ପାଦକ ଗୋଷ୍ଠୀର ବିଭିନ୍ନ ସାମଗ୍ରୀର ଷ୍ଟଲ ସ୍ଥାନ ପାଇଥିଲା। ସବିତା ରାଉତଙ୍କ ସମେତ ଆକ୍ସନ ଏଡ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ବଉଳଯୋଡ଼ି ଗୋଷ୍ଠୀ ସଂଘର୍ଷ ଘଟଣାରେ ପୁଲିସ ମୁତୟନ



ଆଳି,୧୮।୬(ସମିସ): ଆଳି ଥାନା ବଉଳଯୋଡ଼ି ଗ୍ରାମରେ ପୂର୍ବ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ଗତକାଲି ସନ୍ଧ୍ୟାରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଫଳରେ ବୁଧବାର ମଧ୍ୟାହ୍ନ ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ଆରକ୍ଷୀ ଅଧିକାରୀ ସିଦ୍ଧାର୍ଥ କଟାରିଆ, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା ଓ ଆଳି ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ୍ତ ପ୍ରମୁଖ ଏକ ଟିମ ଗଠନ କରି ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବଉଳଯୋଡ଼ି ଗ୍ରାମର ପ୍ରଶାନ୍ତ ବିଶ୍ୱାଳଙ୍କ ଏତଲା ଅନୁଯାୟୀ ତାଙ୍କ ସାନ ଭାଇ ଘରେ ଥିବା ସମୟରେ ଆଳି ଥାନା ଟୁଙ୍ଗା ପଞ୍ଚାୟତର କିଛି ଯୁବକ ତାଙ୍କୁ ଲୁହା ରଡ଼, ଭୁଜାଲି ଓ ଖଣ୍ଡା ଇତ୍ୟାଦି ମାରଣାସ୍ତ୍ରରେ ଅତର୍କିତ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଆଳି ଅଞ୍ଚଳରେ ଗତକାଲି ସନ୍ଧ୍ୟାଠାରୁ ଚାପା ଉତ୍ତେଜନା ଲାଗି ରହିଛି। ଅପରପକ୍ଷେ ଆଳି ଏଣ୍ଡୋଳ ଗ୍ରାମର ତଥା ଟୁଙ୍ଗା ପଞ୍ଚାୟତ ସରପଞ୍ଚ ମଧୁସ୍ମିତା ପୁହାଣଙ୍କ ଏତଲାନୁଯାୟୀ, ତାଙ୍କ ସ୍ୱାମୀ ପ୍ରୀତିରଞ୍ଜନ ପୁହାଣଙ୍କ ଆଳି ଡାକବଙ୍ଗଳା ଛକ ନିକଟରେ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ବାଉଳଯୋଡ଼ି ଗ୍ରାମର ଧୀରେନ୍ଦ୍ର ବିଶ୍ୱାଳଙ୍କ ଘରେ ଏକ କାର୍ଯ୍ୟକ୍ରମକୁ ପହଞ୍ଚିବା କ୍ଷଣି ପୂର୍ବରୁ ଯୋଜନାବଦ୍ଧ ଭାବେ କିଛି ଯୁବକ ଅତର୍କିତ ମରଣାନ୍ତକ ଆକ୍ରମଣ କରିବା ସହ ସେମାନେ ଆଦାୟ କରିଥିବା ୭୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ୪ଟି ଗାଡ଼ିକୁ ଭାଙ୍ଗି ଦେଇଥିଲେ। ପରେ ପ୍ରୀତିରଞ୍ଜନଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରି ଗାଡିଟିକୁ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ତାଙ୍କୁ ବର୍ତ୍ତମାନ କଟକ ମେଡିକାଲରେ ଭର୍ତ୍ତି କରାଯିବା ସହ ଆଳି ଥାନାରେ ଅଭିଯୋଗ କରାଯାଇଛି। ଅନ୍ୟ ଏକ ଏତଲାକ୍ରମେ, ଆଳି ମୂଳସାହି ଗ୍ରାମର କଳିଙ୍ଗ ସେନାପତିଙ୍କୁ ବଉଳଜୋଡ଼ି ଛକ ନିକଟରେ କିଛି ଯୁବକ ହଠାତ ଅତର୍କିତ ମରଣାନ୍ତକ ଆକ୍ରମଣ କରିଥିଲେ। ଗ୍ରାମର କିଛି ଯୁବକ ଘଟଣାସ୍ଥଳକୁ ଯାଇ ତାଙ୍କୁ ଉଦ୍ଧାର କରିବା ସମୟରେ ତାଙ୍କୁ ମଧ୍ୟ ଆକ୍ରମଣ ହୋଇଥିବା ନେଇ ସେ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଏନେଇ ଆଳି ଥାନାରେ ଉଭୟ ପକ୍ଷରୁ ଦୁଇଟି ମାମଲା ହୋଇଥିବା ବେଳେ ଆଳି ଓ ଗୋବିନ୍ଦପୁର ମେଡିକାଲରେ ମୋଟ ୧୨ ଜଣ ଆହତଙ୍କ ସହ ଦୁଇ ଜଣ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଉକ୍ତ ଘଟଣା ଉପରେ ପୁଲିସ ନଜର ରଖିଛି।

## ଟିମ୍ ରାଜନଗର ପକ୍ଷରୁ ପଣ୍ଡିତ ନେହରୁ ଛାତ୍ର ପ୍ରତିଭା ସମ୍ମାନ ପ୍ରଦାନ



ରାଜନଗର,୧୮।୬(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ଟିମ୍ ରାଜନଗର ପକ୍ଷରୁ ସ୍ଥାନୀୟ କେସି ମଣ୍ଡପଠାରେ ପଣ୍ଡିତ ନେହେରୁ ଛାତ୍ର ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଯୁବ ସମାଜସେବୀ ପ୍ରଶାନ୍ତ ରାଉତଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସ, ମୁଖ୍ୟବକ୍ତା ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ଅଧ୍ୟାପକ ସତ୍ୟବାଦୀ ଜେନା, ସମ୍ମାନିତ ଅତିଥି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ଜେନା, ବିଶିଷ୍ଟ ଅତିଥି ସାମ୍ବାଦିକ ଓ ଲେଖକ, ଓଡ଼ିଶା ମିରର୍ ସମ୍ପାଦକ ଦିଲ୍ଲୀପ ବିଶ୍ୱାଳ, ଅବସରପ୍ରାପ୍ତ ସେନା ଅଧିକାରୀ ଅଚ୍ୟୁତାନନ୍ଦ ପ୍ରଧାନ, ଅନ୍ୟତମ ଅତିଥି ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ଜଗନ୍ନାଥ ଦାସ, କଟକ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ ସଭାପତି ଅରୁଣ ସାହୁ, ବରିଷ୍ଠ ନେତା ଦାମୋଦର ବିଶ୍ୱାଳ, ମହୁଲିଆ ପଞ୍ଚାୟତ ସମିତିସଭ୍ୟ ସଂଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ପରାମର୍ଶ ଦେଇଥିଲେ। ଏ ଅବସରରେ ଦଶମ ଶ୍ରେଣୀରେ ଜିଲ୍ଲାରେ ପ୍ରଥମ ହେଇଥିବା ଶୁଭମ୍ ଜ୍ୟୋତି ରାଉତ, ରାଜନଗର ବ୍ଲକର ପ୍ରଥମ ଆଦ୍ୟାଶା ପରିଡା, ଦିତୀୟ ଅନୁଶ୍ରୀ ଜେନା, ତୃତୀୟ ସିଦ୍ଧାର୍ଥ ପ୍ରିୟଦର୍ଶୀ ରାଉତ, +୨ ବିଜ୍ଞାନରେ ଦିତୀୟ ସ୍ଥାନ ଅଧିକାର କରିଥିବା ବିନିଶା ପ୍ରିୟଦର୍ଶିନୀ, +୨କଳାରେ ବ୍ଲକ୍‌ରେ ପ୍ରଥମ ସବିତା ଜେନା, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ପ୍ରଥମ ଅଚିତା ସାହୁ, ନଳିନୀକାନ୍ତ ମହାବିଦ୍ୟାଳୟର ସ୍ୱର୍ଣ୍ଣଲତା ରାଉତ, ସପନେଶ୍ୱର ମହାବିଦ୍ୟାଳୟର ପ୍ରଥମ ରାଜାଦୀପି ସୂତାର, +୨ବିଜ୍ଞାନ ବ୍ଲକ୍‌ର ପ୍ରଥମ ଶୁଭସ୍ମିତା ରାଉତ, ବାଣିଜ୍ୟ ବ୍ଲକ ଟପ୍ପର ପ୍ରଭାତ ବାରିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ର ନେତା କୈଳାସ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ନେତା ସୁଶୀଲ ପ୍ରଧାନ, ସୌରଭ ଜେନା, ପ୍ରଭାତ ପ୍ରଧାନ, ରମାକାନ୍ତ ଜେନା, ସ୍ନେହାଶିଷ ଜେନା, ପ୍ରିୟରଞ୍ଜନ ରାଉତ, ବାଦଲ ଜେନା, ଶଶଧର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

### ଯୁବକ ନିଖୋଜ

ରାଜକନିକା,୧୮।୬(ସମିସ): ରାଜକନିକା ଥାନା କଣ୍ଡିଆ ହାଟ ଫାଣ୍ଡି ଅନ୍ତର୍ଗତ ଦେଉଳତରା ପଞ୍ଚାୟତ ବରିପଡା(ମୁରାଦପୁର) ଗାଁର ଅଶୋକ ପଣ୍ଡାଙ୍କ ବଡ଼ପୁଅ ଅମୂଲ୍ୟ ଓରଫ ଅମୁଲି (୩୨) ଏପ୍ରିଲ ୮ ତାରିଖରୁ ନିଖୋଜ ଅଛନ୍ତି। ଏନେଇ କଣ୍ଡିଆ ହାଟ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି ମାଆ ସୀତା ପଣ୍ଡା। ପୁଅ ଗଲା ବେଳେ ସବୁଜ ରଙ୍ଗର ପୋଷାକ ଆଉ କଳା ରଙ୍ଗର ପ୍ୟାଣ୍ଟ ପିନ୍ଧିଥିଲା ବୋଲି ଦର୍ଶାଯାଇଛି। ଯଦି କେହି ସନ୍ଧାନ ପାଆନ୍ତି ତେବେ ରାଜକନକା ଥାନା କିମ୍ବା ସୀତା ପଣ୍ଡାଙ୍କୁ ପୋଷ୍ଟ-ଦେଉଳତରା, ପିନ୍-୭୫୪୦୧୬ରେ ଯୋଗାଯୋଗ କରିବାକୁ ନିବେଦନ କରିଛନ୍ତି ମାଆ।

### 'ମାଆଙ୍କ ପାଇଁ ଗଛଟିଏ' ପାଇଁ ଚାରା ବଣ୍ଟନ

ରାଜନଗର,୧୮।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସାରା ଦେଶରେ ଗାଁଠୁ ସହର ଯାଏ ବ୍ୟାପକ ବୃକ୍ଷ ରୋପଣ ପାଇଁ ଆହ୍ୱାନ ଦେଇଛନ୍ତି। ରାଜନଗର ବନ ବିଭାଗ ପକ୍ଷରୁ ସାଗର ତଟବର୍ତ୍ତୀ ସାତଭାୟାଠାରୁ ଆରମ୍ଭ କରି ଗୁପ୍ତି, ଡେରା, ହାତିନା, କୁରୁଣ୍ଟି, ବଣିତରଗଡ଼, କଣ୍ଡିରା, ବେଲପାଳ, ଓସ୍ତିଆ, ବନ୍ଧପଡା ଆଦି ପଞ୍ଚାୟତରେ ଭ୍ରାମମାନ ଗାଡ଼ି ଦ୍ୱାରା ଲୋକଙ୍କୁ ମାଗଣାରେ ଚାରା ବଣ୍ଟନ କରାଯାଉଛି। ରାଜନଗର ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ ନିର୍ଦ୍ଦେଶ ଓ ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରାଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ବିଜୟ କୁମାର ପାତ୍ର, ବିଭୁତି ଭୂଷଣ ତରାଇ, ରଞ୍ଜିତ ରାଉତ, ତ୍ରିଦୀପ ପ୍ରଧାନ, ବିଶ୍ୱ ରଂଜନ ତରାଇ ଓ ୧୦ ଜଣ ବନ ବିଭାଗର କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ମଙ୍ଗଳପୁର ସାଇଫନ୍ କାର୍ଯ୍ୟ ତଦାରଖ କଲେ ପାଟକୁରା ବିଧାୟକ

ପଞ୍ଚୁପାଣ୍ଡବ,୧୮।୬(ସମିସ)



ଡେରାବିଶ ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର ବଳମଙ୍ଗଳପୁର ଗ୍ରାମ ଘେରି ଅଞ୍ଚଳରେ ଜଳସମ୍ପଦ ବିଭାଗ ପକ୍ଷରୁ ଉଦବୃତ୍ତ ଜଳ ନିଷ୍କାସନ ନିର୍ମାଣାଧୀନ ସାଇଫନ କାର୍ଯ୍ୟକୁ ପାଟକୁରା ନିର୍ବାଚନ ମଣ୍ଡଳୀର ବିଧାୟକ ଅରବିନ୍ଦ ମହାପାତ୍ର ତଦାରଖ କରିଥିଲେ। ଏବେ ମଙ୍ଗଳପୁର ଘେରିରେ ଜଳ ନିଷ୍କାସନ ପାଇଁ ସାଇଫନ୍ ନିର୍ମାଣର ଅର୍ଥ ମଞ୍ଜୁର ହୋଇଥିବା ବେଳେ କାର୍ଯ୍ୟ ଚାଲୁ ରହିଛି। ଏହି ଗ୍ରାମରେ ବର୍ଷାଦିନ ହେଲେ ଘେରି ଭିତରେ ରହୁଥିବା ପ୍ରାୟ ୨୫୦ ଘର ପରିବାର ଲୋକେ ଜଳବନ୍ଦୀ ହୋଇ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଆଗରୁ ଏହି ଜାଗାରେ ବ୍ରିଟିଶ ଅମଳରେ ଘେରିରୁ ଜଳ ନିଷ୍କାସନ ପାଇଁ ଏକ ସାଇଫନ୍ ତିଆରି ହୋଇଥିଲା କିନ୍ତୁ ଗତ ବନ୍ୟାରେ ପାଣି ନିଷ୍କାସନ ପାଇଁ ସମସ୍ୟା ଭୋଗିବାକୁ ପଡ଼ିଥିଲା ବୋଲି ଗ୍ରାମର ସମାଜସେବୀ ସୁଧୀର ଭୂୟାଁ କହିଛନ୍ତି। ଏହି ସାଇଫନ୍ କାର୍ଯ୍ୟ ଶୀଘ୍ର ସରିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଝାଡାବାନ୍ତି ଆକ୍ରାନ୍ତକୁ ନେଇ ବେଣୀପୁର, ମଙ୍ଗଳପୁର ଓ କୁରୁଜଙ୍ଗା ପଞ୍ଚାୟତ ବୁଲି ସ୍ଥିତି ସମୀକ୍ଷା କରିଥିବା ବେଳେ ଲୋକମାନଙ୍କୁ ସଚେତନ କରିଥିଲେ। ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ ଉପାଧ୍ୟାୟ, ଯୋଗାନନ୍ଦ ମହାନ୍ତି, ସୁକାନ୍ତ ଦ୍ୱିବେଦୀ ଓ ସୁଧୀର ଖଟୁଆ ଉପସ୍ଥିତ ଥିବା ବେଳେ ପ୍ରକାଶଚନ୍ଦ୍ର ସାହୁ, ଅନାଦି ଚରଣ ବେହୁରା, ପ୍ରଶାନ୍ତ ସାମଲ, ବାବାଜୀ ନାୟକ, ପିତାମ୍ବର ପାଣ୍ଡବ, ସେକ ରିଆସତ୍, ଶିଶିର ମଳିକ, ବୃନ୍ଦାବନ ମଣ୍ଡଳ ଏବଂ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ।

### ବିଭିନ୍ନ ପଞ୍ଚାୟତରେ ଝାଡ଼ାବାନ୍ତି ସ୍ଥିତିର ସମୀକ୍ଷା

● ଜିଲ୍ଲାସ୍ତରୀୟ ବିକାଶ ମେଳା

## ସଫଳତା ବଖାଣିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ



କେନ୍ଦ୍ରାପଡ଼ା,୧୮।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ବିଭିନ୍ନ ଉପଲବ୍ଧିକୁ ଲୋକଙ୍କ ପାଖକୁ ପହଞ୍ଚାଇବା ଉଦ୍ଦେଶ୍ୟ ନେଇ ଗତ ୧୨ ତାରିଖଠାରୁ ଆୟୋଜିତ ହେଉଥିବା ବିକାଶ ମେଳା କାର୍ଯ୍ୟକ୍ରମର ଶେଷ ଦିନରେ ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ତଥା ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଛନ୍ତି। ବୁଧବାର ପୂର୍ବାହ୍ନରେ ମାଉସୀମା ମନ୍ଦିରରେ ନିକଟରେ ଆୟୋଜିତ ହେଉଥିବା ବିକାଶ କାର୍ଯ୍ୟକ୍ରମରେ ମହାକାଳପଡା ବିଧାୟକ ଡି. ଦୁର୍ଗାପ୍ରସନ୍ନ ନାୟକ, ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକ ମଞ୍ଚାସୀନ ଥିଲେ। ମହାକାଳପଡା ବିଧାୟକ ପ୍ରସ୍ତୁତ କରିଥିବା ବର୍ଷକର ଶ୍ୱେତପତ୍ର ପୁସ୍ତକକୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ। ମନ୍ତ୍ରୀ କହିଛନ୍ତି, ଡବଲ ଇଞ୍ଜିନ ସରକାର ଯାହା ପ୍ରତିଶ୍ରୁତି ଦେଇଛନ୍ତି ତାକୁ ଅକ୍ଷର ଅକ୍ଷରେ ପାଳନ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସରକାରଙ୍କ ତରଫରୁ ଅନେକ ପ୍ରକଳ୍ପ ହାତକୁ ନିଆଯାଉଛି। ଆପଣ ମାନେ ଆଉ ଅଳ୍ପ ଦିନ ମଧ୍ୟରେ ଜାଣିପାରିବେ। ଆମେ ଆଗକୁ ମଧ୍ୟ କାର୍ଯ୍ୟ ଜାରିରଖିବୁ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିବା ବେଳେ ମୃତ୍ୟୁ କାଳୀନ ସହାୟତା, ବିବାହ ସହାୟତା, ଶିକ୍ଷା ସହାୟତା, ନୂତନ ଶ୍ରମିକ କାର୍ଡ ବଣ୍ଟନ କରିଥିଲେ। ଜିଲ୍ଲାସ୍ତରୀୟ ଆୟୋଜିତ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ଶ୍ରେଷ୍ଠ ୩ ଗୋଷ୍ଠୀକୁ ପୁରସ୍କାର ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ ଓଡ଼ିଶା ଭିଜନ କର୍ମଶାଳା



କେନ୍ଦ୍ରାପଡ଼ା,୧୮।୬(ସମିସ): ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ବିକଶିତ ଓଡିଶା ପାଇଁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିଲେ। ମହାକାଳପଡା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ ଓ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ପଞ୍ଚାୟତସମିତି, ପୌରାଞ୍ଚଳର ଅଧ୍ୟକ୍ଷ-ଅଧ୍ୟକ୍ଷା ସମେତ ଅନ୍ୟ ନିର୍ବାଚିତ ପ୍ରତିନିଧି, ଜିଲ୍ଲା, ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ମା'ହରଚଣ୍ଡୀ ରଜ ମହୋତ୍ସବ ଉଦ୍‌ଯାପିତ

ମାର୍ଶାଘାଇ,୧୮।୬(ସମିସ): ମାର୍ଶାଘାଥ ବ୍ଲକ ପିକରାଳି-କଣ୍ଡାଗୋବିନ୍ଦ ସିଦ୍ଧମୁନି ଆଶ୍ରମରେ ମା'ହରମଚଣ୍ଡୀ ରଜ ମହୋତ୍ସବ-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ସରୋଜକାନ୍ତ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଚିତ୍ରୋତ୍ପଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ପ୍ରିୟନାଥ ମହାନ୍ତି, ମୁଖ୍ୟବକ୍ତା ମାର୍ଶାଘାଇ ମହାବିଦ୍ୟାଳ ଅଧ୍ୟାପକ ସୁକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଶିକ୍ଷାବିତ ମୁରଲୀଧର ଦାସ, ଶିକ୍ଷୟିତ୍ରୀ ଚିନ୍ମୟି ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ। କମିଟି ପକ୍ଷରୁ ମୁଖ୍ୟ ଅତିଥି ଅଧ୍ୟାପକ ଶ୍ରୀ ମହାନ୍ତି ଓ ମୁଖ୍ୟବକ୍ତା ଅଧ୍ୟାପକ ଶ୍ରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସଦସ୍ୟ ସରୋଜକାନ୍ତ ବାରିକ ରଜ ମଜା ଆଜି ଆସିଛି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପୁଚି ଖେଳରେ ଶ୍ରୁତିରେଖା ଦାସ, ବାହୁନାରେ ରେବତୀ ବାରିକ, ହୁଳହୁଳୀରେ ସସ୍ମିତା ଦାସ, ଶଙ୍ଖଫୁଙ୍କାରେ ସ୍ୱାଗତିକା ବାରିକ, ଅଙ୍କ ଦୌଡରେ



ନବୀନ ସାହୁ, ମ୍ୟୁଜିକ୍ ଚେୟାରରେ ସୁଜାତା ବାରିକଙ୍କ ସମତେ ଦୌଡ଼, ବାଗୁଡି, ଅଖାଦୌଡ଼ କୃତୀ ପ୍ରତିଯୋଗୀଙ୍କୁ ପରସ୍କୃତ କରାଯାଇଥିଲା। ସୁଶ୍ରୀ ନିବେଦିତା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶ୍ରାବଣୀ ଶ୍ରଦ୍ଧାଞ୍ଜଳି ସାହୁ, ଓମ୍ ଶଉମ୍ ମିଶ୍ର, ସିତୁପୂର୍ଣ୍ଣା ସାହୁ, ଶଶିକାନ୍ତ ନାୟକ, ଜିତୁ ରଞ୍ଜନ ସାହୁ, ସୌମ୍ୟରଞ୍ଜନ ନାୟକ ତନୁଶ୍ରୀ ଲେଙ୍କାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


### ଭଗବତୀ ମନ୍ଦିର ନିକଟରେ ସପ୍ତାହ ପୁରାଣ

ପଞ୍ଚୁପାଣ୍ଡବ,୧୮।୬(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମର ମା' ଭଗବତୀ ମନ୍ଦିର ନିକଟରେ ସପ୍ତାହ ପାଳନ ହେଉଛି। ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା ବେଳେ ପ୍ରତି ସନ୍ଧ୍ୟାରେ ଭଜନ କୀର୍ତ୍ତନ ପରିବେଷଣ ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକୁ ଗ୍ରାମବାସୀ ସହଯୋଗ କରିଥିଲେ।

### ଦାନପୁରରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ

ଡେରାବିଶ,୧୮।୬(ସମିସ): ଡେରାବିଶ ବ୍ଲକ୍ ଅଧୀନସ୍ଥ ଦାନପୁର ପଞ୍ଚାୟତ କାର୍ଯ୍ୟାଳୟରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭା ଗୃହରେ ପୂର୍ବତନ ସରପଞ୍ଚ ଉମେଶ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ତହସିଲଦାର ସରୋଜ ନାୟକ, ଅତିରିକ୍ତ ତହସିଲଦାର ଭାସ୍କର ବେହେରା ଓ ରାଜସ୍ୱ ପରିଦର୍ଶକ ମାନସ ନାଥ ଉପସ୍ଥିତ ରହି ଦାନପୁର ରାଜସ୍ୱ ସର୍କଲ ଅଧୀନସ୍ଥ ୭୬ ଜଣ ହିତାଧିକାରୀଙ୍କୁ ୱାରସ ସଂଶୋଧନ ହୋଇଥିବା ପଟ୍ଟା, ୭ଟି ବନ୍ଦୋବସ୍ତ ପଟ୍ଟା, ପଟ୍ଟା ସଂଶୋଧନ, ଇ-ପାଉତି ମାଧ୍ୟମରେ ରାଜସ୍ୱ ପୈଠ ଓ ବହୁ ହିତାଧିକାରୀଙ୍କ ଜାତିଗତ ସମେତ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦାନପୁର ରାଜସ୍ୱ ନିରୀକ୍ଷକ ବିଜୟଲକ୍ଷ୍ମୀ ପଲେଇ, ଚାଦୋଳ ଆରଆଇ ସ୍ମୃତିରଞ୍ଜନ ନାୟକ, ଛୋଟିର ବିଶ୍ୱବିଜୟୀ ପରିଡ଼ା, ଯଅଁରାବାରିମୂଳର ଇପ୍‌ସିତା ପରିଜା, ହରିଅଙ୍କର ପ୍ରକାଶ ସେଠୀ, ଏଣ୍ତରର ଶୁଭଦର୍ଶନ ପରିଡ଼ା, ରତାଦିଆ ଆରଆଇ ଜିତାମିତ୍ରା ସ୍ୱାଇଁଙ୍କ ସମେତ ତହସିଲର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

# ସମ୍ପାଦକୀୟ


ସଂଘର୍ଷ ବିହୀନ ଓ ଅପରୀକ୍ଷିତ ଜୀବନ ମୂଲ୍ୟହୀନ।
-ସକ୍ରେଟିସ୍

ସକାଳ
THE SAKALA

## ପ୍ରତୀକ୍ଷିତ ସୁମାରି

କରୋନା ମହାମାରୀର ପ୍ରତିକୂଳ ପରିବେଶରେ ୨୦୨୧ରେ ହେବାକୁ ଥିବା ଜନଗଣନା ଶେଷ ମୁହୂର୍ତ୍ତରେ ସ୍ଥଗିତ ରଖାଯାଇଥିଲା। ତେଣୁ ଦଶବର୍ଷର ବ୍ୟବଧାନରେ ହେବାକୁ ଥିବା ଜନଗଣନା ୧୬ ବର୍ଷ ପରେ ୨୦୨୭ ମାର୍ଚ୍ଚ ୧ରୁ ଆରମ୍ଭ ହେବାକୁ ଯାଉଛି। ଭୌଗୋଳିକ ଦୃଷ୍ଟିରୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଥିବା ବରଫାବୃତ୍ତ ଲଦାଖ, ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ଜନସୁମାରି ୨୦୨୬ ଅକ୍ଟୋବର ୧ରୁ ଆରମ୍ଭ ହେବ। ଗତ ସୋମବାର ଏଥିସକାଶେ କେନ୍ଦ୍ର ସରକାର ଗେଜେଟ୍ ବିଜ୍ଞପ୍ତି ଜାରି କରିଛନ୍ତି। ୧୯୪୮ ଜନଗଣନା ଆଇନ ଧାରା ୩ ଓ ୧୯୯୦ ନିୟମାବଳୀ ଭିତ୍ତିରେ ଏହି ଜନସୁମାରି କରାଯିବ। ଏହି ବିଜ୍ଞପ୍ତି ଜାରି ପରବର୍ତ୍ତୀ ସମୟଠାରୁ ପ୍ରଶାସନିକ ଆବଶ୍ୟକତା ଦୃଷ୍ଟିରୁ କୌଣସି ଥାନା, ଜିଲ୍ଲା, ତହସିଲ ପରିସର ବୃଦ୍ଧି କରାଯାଇପାରିବ ନାହିଁ।

ଆଗାମୀ ଜନଗଣନା ଏହି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଯେ ଜନସୁମାରି ସହିତ ଏକାସଙ୍ଗରେ ଜାତି ଗଣନା ହେବ। ପୁଣି ଏହି ଜନଗଣନା ଆଧାରରେ ସଂସଦ ଓ ବିଧାନସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ହେବାର ସମ୍ଭାବନା ରହିବ ଏବଂ ବିଧାନପାଳିକାରେ ମହିଳାଙ୍କ ସକାଶେ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ବାଟ ଫିଟିବ। ଲୋକସଭା ଓ ବିଧାନସଭା ନିର୍ବାଚନମାନଙ୍କରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ସୁବିଧା ପ୍ରଦାନ ସକାଶେ ସରକାରଙ୍କ ପକ୍ଷରୁ ଆଗତ ପ୍ରସ୍ତାବ ସଂସଦରେ ଗୃହୀତ ହୋଇଥିବା ବେଳେ ତାହାର କାର୍ଯ୍ୟକାରିତା ନେଇ ବିଭିନ୍ନ ମହଲରେ ସନ୍ଦେହ ଉଙ୍କି ମାରିଥିଲା। ସେତେବେଳେ ଯେଉଁମାନେ ଏହାକୁ ବିରୋଧ କରୁଥିଲେ ସେମାନେ ଆଇନର ଦାୟରେ ପଡ଼ି ମହିଳା ପ୍ରାର୍ଥୀ ଦେବାକୁ ବାଧ୍ୟ ହେବେ।

ସେହିଭଳି ଗତ ସାଧାରଣ ନିର୍ବାଚନରେ ବିରୋଧୀ ଦଳ ପକ୍ଷରୁ ଜାତିଭିତ୍ତିକ ଜନଗଣନାକୁ ଏକ ପ୍ରମୁଖ ପ୍ରସଙ୍ଗ କରାଯାଇଥିଲା। ଏପରିକି କେତେକ ବିରୋଧୀ ଦଳ ଶାସିତ ରାଜ୍ୟରେ ଜାତିଭିତ୍ତିକ ଜନସୁମାରି ମଧ୍ୟ କରାଯାଇଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜାତିଆଣ ରାଜନୀତିକୁ ବଳ ଦେବା ପାଇଁ ଏ ଦିଗରେ ଉଦ୍ୟମ କରି ଯେଉଁ ଜନମତ ସୃଷ୍ଟି କରିଥିଲେ ତାହାର ପ୍ରଭାବ ମଧ୍ୟ ଗତ ଲୋକସଭା ନିର୍ବାଚନରେ ଅନୁଭୂତ ହୋଇଥିଲା। ଜାତି ଆଧାରରେ ଜନଗଣନା ଦାବିକୁ ଭିତ୍ତି କରି ଜାତୀୟ ରାଜନୀତିରେ ସୃଷ୍ଟି ହୋଇଥିବା ବିବଦମାନ ପରିସ୍ଥିତିର ଅବସାନ ପାଇଁ ଏହା ସପକ୍ଷରେ ସରକାରଙ୍କୁ ନିଷ୍ପତ୍ତି ନେବାକୁ ପଡ଼ିଥିଲା। ତେଣୁ ଜନଗଣନା ବିଜ୍ଞପ୍ତିର ଯଥେଷ୍ଟ ପୂର୍ବରୁ(ଏପ୍ରିଲ୍ ୩୦)ରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ରାଜନୈତିକ ବ୍ୟପାର କମିଟି ବୈଠକରେ ପ୍ରସ୍ତାବ ଅନୁମୋଦନ ଲାଭ କରିଥିଲା। ତେବେ ଏହାର ଆଧାରଶିଳାକୁ ନେଇ ବିଭିନ୍ନ ମହଲରେ ମତଭେଦ ଜାରି ରହିଛି। ଜାତି ଆଧାରରେ ଜନଗଣନା ଓ ତାହା ଭିତ୍ତିରେ ସଂରକ୍ଷଣ ସୁବିଧା ପ୍ରଦାନକୁ ନେଇ ପୁଣି ଯେ ବିବାଦ ମୁଣ୍ଡ ନ ଟେକିବ ଏ କଥା ନୁହେଁ। ମଣ୍ଡଳ ଆନ୍ଦୋଳନରୁ ସୃଷ୍ଟି ହୋଇଥିବା ଭୟଙ୍କର ପରିସ୍ଥିତି ଏବେ ବି ମନରୁ ଲିଭିନାହିଁ।

ଅନ୍ୟ ଏକ ଦିଗ ହେଲା, ଜନଗଣନା ରିପୋର୍ଟ ଭିତ୍ତିଭୂମିରେ ଲୋକସଭା ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କରାଯିବାର ଯେଉଁ ସୁଯୋଗ ରହିଛି ତାହାକୁ ଭିତ୍ତି କରି ପୁଣି ଏକ ବିଭାଜନର ସୀମାରେଖା ଟାଣିଲା ଭଳି ପରିସ୍ଥିତି ଉପୁଜିବ। ଏଥିମଧ୍ୟରେ ଏହାର ପ୍ରାକ୍ ସୂଚନା ମିଳିସାରିଲାଣି। ଗୋଟିଏ ପକ୍ଷରେ ଦେଶର ଜନବିସ୍ଫୋରଣକୁ ରୋକିବା ପାଇଁ ସରକାରୀ କାର୍ଯ୍ୟକ୍ରମକୁ ସଫଳ କରିଥିବା ରାଜ୍ୟ ସମୂହ ଏବଂ ଅନ୍ୟପକ୍ଷରେ ଅନିୟନ୍ତ୍ରିତ ଜନସଂଖ୍ୟା ବୃଦ୍ଧି ଘଟାଇଥିବା ଅନଗ୍ରସର ରାଜ୍ୟ। ସଂସଦରେ ପ୍ରତିନିଧିତ୍ୱ ବୃଦ୍ଧି ଓ ହ୍ରାସ ଭଳି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପ୍ରସଙ୍ଗ ମୁଣ୍ଡ ଟେକିବା ଏକପ୍ରକାର ଥୟ। ଏନ୍‌ଡିଏ ସରକାର ପ୍ରମୁଖ ସହଯୋଗୀ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ନିକଟରେ ଏହି ସମ୍ଭାବନା ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କାରଣ ତାଙ୍କ ରାଜ୍ୟ ମଧ୍ୟ ଏହି ଫର୍ମୁଲାରେ କ୍ଷତିଗ୍ରସ୍ତ ହେବ। ଅଥଚ କ୍ଷମତା ରାଜନୀତିର ସମ୍ଭାବନା ଦୃଷ୍ଟିରୁ ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ କେନ୍ଦ୍ରରେ କ୍ଷମତାସୀନ ସରକାର ସାଲିସ୍ କରିବା ପ୍ରଶ୍ନ ଉଠୁନାହିଁ।

ଏ କଥା ଅସ୍ୱୀକାର କରିବାର ନାହିଁ ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନସଂଖ୍ୟା ଅନୁପାତରେ ପ୍ରତିନିଧିତ୍ୱ ଅଧିକାରକୁ ଏଡ଼ାଇ ଯିବା ସମ୍ଭବ ନୁହେଁ। କିନ୍ତୁ ସମୟର ଆବ୍ୟଶ୍ୟକତା ଦୃଷ୍ଟିରୁ ସମୃଦ୍ଧିର ଦିଗ ନିର୍ଣ୍ଣୟ କରିବାରେ ଅସଫଳ ରାଜ୍ୟକୁ ଅଧିକ ପ୍ରତିନିଧିତ୍ୱ ସୁଯୋଗ ଦେବା କେତେଦୂର ସମୀଚୀନ ତାହା ମଧ୍ୟ ବିଚାର୍ଯ୍ୟ। ଯଦି ଆଶଙ୍କା ଅନୁରୂପ ସୀମା ପୁନଃନିର୍ଦ୍ଧାରଣ ବେଳେ ଜନସଂଖ୍ୟାର ଘନତ୍ୱ ଗୁରୁତ୍ୱ ଲାଭ କରିବ ତେବେ ସରକାର ଗଠନରେ ସଂଖ୍ୟା ରାଜନୀତି ପୁଣି ପ୍ରଭାବ ବିସ୍ତାର କରିବ। ଏହି ବିବଦମାନ ପ୍ରସଙ୍ଗକୁ ଯଥାସମ୍ଭବ ଦୂରେଇ ରଖିବା ପାଇଁ ୧୯୭୧ ମସିହାରୁ ଲୋକସଭା ଆସନ ସଂଖ୍ୟା ଅପରିବର୍ତ୍ତିତ ରଖିବାକୁ ଅତୀତର ସରକାରମାନେ ବାଧ୍ୟ ହୋଇଛନ୍ତି। ଆଗାମୀ ଜନଗଣନା ପରେ କେନ୍ଦ୍ର ସରକାରଙ୍କ ଆଗରେ ଏହିସବୁ ଆହ୍ୱାନ ସୃଷ୍ଟି ହେବ।

ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ଜନଗଣନା ପାଇଁ କେନ୍ଦ୍ରୀୟ ବଜେଟ୍‌ରେ ୩, ୭୬୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବାସଗୃହ ଗଣତି ଓ ଦ୍ୱିତୀୟ ପର୍ଯ୍ୟାୟରେ ଲୋକସଂଖ୍ୟା ଗଣତି କରାଯିବ। ଏଥିରେ ପରିବାର ଓ ବ୍ୟକ୍ତିଗତ ସମ୍ପତ୍ତି, ଆୟ, ଆୟର ଉତ୍ସ, ଜାତି, ଉପଜାତି ଏବଂ ସାମାଜିକ ଓ ସାଂସ୍କୃତିକ ଦିଗ ସମ୍ପର୍କରେ ତଥ୍ୟ ରହିବ। ଜନଗଣନା ପରିଚାଳନା ସକାଶେ ୩୪ ଲକ୍ଷ ତଥ୍ୟ ସଂଗ୍ରାହକ ଓ ତଦାରଖକାରୀଙ୍କୁ ନିଯୁକ୍ତି ଦିଆଯିବ ଏବଂ ୧.୩ ଲକ୍ଷ ଜନଗଣନା ଅଧିକାରୀ ସମ୍ପୃକ୍ତ ରହିବେ। ଆମ ଦେଶରେ ସ୍ୱାଧୀନତା ପୂର୍ବରୁ ୧୮୮୧ ରୁ ଜନଗଣନା କରାଯାଉଛି। ସେହି ଆଧାରରେ ସମ୍ପ୍ରତି ଜନଗଣନା ବିଜ୍ଞପ୍ତି ଷୋଡ଼ଶ ହୋଇଥିଲେ ମଧ୍ୟ ସ୍ୱାଧୀନତା ପରେ ଆମ ସରକାରଙ୍କ ଦ୍ୱାରା ପରିଚାଳିତ ଏହା ଅଷ୍ଟମ ସଂସ୍କରଣ। ●

## ଓଡ଼ିଶାର ଅସ୍ମିତା ଓ ବିକାଶର ସ୍ୱପ୍ନ କେତେ ବାସ୍ତବ?

**ରାମ ନାରାୟଣ ମିଶ୍ର**

ଦୀର୍ଘ ଚବିଶବର୍ଷର ବିଜେଡି ସରକାର ପରେ ଏବେ ବିଜେପି ସରକାର ରାଜ୍ୟ ଶାସନ ଡଙ୍ଗାର ମଙ୍ଗୁଆଳ ସାଜିଛନ୍ତି। ନିର୍ବାଚନ ବେଳେ ଓଡ଼ିଶାର ଅସ୍ମିତାକୁ ନେଇ ରାଜନୈତିକ ଦଳମାନଙ୍କ ଭିତରେ ବାଦାନୁବାଦ ଚାଲିଥିଲା ବେଳେ ଏହାକୁ ଆୟୁଧ କରି ସେମାନେ ନିର୍ବାଚନ ରଣକ୍ଷେତ୍ରକୁ ଓହ୍ଲାଇଥିଲେ। ରାଜ୍ୟର ସାଢ଼େଚାରିକୋଟି ଲୋକଙ୍କୁ ରାଜ୍ୟର ଅସ୍ମିତା ଓ ସ୍ୱାଭିମାନ ରକ୍ଷା ସହିତ ସାମୂହିକ ବିକାଶ ନିମନ୍ତେ ଡବଲ ଇଞ୍ଜିନ୍ ସରକାର ଅନେକ ପ୍ରତିଶ୍ରୁତି ଦେଇଛନ୍ତି। ଶାସନଭାର ହାତକୁ ନେବା ମାତ୍ରେ ଓଡ଼ିଶାର ଇଷ୍ଟ ପ୍ରଭୁ ଜଗନ୍ନାଥଙ୍କୁ ନିର୍ବିଘ୍ନରେ ଦର୍ଶନ ପାଇଁ ଶ୍ରୀମନ୍ଦିରର ଚାରିଦୁଆର ଖୋଲିଦେଲେ। ରତ୍ନଭଣ୍ଡାର ଖୋଲିଦେବା ସହ ଏହାର ମରାମତି କାମକୁ ହାତକୁ ନେଲେ। କିନ୍ତୁ ସେ କାମ ଏବେ ବି ଅଧୁରା, ଭକ୍ତଙ୍କୁ ସୁବିଧାରେ ଦର୍ଶନ ମିଳିବାରେ ଅନେକ ବାଧା।

ସାଧାରଣଲୋକଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖୋଲିଲା ଏବଂ ହଜାର ହଜାର ସଂଖ୍ୟାରେ ଅଭିଯୋଗପତ୍ର ନିଜେ ମୁଖ୍ୟମନ୍ତ୍ରୀ ଲୋକଙ୍କ ହାତରୁ ଗ୍ରହଣ କଲେ। ସେଗୁଡ଼ିକ ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଗଲା, ତା' ଜାଣିବା ତ ସମ୍ଭବ ନୁହେଁ। ଏବେ ପ୍ରାୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ତାଙ୍କର ବିଭିନ୍ନ କାର୍ଯ୍ୟବ୍ୟସ୍ତତା ଯୋଗୁଁ ବନ୍ଦ ରହୁଛି। ଏହି କାମଟି ଅବିରତ ଚାଲୁ ରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ଦୁଇ ଉପମୁଖ୍ୟମନ୍ତ୍ରୀ ଅବା ଅନ୍ୟ ଜଣେ ଭାରପ୍ରାପ୍ତ ମନ୍ତ୍ରୀ କ'ଣ ଦାୟିତ୍ୱ ନେଇ ପାରି ନ ଥା'ନ୍ତେ? ଋଣ କରି ଘିଅ ଖାଇବାରେ ଏବର ସରକାର ଏତେ ତତ୍ପର ଯେ ରାଜ୍ୟର ବିକାଶ ନାମରେ ଏପରି ଖର୍ଚ୍ଚମାନ କରୁଛନ୍ତି, ଯଦ୍ଦ୍ୱାରା ମୁଣ୍ଡପିଛା ଋଣଭାର ବଢ଼ି ଚାଲିଛି। ଆତ୍ମପ୍ରଚାର ନିମନ୍ତେ ପ୍ରତିଦିନ ଅଯଥାରେ କୋଟି କୋଟି ଟଙ୍କାର ବିଜ୍ଞାପନ ଜନିତ ବ୍ୟୟ କରାଯାଉଛି। ଅନାବଶ୍ୟକ ଆଭ୍ୟନ୍ତରୀଣ ଗସ୍ତ ଖର୍ଚ୍ଚ କମୁନାହିଁ। ଯେଉଁକାମ ସ୍ଥାନୀୟ ସରକାରୀ କର୍ମଚାରୀ ବା ଲୋକପ୍ରତିନିଧି ଅନାୟାସରେ କରିପାରନ୍ତେ, ତା'କୁ ରାଜଧାନୀରୁ ମନ୍ତ୍ରୀ, ଅଧିକାରୀମାନେ ଯାଇ ଶିଳାନ୍ୟାସ ବା ଉଦ୍ଘାଟନ କରି ବାହାବା ନେଉଛନ୍ତି।

ଏବେ ବିଜେପି ସରକାର ବିଗତ ସରକାର ଅମଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ନାମ ଓ ରଙ୍ଗ ବଦଳେଇବା ଆରମ୍ଭ କରିଛନ୍ତି। ଏଥିରେ କେବଳ ଦଳୀୟ ସ୍ୱାର୍ଥ ଛଡ଼ା ସାଧାରଣ ଲୋକଙ୍କର କିଛି ଲାଭ ହେଲା କି? ବିଜେପି ସରକାର ଏବେ ନୂଆ ନୂଆ ଯୋଜନା ଓ ପ୍ରତିଶ୍ରୁତି ଗଣମାଧ୍ୟମରେ ଉପସ୍ଥାପନ କରିବା ସହିତ ୨୦୩୬ ବେଳକୁ ନୂଆ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖାଇବା ଆରମ୍ଭ କଲେଣି। ଭଲ କଥା, କିନ୍ତୁ ସେ ସବୁକୁ ଏବେଠାରୁ ନେଇ ଆଣି ଥୋଇ ପାରିବାର ବ୍ୟବସ୍ଥା ନ କଲେ ସେଇ ନଥିପତ୍ର ଭିତରେ ରହି ଉଇ ଚରିଯିବ, ଯାହା ଆଗରୁ ଅନେକବାର ହୋଇଛି। କଥାରେ ଅଛି, କାଲି କାମ ଆଜି କର ଆଉ ଆଜି କାମ ଏବେ କର। ଓଡ଼ିଶାର ଯେଉଁ ବରପୁତ୍ରମାନେ ଓଡ଼ିଶାର ଅସ୍ମିତା ଓ ସ୍ୱାଭିମାନ ପାଇଁ ନିଜକୁ ଉତ୍ସର୍ଗକରି ଦେଶର ସ୍ୱାଧୀନତା ଆଣିବା ସହିତ ଆମକୁ ଭାଷାଭିତ୍ତିକ ରାଜ୍ୟଟିଏ ଦେଇଗଲେ, ସେମାନଙ୍କ ଭିତରୁ ଜଣେ ବି ଏ ଯାଏଁ 'ଭାରତରତ୍ନ' ସମ୍ମାନରେ ସମ୍ମାନିତ ହୋଇପାରିଲେ ନାହିଁ। ଏଥିରେ ଆମ ରାଜ୍ୟର ଅସ୍ମିତା କ୍ଷୁଣ୍ଣ ହେଉନି କି? ଏହାଠାରୁ ଦୁଃଖର କଥା ଆଉ କ'ଣ ହୋଇପାରେ?

ଓଡ଼ିଶାର ଯୋଗ୍ୟ ସନ୍ତାନ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଅନେକ ପଦକ୍ଷେପ ନେଇ ଓଡ଼ିଶାରେ ଶିଳ୍ପ ବିପ୍ଳବର ମୂଳଦୂଆ ସ୍ଥାପନ କରିଥିଲେ। ଉତ୍କଳଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁଙ୍କର ସେ ପ୍ରକୃତ ଦାୟାଦ ଥିଲେ ବୋଲି ଆମେ କହିବାରେ କିଛି ଭୁଲ୍ ହେବନି। ସେତେବେଳର ଓଡ଼ିଶାରେ ଶିଳ୍ପ ବିକାଶ ଉତ୍ତୁଙ୍ଗ ଶିଖରକୁ ଛୁଇଁ ପାରିଥିଲା। ପାରାଦୀପ ବନ୍ଦର, ରାଉରକେଲା ଇସ୍ପାତ ଓ ସାର କାରଖାନା, ହୀରାକୁଦ ଡ୍ୟାମ, ବଡ଼ମ୍ବା ଓ ବରଗଡ଼ ଚିନି କାରଖାନା, ଓଡ଼ିଶା ଟେକ୍ସଟାଇଲ ମିଲ୍, କୋଣାର୍କ ଟେଲିଭିଜନକୁ କେହି ଭୁଲିପାରିବେ କି? ସରକାର ବଦଳିଗଲା ବୋଲି ତାଙ୍କ ଅବଦାନକୁ ଭୁଲିଯିବା ଅପରାଧରେ ଗଣାହେବ। ଓଡ଼ିଶା ପ୍ରଶାସନକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ସେ ୧୩ଟି ଜିଲ୍ଲାରୁ ୩୦ଟି ଜିଲ୍ଲା ଗଠନ କରିଥିଲେ। ତାଙ୍କର ସେଇ ମହତ୍ ଉଦ୍ଦେଶ୍ୟ ଏବେ ପୂରଣ ହୋଇ ପାରୁଥିଲା ପରି ମନେ ହେଉନାହିଁ।

ଜିଲ୍ଲାମାନଙ୍କରେ ନିୟୋଜିତ ହଜାର ହଜାର ସରକାରୀ କର୍ମଚାରୀଙ୍କ ବେତନ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲା ବେଳେ ଅଧ୍ୟୁଷିତ ଅଞ୍ଚଳରେ ବାସ କରୁଥିବା ସାଧାରଣ ଲୋକମାନଙ୍କର ସେମାନେ ଆସ୍ଥାଭାଜନ ହୋଇପାରୁ ନାହାନ୍ତି। କାରଣ ସେମାନଙ୍କ ସୁଖ ସୁବିଧା ଦେଖିବା ବଦଳରେ ଅନେକ ନିଜର ସୁଖ ସୁବିଧାକୁ ଅଧିକ ଶ୍ରେୟ ମନେ କରୁଛନ୍ତ। ପୋଲଭରମ୍ ନିମନ୍ତେ ଆମ ରାଜ୍ୟର ଅପୂରଣୀୟ କ୍ଷତି ହେବାକୁ ବସିଛି। ଛତିଶଗଡ଼ ଆମ ରାଜ୍ୟର ଜୀବନଧାରା ମହାନଦୀରେ ଏକାଧିକ ବ୍ୟାରେଜ୍ ନିର୍ମାଣ କରିବା ଫଳରେ ମହାନଦୀ ଓ ତା' ଶାଖାନଦୀର ଶଯ୍ୟାମାନ ବର୍ଷସାରା ଶୁଖିଲା ପଡୁଛି। ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଆମର ମାତୃଭାଷା ଓଡ଼ିଆକୁ ଏବେ ବି ଓଡ଼ିଶାର ବିଚ୍ଛିନ୍ନାଞ୍ଚଳରେ ବାସ କରୁଥିବା ଓଡ଼ିଆ ଭାଇଭଉଣୀ ମାନେ ଶିକ୍ଷା କରିବାର ମୌଳିକ ଅଧିକାରରୁ ବଞ୍ଚିତ।

ପ୍ରତିଦିନ ଖବରକାଗଜମାନଙ୍କରେ ପ୍ରକାଶ ପାଉଥିବା ବିଭିନ୍ନ ଅଞ୍ଚଳର ସମସ୍ୟାବହୁଳ ଅନେକ ବାସ୍ତବ ବିକଳ ଚିତ୍ରମାନ ଶାସନକଳର ଦୃଷ୍ଟିକୁ ଆସୁଥିଲା ପରି ମନେ ହେଉନାହିଁ। ରୋଗୀ ବଣଜଙ୍ଗଲର ଦୁର୍ଗମ ରାସ୍ତାରେ ଖଟିଆ-ଭାରରେ ଡାକ୍ତରଖାନାକୁ ଆସିବା, ପିଇବାପାଣି ପାଇଁ କେତେ କିଲୋମିଟର ବାଟ ଚାଲି ଚାଲି ଯିବା, ଅନାହାରରେ ଆମ୍ବଟାକୁଆ ଜାଉ ଖାଇବା, ଛାତ୍ରଛାତ୍ରୀମାନେ ବିପଦସଙ୍କୁଳ ଭରାନଦୀରେ ପଶି ପାରିହେବା, ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ଫର୍ମାସିଷ୍ଟ ନଥିବା ଯୋଗୁଁ ରୋଗୀ ହନ୍ତସନ୍ତ ହେବା, ସୁଲଭ ଦରରେ ବିହନ, ସାର ଓ ଅନ୍ୟାନ୍ୟ କୃଷି ସାମଗ୍ରୀ ପାଇବା ପାଇଁ ଚାଷୀଭାଇ ଅସୁବିଧାରେ ପଡ଼ିବା - ଏମିତି ଅଗଣିତ ସମସ୍ୟାର ଜାଲରେ ପଡ଼ି ଛଟପଟ ହେଉଥିବା ଲୋକଙ୍କ ପାଇଁ ସରକାରଙ୍କ ଭୂମିକା କ'ଣ କିଛି ନାହିଁ?

ଏବେ ରାଜ୍ୟରେ ଦାଦନ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। କାମ ନପାଇ ଲୋକେ ବାହାରକୁ ଯାଇ ଯାହା ତ ରୋଜଗାର କରୁଛନ୍ତି, ତହିଁରେ ଅତ୍ୟାଚାରିତ ଓ ମୃତ୍ୟୁର ଶିକାର ହେଉଛନ୍ତି। ଚାଷୀ ଭାଇଙ୍କ ଦୁଃଖ କେବେ ଲାଘବ ହେବ ସେ କଥା ସରକାରଙ୍କୁ ଜଣା। ଅଭାବୀ ବିକ୍ରୀ ସହିତ ଫସଲ ସାଇତି ରଖିବାର ଘୋର ଅସୁବିଧା ପାଇଁ ସେମାନେ କି ହଇରାଣ ହରକତ ହେଉଛନ୍ତି ସେ କଥା ସମସ୍ତେ ଜାଣୁଥିଲେ ବି ପ୍ରତିକାର ବ୍ୟବସ୍ଥା ହୋଇ ପାରୁନାହିଁ। ଶୀତଳ ଭଣ୍ଡାର ନିର୍ମାଣ ଘୋଷଣା ପରେ ପୂରାପୁରି ଶିଥିଳ ପଡ଼ିଯାଇଛି।

ଏଣୁ ହେ ସରକାର! ୨୦୩୬ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖନ୍ତୁ, ମନା ନାହିଁ। କିନ୍ତୁ ବର୍ତ୍ତମାନ ସରକାରର ଅବଧି ଆଉ ଚାରିବର୍ଷ ଆଖିର ପଲକରେ ଚାଲିଯିବ। ତେବେ ସେଇ ସ୍ୱପ୍ନରୁ କିଛିଟା ସାକାର କରିବାକୁ ଚେଷ୍ଟାକରିବା ନିମନ୍ତେ ଏବେଠାରୁ ମନ୍ତ୍ରୀ, ନେତା ଓ ରାଜ୍ୟସ୍ତରୀୟ ପଦାଧିକାରୀମାନେ ପ୍ରତି ମାସରେ ଅନ୍ତତଃ ଗୋଟିଏ ଜିଲ୍ଲାରେ ସାତଦିନ ରହଣି କରି ସେ ଜିଲ୍ଲାର କୋଣ ଅନୁକୋଣର ସୁବିଧା ଅସୁବିଧାକୁ ହୃଦୟଙ୍ଗମ କରନ୍ତୁ। ସମୀକ୍ଷା କରନ୍ତୁ ଏବଂ ସେ ସବୁର ଆଶୁ ସମାଧାନ ପାଇଁ ଚେଷ୍ଟା କରନ୍ତୁ। ଏ ପ୍ରକ୍ରିୟା ସେତେଦିନ ଯାଏଁ ଚାଲୁ ରହୁ, ଯେତେବେଳେ ପର୍ଯ୍ୟନ୍ତ ରାଜ୍ୟର ସାଧାରଣ ଲୋକଟିର ମୁହଁରେ ସନ୍ତୋଷର ଆଭା ଫୁଟି ଉଠି ନଥିବ। ●

ଭୁବନେଶ୍ୱର, ମୋ: ୭୯୭୮୪୬୬୪୧୫

## ଚିକିତ୍ସା ବିଜ୍ଞାନ ବନାମ ଆଧ୍ୟାତ୍ମିକତା

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ଅସୁସ୍ଥ ବ୍ୟକ୍ତି ଡାକ୍ତରଙ୍କ ନିକଟକୁ ଯାଇଥା'ନ୍ତି ନିଜର ରୋଗ ଉପଶମ ପାଇଁ। ରୋଗ ନିର୍ଣ୍ଣୟ ପାଇଁ ଡାକ୍ତର ରୋଗୀକୁ ନାନା ପ୍ରଶ୍ନ ପଚାରିଥା'ନ୍ତି ରୋଗ ସଂପର୍କରେ। କିନ୍ତୁ ସେ କ'ଣ ଜାଣିବାକୁ ଚାହିଁଥା'ନ୍ତି ଯେ ରୋଗୀ ଆସ୍ତିକ କି ନାସ୍ତିକ? ମନ୍ଦିର କି ମସ୍‌ଜିଦ୍ କିମ୍ବା ଚର୍ଚ୍ଚ ଯା'ନ୍ତି କି ନା? ଯୋଗ ଦିଅନ୍ତି କି ନା ପ୍ରାର୍ଥନା ସଭାରେ? ଯୋଗ, ଧ୍ୟାନ ଇତ୍ୟାଦି କରିବାର ଅଭ୍ୟାସ ଅଛି କି ନାହିଁ? ରୋଗୀକୁ ଏହି ପ୍ରକାରର ପ୍ରଶ୍ନ ପଚାରିବା ବିତର୍କିତ। କାରଣ ଧର୍ମାଚରଣ କିମ୍ବା ବିଶ୍ୱାସ-ଅବିଶ୍ୱାସ ରୋଗୀର ବ୍ୟକ୍ତିଗତ ବ୍ୟାପାର। ସେ ବିଷୟରେ ପ୍ରଶ୍ନ ପଚାରିବା କ'ଣ ରୋଗୀର ବ୍ୟକ୍ତିଗତ ସ୍ୱାଧୀନତା ଉପରେ ହସ୍ତକ୍ଷେପ ନୁହେଁ? ତା'ଛଡ଼ା ରୋଗୀକୁ ସେସବୁ ପ୍ରଶ୍ନ ପଚାରିବା କ'ଣ ଚିକିତ୍ସା ଶାସ୍ତ୍ର ଅନୁମୋଦିତ? ଯେଉଁ ଚିକିତ୍ସାବିଦ୍ୟା ବିଜ୍ଞାନ ଭାବରେ ଗଣ୍ୟ, ତାହା ଧର୍ମକୁ କାହିଁକି ଆମନ୍ତ୍ରଣ ଜଣେଇବ?

ମଣିଷର ସ୍ୱାସ୍ଥ୍ୟ ଉପରେ କିନ୍ତୁ ଧର୍ମର ପ୍ରଭାବ ନାନା ଭାବରେ ରହିଛି ବୋଲି କହିଛନ୍ତି ପେନ୍‌ସିଲ୍‌ଭାନିଆ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ତଥା ସ୍ନାୟୁ ବିଜ୍ଞାନୀ ଆନ୍‌ଣ୍ଡ୍ରୁ ନିଉବର୍ଗ। ସହକର୍ମୀ ସ୍ନାୟୁ ବିଜ୍ଞାନୀ କାର୍ମ ରବର୍ଟ ଓୟାଲ୍ଡମ୍ୟାନ୍‌ଙ୍କ ସଙ୍ଗେ ମିଳିତ ଭାବେ ନିଉବର୍ଗ ଲେଖିଛନ୍ତି ସାଢ଼େ ତିନିଶହ ପୃଷ୍ଠାର ଖଣ୍ଡେ ବହି। ବହିଟିର ନାଁ 'ହାଓ ଗଡ୍ ଚେଞ୍ଜେସ୍ ଇୟୋର୍ ବ୍ରେନ୍: ବ୍ରେକ୍ ଥ୍ରୁ ଫାଇଣ୍ଡିଙ୍ଗ୍‌ସ୍ ଫ୍ରମ୍ ଏ ଲିଡିଂ ନିଉରୋସାଇଣ୍ଟିଷ୍ଟ।' ଉଦ୍ଦେଶ୍ୟ ପ୍ରାର୍ଥନା କିମ୍ବା ଧ୍ୟାନ ଭଳି ଧର୍ମାଚରଣର ସହିତ ସୁସ୍ୱାସ୍ଥ୍ୟର ସମ୍ପର୍କ ନିର୍ଣ୍ଣୟ। ଧର୍ମ ବିଶ୍ୱାସ ସଙ୍ଗେ ସ୍ୱାସ୍ଥ୍ୟର ସମ୍ପର୍କ ବିଷୟରେ ଆହୁରି ଖଣ୍ଡେ ବହି 'ମେଡିସିନ, ରିଲିଜିୟନ ଆଣ୍ଡ ହେଲ୍‌ଥ' ଶୀର୍ଷକରେ ପ୍ରକାଶିତ ହୋଇଛି। ଡିଉକ୍ ବିଶ୍ୱବିଦ୍ୟାଳୟର 'ସେଣ୍ଟର ଫର ସ୍ପିରିଚୁଆଲିଟି, ଥିୟୋଲୋଜି ଆଣ୍ଡ ହେଲ୍‌ଥ' କେନ୍ଦ୍ରର ନିର୍ଦ୍ଦେଶକ ହ୍ୟାରଲ୍ଡ କୋନିଗ୍ ଏହି ପୁସ୍ତକର ରଚୟିତା। ବ୍ୟାଧି ଉପଶମରେ ଔଷଧ ସହିତ ଆଧ୍ୟାତ୍ମ ଚିନ୍ତନର ଉପଯୋଗ କିପରି ଭାବରେ କରିବେ ଚିକିତ୍ସକମାନେ ସେହି ବିଷୟରେ ସେ ପୁସ୍ତକଟିରେ ପରାମର୍ଶ ଦେଇଛନ୍ତି। 'ହାଓ ଗଡ୍ ଚେଞ୍ଜେସ୍ ଇୟୋର ବ୍ରେନ୍' ବହିଟିରେ ନିଉବର୍ଗ ଓ ଓୟାଲ୍ଡମ୍ୟାନ୍ ଜଣେଇଛନ୍ତି ସେମାନଙ୍କର ଏକାଧିକ ପରୀକ୍ଷା ଏବଂ ସମୀକ୍ଷାର କଥା। ସେମାନଙ୍କ ନିକଟକୁ ଚିକିତ୍ସା ପାଇଁ ଆସିଥିବା ଶତାଧିକ ରୋଗୀଙ୍କ ଉପରେ ବିଶେଷ ପରୀକ୍ଷା ନିରୀକ୍ଷା କରି ସେମାନେ ଜାଣିପାରିଛନ୍ତି ଯେ ଧ୍ୟାନ, ପ୍ରାର୍ଥନା ଓ ଭଜନ କରୁଥିବା ବେଳେ ମଣିଷ ମସ୍ତିଷ୍କର ଫ୍ରଣ୍ଟାଲ୍ ଲୋବ ଅଂଶଟି ପ୍ରଥମେ ଜଡ଼ିତ ହୋଇପଡ଼େ। ଗଭୀର ଭାବରେ ମଗ୍ନ ରହିଥିବା ଅବସ୍ଥାରେ କ୍ରିୟାଶୀଳ ହୋଇଥାଏ ମସ୍ତିଷ୍କର ପାରିଏଟାଲ୍ ଲୋବ୍ ନାମକ ଅଂଶଟି। ଯେଉଁମାନେ ୧୦-୧୫ ବର୍ଷ ଧରି ଲଗାତାର ଧ୍ୟାନ, ପ୍ରାର୍ଥନା ଇତ୍ୟାଦିରେ ରତ ରହିଥିଲେ ସେମାନଙ୍କ ମସ୍ତିଷ୍କର ଫ୍ରଣ୍ଟାଲ୍ ଲୋବ୍ ତୁଳନାତ୍ମକ ଭାବେ ସ୍ଫୀତ ହୋଇଯାଇଥିଲା। ପୁଣି ଆଧ୍ୟାତ୍ମବାଦୀଙ୍କ ମସ୍ତିଷ୍କର ଥାଲାମସ୍ ଅଂଶଟି ବି ଭିନ୍ନ ଥିବା ସେମାନେ ଗବେଷଣାରୁ ଜାଣିପାରିଲେ।

ସାଧନା-ଭଜନକୁ କେତେ କାଳ ଧରି କଲେ ମସ୍ତିଷ୍କରେ ଏସବୁ ପରିବର୍ତ୍ତନ ଘଟେ? ଏହି ପ୍ରଶ୍ନର ଉତ୍ତରରେ 'ହାଓ ଗଡ୍ ଚେଞ୍ଜେସ ଇୟୋରବ୍ରେନ' ବହିଟିରେ ଜଣେ ରୋଗୀଙ୍କ କଥା ଉଲ୍ଲେଖ କରିଛନ୍ତି ନିଉବର୍ଗ ଓ ଓୟାଲ୍ଡମ୍ୟାନ୍। ଏକଦା ପେସାରେ ମେକାନିକ୍ ଥିବା ଗାସ ନାମଧାରୀ ରୋଗୀଟିଏ ଆସିଲେ। ଚେହେରା ସୁଠାମ, ଧର୍ମକର୍ମ ଠାରୁ ଶହେ ହାତ ଦୂରରେ। ମଧ୍ୟବୟସୀ ଗାସ କହିଲେ ତାଙ୍କର କିଛି ମନେ ରହୁନି। କିଛି ମନେ ପକେଇ ପାରୁନାହାନ୍ତି। ସବୁକିଛି ଶୁଣି ସାରିବା ପରେ ନିଉବର୍ଗ ଯେଉଁ ପ୍ରେସକ୍ରିପସନ୍ ଦେଲେ ତାହା ବିଚିତ୍ର - 'ନିୟମ କରି ପ୍ରତିଦିନ କୀର୍ତ୍ତନ ଗାନ; ତା'ପୁଣି ହିନ୍ଦୁମାନଙ୍କର ଧର୍ମ ସଙ୍ଗୀତ।' ଦୁଇମାସ ଧରି ନିରନ୍ତର ଭଜନ, କୀର୍ତ୍ତନ କରିବା ପରେ ଗାସ୍ ପୁଣି ଆସିଲେ ନିଉବର୍ଗ ଓ ଓୟାଲ୍ଡମ୍ୟାନଙ୍କ ଚିକିତ୍ସା କେନ୍ଦ୍ରକୁ। ଏଥର ପରୀକ୍ଷାରୁ ଜଣାଗଲା ଯେ ଗାସ୍‌ଙ୍କ ସ୍ମୃତିଶକ୍ତି ୫୦ ପ୍ରତିଶତ ବଢ଼ିଛି। ଏଥିରେ ଖୋଦ୍ ନିଉବର୍ଗ ଓ ଓୟାଲ୍ଡମ୍ୟାନ୍ ମଧ୍ୟ ଆଶ୍ଚର୍ଯ୍ୟ ହେଲେ।

ପ୍ରାର୍ଥନା ବା ଧ୍ୟାନ କଲେ କେବଳ ନିଜର ନୁହେଁ, ଅନ୍ୟର ସ୍ୱାସ୍ଥ୍ୟରେ ବି ଉନ୍ନତି ଘଟେ। ଏହି ବିଷୟରେ ଦୁଇଟି ଅନୁଧ୍ୟାନ ଆଲୋଚିତ। ପ୍ରଥମଟି ୧୯୯୮ ମସିହାର। ସାନଫ୍ରାନସିସ୍କୋ ଜେନେରାଲ ହସ୍ପିଟାଲର କାର୍ଡିଓଲୋଜିଷ୍ଟ ର୍‌ୟାନ୍ ଡଲ୍ ବାୟାର୍ଡ ଦାବି କରିଥିଲେ ଯେ ହସପିଟାଲ୍‌ରେ ଭର୍ତ୍ତି ଯେଉଁସବୁ ରୋଗୀଙ୍କ ପାଇଁ ସେମାନଙ୍କ ପରିବାର ସଦସ୍ୟ ଏବଂ ଅନ୍ୟମାନେ ଆରୋଗ୍ୟ କାମନା କରି ପ୍ରାର୍ଥନା କରିଥିଲେ, ସେହିସବୁ ରୋଗୀ ତୁଳନାତ୍ମକ ଭାବେ ଖୁବ୍ ଶୀଘ୍ର ଆରୋଗ୍ୟ ଲାଭ କରିଥିଲେ। ଅପରପକ୍ଷରେ ୨୦୦୫ ମସିହାରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଗବେଷକ ହର୍ବର୍ଟ୍ ବେନ୍‌ସନ୍ ପ୍ରାର୍ଥନାର ଏପରି ଅଲୌକିକତାକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ ଅନ୍ୟର ପ୍ରାର୍ଥନା ସେବା ପାଇବା ସତ୍ତ୍ୱେ ୫୨ ପ୍ରତିଶତ ବାଇପାସ୍ ଅସ୍ତ୍ରୋପଚାର କରାଯାଇଥିବା ରୋଗୀଙ୍କ କ୍ଷେତ୍ରରେ ଜଟିଳତା ବଢୁଥିବା ବେଳେ କେହି ପ୍ରାର୍ଥନା କରି ନଥିବା ୫୧ ପ୍ରତିଶତ ରୋଗୀଙ୍କ କ୍ଷେତ୍ରରେ ଜଟିଳତା ବଢୁଛି।

ଏବେ ପ୍ରଶ୍ନ ଉଠେ, ଧର୍ମାଚରଣ ସହିତ ସୁସ୍ୱାସ୍ଥ୍ୟର ସଂଯୋଗ କ'ଣ ପ୍ଲେସିବୋ ବା ମାନସିକ ସନ୍ତୁଷ୍ଟି ପାଇଁ ପ୍ରଦତ୍ତ ନିର୍ଗୁଣ ଔଷଧର ପ୍ରଭାବ ସଦୃଶ? ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ଗବେଷକ ରବର୍ଟ୍ ହାମର ତାଙ୍କର ୧୫ ବର୍ଷ ବ୍ୟାପୀ ଅନୁଧ୍ୟାନ ପରେ ଜଣେଇଥିଲେ ଯେଉଁମାନେ ଚର୍ଚ୍ଚ ଯାଆନ୍ତି, ସେମାନଙ୍କର ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ମୃତ୍ୟୁବରଣ କରିବାର ଆଶଙ୍କା, ଚର୍ଚ୍ଚ ଯାଉନଥିବା ବ୍ୟକ୍ତିମାନଙ୍କ ତୁଳନାରେ କମ୍। ପିଟସବର୍ଗ ମେଡିକାଲ ସେଣ୍ଟରର ସର୍ଜନ ଡ୍ୟାନିୟେଲ ହଲ ଲକ୍ଷ୍ୟ କରିଥିଲେ, ଚର୍ଚ୍ଚଗାମୀ ବ୍ୟକ୍ତିଙ୍କ ଆୟୁଷ ଅଧାର୍ମିକଙ୍କ ତୁଳନାରେ ଦୁଇ/ତିନିବର୍ଷ ବେଶୀ।

ସ୍ୱାସ୍ଥ୍ୟଜନିତ ଉପକାରର ଏପରି ସବୁ ନିଦର୍ଶନ ଆଧାରରେ ଧର୍ମାଚରଣକୁ କ'ଣ ଚିକିତ୍ସାର ଉପକରଣ ଭାବରେ ଗଣ୍ୟ କରାଯିବ? କଲମ୍ବିଆ ୟୁନିଭରସିଟି ମେଡିକାଲ୍ ସେଣ୍ଟରର ମନୋଚିକିତ୍ସାର ଅଧ୍ୟାପକ ରିଚାର୍ଡ ସ୍ଲୋୟାନ୍‌ଙ୍କ ମତରେ ପ୍ଲେସିବୋ ପ୍ରଭାବ ବିଷୟରେ ଗବେଷକମାନେ ଆହୁରି ତନ୍ନ ତନ୍ନ କରି ପରୀକ୍ଷା କରି ଦେଖିବା ଉଚିତ। ଚର୍ଚ୍ଚର ଶାନ୍ତ ପରିବେଶ, ଧର୍ମ ବିଶ୍ୱାସର ଜୀବନଚର୍ଯ୍ୟା ଇତ୍ୟାଦି ମଣିଷ ଶରୀରରେ ଯେଉଁସବୁ ପ୍ରଭାବ ପକାଏ ସେସବୁକୁ ମଧ୍ୟ ବିଚାର କରିବା ଉଚିତ। ଏ ସବୁ ନ କଲେ ଅଯଥାରେ ଅଲୌକିକତା ଉପରେ ଆସ୍ଥା ଜାତ ହୁଏ। ଚିକିତ୍ସାରେ ଧର୍ମର ପ୍ରଭାବ ବିଷୟକୁ ଆହ୍ୱାନ କରି 'ବ୍ଲାଇଣ୍ଡ ଫେଥ୍: ଦ ଅନହୋଲି ଆଲାୟେନ୍ସ ଅଫ୍ ରିଲିଜିୟନ୍ ଆଣ୍ଡ ମେଡିସିନ୍(ଅନ୍ଧବିଶ୍ୱାସ, ଧର୍ମ ଓ ଚିକିତ୍ସାବିଜ୍ଞାନ ମଧ୍ୟରେ ଏକ ଅପବିତ୍ର ମୈତ୍ରୀ)' ନାମରେ ଏକ ପୁସ୍ତକ ପ୍ରଣୟନ କରିଛନ୍ତି ସ୍ଲୋୟାନ୍। ସେ ମନେ କରନ୍ତି, ଚିକିସା ବିଜ୍ଞାନ ସଙ୍ଗେ ଧର୍ମର କୋଳାକୋଳି ରୀତିମତ ଅଶୁଭ। ତାଙ୍କର ମନ୍ତବ୍ୟ ହେଉଛି ବିଜ୍ଞାନ ଅଲୌକିକ ବ୍ୟାଖ୍ୟାରେ ମୁଣ୍ଡ ପୂରେଇ ନ ଥାଏ। ମାତ୍ର ବିତର୍କ ଚିକିତ୍ସା ସୂତ୍ରରୁ ଉତ୍ଥାପିତ ହୋଇଥିଲେ ମଧ୍ୟ ଦ୍ୱନ୍ଦଟା କିନ୍ତୁ ବାସ୍ତବରେ ବିଜ୍ଞାନ ସହିତ ଧର୍ମର। ●

କଟକ, ମୋ: ୯୪୩୭୭୬୬୦୧୭

## ସମାଜ ସଂସ୍କାରର ତେଜସ୍କ୍ରିୟ କିରଣ: ମୋହିନୀ ମୋହନ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ସମାଜ ସଂସ୍କାରକ ସାହିତ୍ୟ ସାଧକ ଭାବରେ ବ୍ୟାସକବି ଫକୀର ମୋହନଙ୍କୁ କିଏ ବା ନ ଜାଣେ? ଅଥଚ ତାଙ୍କ ପୁତ୍ର ମୋହିନୀ ମୋହନଙ୍କ ପ୍ରସଙ୍ଗ ଉତ୍ଥାପିତ ହେବା ମାତ୍ରକେ ଉଭୟଙ୍କ ଜୀବନ ଓ ଚିନ୍ତନ ମଧ୍ୟରେ ଏକ ତାରତମ୍ୟ ଦୃଷ୍ଟିଗୋଚର ହୁଏ। କିନ୍ତୁ ସେହି ତାରତମ୍ୟ ମଧ୍ୟରେ ଯେ ଥାଇପାରେ ଏକ ଅନ୍ତର୍ଗତ ଅଦ୍ଭୁତ ସାମ୍ୟ ଏହା ଆବିଷ୍କାର କରିପାରିଲେ ହୃଦୟରେ ସଞ୍ଜାତ ହୁଏ ଅଭିନ୍ନ ସ୍ପନ୍ଦନ। ଫକୀର ମୋହନ ଆସ୍ତିକ ଥିଲେ ଆଉ ମୋହିନୀ ମୋହନ ଥିଲେ ନାସ୍ତିକ - ଏତିକି ପାର୍ଥକ୍ୟ ନିରୂପଣ କରି ନିରବ ହୋଇଯାଏ ଆମ ଚିତ୍ତଦେଶ। ଏହି ବାହ୍ୟ ଆବରଣରୁ ମୁକ୍ତ କରି ପିତା-ପୁତ୍ରଙ୍କୁ ନୂତନ ଭାବରେ ଦେଖିଲେ ଆମର ଚିନ୍ତାଧାରା ପରିବର୍ତ୍ତିତ ହୋଇଯିବା ପାଇଁ ଅଧିକ ବିଳମ୍ବ ହେବ ନାହିଁ। ପାରମ୍ପରିକ ବିଶ୍ୱାସ ମଧ୍ୟରେ ଯିଏ ସୀମିତ ସେ ଆସ୍ତିକ ଆଉ ସମାଜ ନିର୍ଣ୍ଣିତ ନୈତିକତାର ରେଖା ଲଂଘନ କରିଦେବା ମାତ୍ରକେ ହୋଇଯାଏ ନାସ୍ତିକ - ଏପରି ବଦ୍ଧମୂଳ ଧାରଣା ଆଉ କେତେଦିନ ମାନବିକ ସମ୍ପର୍କ ମଧ୍ୟରେ ପ୍ରାଚୀର ସୃଷ୍ଟି କରି ରହିଥିବ?

ସମାଜରେ ବ୍ୟାପୀ ଯାଉଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୁଦ୍ଧରେ ଲେଖନୀ ଚାଳନା କରି ଫକୀର ମୋହନ ହେଲେ ଚିରପୂଜ୍ୟ। ମୋହିନୀ ମୋହନଙ୍କ ଆବିର୍ଭାବ ସେଇ ଚେତନାରୁ ତ ସମ୍ଭବ ହୋଇଛି! ସେ ପିତାଙ୍କଠାରୁ କିପରି ହୋଇପାରିବେ ଭିନ୍ନ? ଅନ୍ତଃଦୃଷ୍ଟି ଉନ୍ମୋଚନ କରି ଥରେ ଦେଖାଯାଉ ତ! ପିତାଙ୍କ ସମାଜ ସଂସ୍କାର ମନୋବୃତ୍ତିର ଆଉ ଏକ ଅଗ୍ନି-ସ୍ଫୁଲିଙ୍ଗ କ'ଣ ନୁହନ୍ତି ମୋହିନୀମୋହନ? ପାରମ୍ପରିକ ଧର୍ମ-ଧାରଣାକୁ ଅତିକ୍ରମ କରି ସେ ହୋଇଥିଲେ ସତ୍ୟ-ସନ୍ଧନୀ। ତାଙ୍କ ଦ୍ୱାରା ରଚିତ ପ୍ରବନ୍ଧଗୁଡ଼ିକର ସଂକଳନ 'ବିବିଧ ପ୍ରସଙ୍ଗ' ଧ୍ୟାନପୂର୍ବକ ପାଠ କଲେ ନବଚେତନା-ଉନ୍ମୁଖ ପାଠକ ମାତ୍ରକେ ଉପଲବ୍ଧି କରିପାରିବେ ଯେ ସେ କିପରି ମୁକ୍ତଆକାଶର ବିହଙ୍ଗ। ଏ ମୁକ୍ତି କେଉଁ ମଣିଷ ଆତ୍ମାର କାମ୍ୟ ନୁହେଁ?

ସେ କେବଳ ବୃତ୍ତିଧାରୀ ଦର୍ଶନର ଅଧ୍ୟାପକ ନ ଥିଲେ। ଥିଲେ ମୌଳିକ ଚେତନା -ସମ୍ପନ୍ନ ଦାର୍ଶନିକ। କିନ୍ତୁ ତାଙ୍କ ଭିତରେ ଯେଉଁ ମାନବୀୟ ସମ୍ବେଦନଶୀଳତା ଥିଲା ଅତ୍ୟନ୍ତ ଗଭୀର, ତାହା ତ ଏପର୍ଯ୍ୟନ୍ତ ବି ଆଧୁନିକ ମଣିଷ ହୃଦୟଙ୍ଗମ କରିପାରିନାହିଁ। ସେଇ ସମୟରେ ସେ ଲେଖନ୍ତି 'ଜୀବଜନ୍ତୁଙ୍କ ଅଧିକାର' ଶୀର୍ଷକ ପ୍ରବନ୍ଧ, ଯାହା ପ୍ରତ୍ୟେକ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ହେବା ବିଧେୟ। ଯେଉଁ ପୃଥିବୀ ଏ ପର୍ଯ୍ୟନ୍ତ ମଣିଷକୁ ମଣିଷର ଅଧିକାର ଦେବା ପାଇଁ କୁଣ୍ଠିତ, ସେ ଜୀବଜନ୍ତୁମାନଙ୍କ ପ୍ରତି ସହାନୁଭୂତିଶୀଳ ହୋଇପାରିବ କିପରି? ମୋହିନୀ ମୋହନଙ୍କୁ ଦେଖିବା ପରେ ଜଣେ ଭଦ୍ର ମହିଳା ମନ୍ତବ୍ୟ ଦେଲେ, 'ସେ ନାସ୍ତିକ। ଅଥଚ ତାଙ୍କ ବ୍ୟବହାର ଏତେ ଭଦ୍ରୋଚିତ!' ଏହାହିଁ ତ ମୋହିନୀ ମୋହନଙ୍କ ଆସ୍ତିକତାର ସୌନ୍ଦର୍ଯ୍ୟ। ପ୍ରତିଦିନ ଭଗବାନଙ୍କ ମୂର୍ତ୍ତି ପାଖରେ ଭକ୍ତି ନିବେଦନ। ପୁଣି ଚତୁଃପାର୍ଶ୍ୱର ମଣିଷ ଓ ପ୍ରକୃତି ପ୍ରତି କ୍ରୂର, କର୍କଶ ଓ ପୀଡ଼ାଦାୟକ ବ୍ୟବହାର ପ୍ରଦର୍ଶନ! ଏହାଠାରୁ ଆଉ ଅଧିକ ନାସ୍ତିକତା କେଉଁଠି ଥାଇପାରେ?

ଧର୍ମ, ବିବାହ, ଭାଗ୍ୟ, ବିବେକ, ସମାଜ ବିଷୟରେ ନିଜ ମୁକ୍ତ ଚିନ୍ତାଧାରା ପ୍ରକାଶ କରିଥିବାରୁ ମୋହିନୀ ମୋହନଙ୍କ ଗଦ୍ୟ ସୃଷ୍ଟିରେ ଓଡ଼ିଆ ସାହିତ୍ୟ ହୋଇଛି ସମୃଦ୍ଧ। ସେ ଭାଗ୍ୟକୁ ଅସ୍ୱୀକାର କରିପାରି ନାହାନ୍ତି। ମାତ୍ର ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି, ସେଇ ସ୍ତରକୁ ସଚ୍ଚୋଟ ଭାଗ୍ୟବାଦୀମାନେ ମଧ୍ୟ ଆରୋହଣ କରିପାରନ୍ତି ନାହିଁ। ଭାଗ୍ୟଫଳ ଭୋଗ ହିଁ ଯଦି ହୁଏ ସତ୍ୟ, ତା'ହେଲେ ମଣିଷ କେଉଁ ଦୃଷ୍ଟିଭଙ୍ଗୀ ନେଇ ବଞ୍ଚିବା ସମୁଚିତ? ସମସ୍ତ ଶତ୍ରୁତା, ମାନ, ଅଭିମାନ, ଈର୍ଷା, ଦ୍ୱେଷ ଭାବନାରୁ ବିମୁକ୍ତ ଏକ ସ୍ଥିତପ୍ରଜ୍ଞ ଜୀବନ ହିଁ ମଣିଷ ପାଇଁ ଏକାନ୍ତ କାମ୍ୟ- ଏହା ନିଜ ରଚନାରେ ପ୍ରତିପାଦନ କରିଦେଉଥିବା ମୋହିନୀ ମୋହନ ନିଜ ଅଜାଣତରେ ତ ଭଗବତ ଗୀତାର ନିଷ୍କର୍ଷ ଉପସ୍ଥାପିତ କରିଦେଇଛନ୍ତି ପ୍ରେରଣା ଗର୍ଭିତ ବାକ୍ୟରେ! ପ୍ରାଚ୍ୟ-ପାଶ୍ଚାତ୍ୟ ସାହିତ୍ୟ ଓ ଦର୍ଶନ ଜଗତରେ ଗଭୀର ଅବଗାହନ କରିଥିବା ମୋହିନୀ ମୋହନ ସ୍ୱକୀୟ ଦୃଷ୍ଟିକୋଣରୁ ହିଁ ପ୍ରତ୍ୟେକ କଥାକୁ ବିଚାର କରନ୍ତି। ବିଶିଷ୍ଟ ଅସ୍ତିତ୍ୱବାଦୀ ଦାର୍ଶନିକ ନିଟଜେଙ୍କ ବିଷୟରେ ଓଡ଼ିଆ ପାଠକମାନଙ୍କୁ ସେ ହିଁ ପ୍ରଥମେ ପରିଚିତ କରାଇଛନ୍ତି।

ପରିସୂକ୍ଷ୍ମ ସ୍ତରରେ ରହିଛି ଯଦି ଏକ ଅଦୃଶ୍ୟ ବାସ୍ତବତା, ତା'ହେଲେ ପିତା-ପୁତ୍ର ସେଠାରେ ରହିଥିବେ ଏକାତ୍ମ ହୋଇ ନିଶ୍ଚୟ। ସେହି ଏକାତ୍ମକତାକୁ ଅନୁଭବ କରିପାରିଲେ ସମାଜ ପୁନର୍ଗଠନର ଅନନ୍ୟ ଶିଳ୍ପୀ ଭାବରେ ମୋହିନୀ ମୋହନ ଆମର ରହିବେ ସଦା ପ୍ରଣମ୍ୟ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ଅଧା ଓଡ଼ିଶା...

ସମାଲୋଚନା କରିଛନ୍ତି। ଶ୍ରୀ ମହାଲିଙ୍ଗ ନିଜ ସରକାରଙ୍କ ଉପଲବ୍ଧି ବର୍ଣ୍ଣନା କରିବା ସମୟରେ ଏହାକୁ ମଧ ଉଲ୍ଲେଖ କରିବା ଆବଶ୍ୟକ ବୋଲି ବିରୋଧୀ କଟାକ୍ଷ କରିଛନ୍ତି। କେଇମାସ ତଳେ କଣାସରେ ଡ଼ାଇରିଆ ମୃତ୍ୟୁ ଓ ଏବେ ରାଜ୍ୟସାରା ହଇଜା, ଝାଡ଼ାବାନ୍ତି ଲୋକଙ୍କ ଜୀବନକୁ ବିପନ୍ନ କରିଛି। ତେଣୁ ୨୪ ବର୍ଷରେ ଯାହା ହୋଇ ନ ଥିଲା, ତାହା ଏ ସରକାର କରି ଦେଖାଇଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିବା କଥା ସମ୍ପୂର୍ଣ୍ଣ ସତ ବୋଲି ବିରୋଧୀ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ଡାଇରିଆ ସ୍ଥିତିର ମୁକାବିଲା ପାଇଁ ସରକାରୀ ବିଭାଗମାନେ କ୍ଷେତ୍ର ସ୍ତରରେ ସମନ୍ୱିତ ଓ ଏକାଭୀମୁଖୀ ଭାବେ କାର୍ଯ୍ୟ ଜାରି ରଖିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମ୍ୟ ପାନୀୟ ଜଳ ଉତ୍ସଗୁଡ଼ିକର ନିୟମିତ ବିଶୋଧନ କାର୍ଯ୍ୟ ଅନୁଧ୍ୟାନ କରିବା, ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ସଚିବମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ସ୍ୱାସ୍ଥ୍ୟ ସଚିବ ରାଜ୍ୟର ସମସ୍ତ ଜିଲ୍ଲାରେ ଡାଇରିଆ ମୁକାବିଲା ସ୍ଥିତି ସମୀକ୍ଷା କରିଛନ୍ତି। ଆସନ୍ତାକାଲି ବିଶେଷଜ୍ଞ ଦଳ କଟକ, ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ କରିବେ ବୋଲି ସ୍ୱାସ୍ଥ୍ୟ ସଚିବ ସୂଚନା ଦେଇଛନ୍ତି।

## ମଧ୍ୟପ୍ରାଚ୍ୟରେ ମିସାଇଲ...

ମାଡ଼ରେ ଇସ୍ରାଏଲର କେତେ କ୍ଷତି ହୋଇଛି, ତାହା ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ଇସ୍ରାଏଲ ଆଜି ଇରାନ ରାଜଧାନୀ ତେହରାନ ଉପରେ ପ୍ରଚଣ୍ଡ ବୋମାମାଡ଼ କରିଛି। ଇସ୍ରାଏଲର ୫୦ଟି ଲଢୁଆ ବିମାନ ଉତ୍ତର ଏବଂ ପଶ୍ଚିମ ତେହରାନର ୨୦ଟି ଠିକଣା ଉପରେ ବୋମାମାଡ଼ କରିଛନ୍ତି। ଇରାନର ଅନେକ ପରମାଣୁ ଓ ସାମରିକ ପ୍ରତିଷ୍ଠାନ ସହିତ ତୈଳ ଭଣ୍ଡାର ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ସର୍ବୋଚ୍ଚ ନେତା ଖାମନେଇ ଏବଂ ଅନ୍ୟ ବରିଷ୍ଠ ନେତା ବିଭିନ୍ନ ବଙ୍କରରେ ଆଶ୍ରୟ ନେଇ ସେଠାରୁ ଯୁଦ୍ଧ ପାଇଁ କମାଣ୍ଡ ପଠାଉଥିବା ଜଣାପଡ଼ିଛି।

ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଏହି ଯୁଦ୍ଧରେ ୬୦୦ରୁ ଅଧିକ ଲୋକ ପ୍ରାଣ ହରାଇଲେଣି। ଏଥିରେ ଇରାନର ସବୁଠାରୁ ଅଧିକ କ୍ଷତି ହୋଇଛି। ଇରାନ ସରକାର ସ୍ୱୀକାର କରିଛନ୍ତି ଯେ ଇସ୍ରାଏଲ ଆକ୍ରମଣରେ ଏହାର ୫୮୫ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧୪୦୦ରୁ ଅଧିକ ଆହତ ହୋଇଛନ୍ତି। ସେହିଭଳି ଇସ୍ରାଏଲରେ ୨୪ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧୩୦୦ ଆହତ ହୋଇଛନ୍ତି। ଇରାନ ଦାବି କରିଛି ଯେ ଇସ୍ରାଏଲର ଅନେକ ସାମରିକ ପ୍ରତିଷ୍ଠାନ, ତୈଳ ବିଶୋଧନାଗାର ଏବଂ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ହୋଇଛି। ଇସ୍ରାଏଲ ମଧ ଦାବି କରିଛି ଯେ ଏହାର ଆକ୍ରମଣରେ ଇରାନର ବାୟୁସୀମା ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି।

ଇତିମଧ୍ୟରେ ଏହି ଯୁଦ୍ଧକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ରୁଷ ରାଷ୍ଟ୍ରପତି ପୁଟିନ। ସେ କହିଛନ୍ତି ଯେ ଯୁଦ୍ଧ ଜାରି ରହିଲେ ମଧ୍ୟପ୍ରାଚ୍ୟ ପରିସ୍ଥିତି ଭୟଙ୍କର ହୋଇପଡ଼ିବ। ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ସହିତ ଶାନ୍ତି ପ୍ରତିଷ୍ଠା ଲାଗି ମଧ୍ୟସ୍ଥତା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଏସଂପର୍କରେ ଇରାନ କିମ୍ବା ଇସ୍ରାଏଲର ପ୍ରତିକ୍ରିୟା ଜଣାପଡ଼ିନାହିଁ। କିନ୍ତୁ ସେମାନେ ଯୁଦ୍ଧ ବନ୍ଦ କରିବା ମୁଡ୍‌ରେ ନଥିବା କୁହାଯାଉଛି। ଅନ୍ୟପକ୍ଷରେ ସେମାନେ ପରସ୍ପର ଉପରେ ଆକ୍ରମଣକୁ ଆହୁରି ଜୋରଦାର କରିବାରେ ଲାଗିଛନ୍ତି।

## ଚିକିତ୍ସା ପାଇଁ...

ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦେଇଛନ୍ତି। ନବୀନ କହିଛନ୍ତି ଯେ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ମୋର ସର୍ଭିକାଲ ଆର୍ଥ୍ରାଇଟିସ୍ ଚିକିତ୍ସା ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲରେ ହେବ। ମୋର ବ୍ୟକ୍ତିଗତ ଚିକିତ୍ସକ ଡାକ୍ତର ରମାକାନ୍ତ ପଣ୍ଡା ମୁମ୍ବାଇଠାରେ ଚିକିତ୍ସା ବ୍ୟବସ୍ଥାର ସମସ୍ତ କାର୍ଯ୍ୟ ତଦାରଖ କରିବେ। ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଆ ଭାଇଭଉଣୀଙ୍କ ଶୁଭେଚ୍ଛାରେ ଶୀଘ୍ର ଓଡ଼ିଶା ଫେରିବି ଓ ରାଜ୍ୟବାସୀଙ୍କ ସେବା ଜାରି ରଖିବି ବୋଲି ନବୀନ କହିଛନ୍ତି। ଅନ୍ୟପକ୍ଷରେ ତାଙ୍କ ଉପସ୍ଥିତିରେ ବିଜେଡିର ଦୈନନ୍ଦିନ କାର୍ଯ୍ୟକ୍ରମ ତଦାରଖ ଦାୟିତ୍ୱ ଦଳର ରାଜନୈତିକ ବ୍ୟାପାର କମିଟି ଉପରେ ନ୍ୟସ୍ତ କରିଛନ୍ତି ନବୀନ। ଏହାସହ ବରିଷ୍ଠ ଉପ ସଭାପତି(ମୁଖ୍ୟାଳୟ) ଦେବୀପ୍ରସାଦ ମିଶ୍ର ଏହି ସମୟରେ ଦଳର ଛାମୁଆ ସଂଗଠନ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ ଏବଂ ସମନ୍ୱୟ ରକ୍ଷା କରିବେ ବୋଲି ନବୀନ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଶୀଘ୍ର ସୁସ୍ଥ ହେବା ଲାଗି କାମନା କରିଛନ୍ତି। 'ଏକ୍ସ'ରେ ସେ କହିଛନ୍ତି ଯେ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କ ଅସୁସ୍ଥତା ବିଷୟରେ ଜାଣି ଚିନ୍ତିତ। ତାଙ୍କର ଚିକିତ୍ସା ପ୍ରକ୍ରିୟା ସୁରୁଖୁରୁରେ ସମ୍ପନ୍ନ ହେଉ ଓ ଆଶୁ ଆରୋଗ୍ୟ ଲାଭକରି ଉତ୍ତମ ସ୍ୱାସ୍ଥ୍ୟ ଲାଭ କରନ୍ତୁ ବୋଲି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ନବୀନଙ୍କର ଶୀଘ୍ର ସୁସ୍ଥତା କାମନା କରିଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟାନ୍ୟମ ଦଳର ନେତାମାନେ ମଧ ନବୀନଙ୍କର ଶୀଘ୍ର ସୁସ୍ଥତା କାମନା କରିଛନ୍ତି।

## ବର୍ଷ ଏକ...

କ୍ଷେତ୍ରରେ ଓଡ଼ିଶା ବିଶ୍ୱରେ ପରିଚୟ ସୃଷ୍ଟି କରିଥିଲା। ବିଭିନ୍ନ ଜାତୀୟ ଏବଂ ଆନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରି ଆମେ ଯୁବ ସମାଜ ଭିତରେ ନୂଆ ପ୍ରେରଣା ସୃଷ୍ଟି କରିଥିଲୁ। ମୋ ସ୍କୁଲ, ମୋ କଲେଜ ଭଳି ନୂଆ କାର୍ଯ୍ୟକ୍ରମ ସମାଜକୁ ଶିକ୍ଷା ସହ ଯୋଡି ପାରିଥିଲା। ୫-ଟି ସ୍କୁଲ ରୂପାନ୍ତରୀକରଣ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିଥିଲା। ଆଦର୍ଶ ବିଦ୍ୟାଳୟ ଗାଁର ପିଲାମାନଙ୍କ ସ୍ୱପ୍ନ ସାକାର କରୁଛି। ଲକ୍ଷ୍ମୀ ବସ୍‌ରେ ପିଲାମାନେ ମାତ୍ର ୫ ଟଙ୍କାରେ ସ୍କୁଲ, କଲେଜ ଯାଇପାରୁଥିବା ବେଳେ ମା'ମାନେ ମାର୍କେଟକୁ ଯାଇପାରୁଥିଲେ। ମାତ୍ର ବିଜେପି ସରକାର ଏ ସବୁ ଯୋଜନାକୁ ବନ୍ଦ କରି ଦେଇଛନ୍ତି। ନୂଆ ଓ ଏବଂ ବିଏସ୍‌କେୱାଇ ଯୋଜନା ବନ୍ଦ କରାଯାଇଛି। ମିଶନ ଶକ୍ତି ମା'ମାନଙ୍କୁ ଦୁର୍ବଳ କରିବାକୁ ଚକ୍ରାନ୍ତ ଚାଲିଛି। ରାଜ୍ୟ ଅର୍ଥନୀତି ଏବେ ତଳମୁହାଁ। ମହିଳାମାନଙ୍କ ଉପରେ ଅତ୍ୟାଚାର ବଢିଚାଲିଛି। କଲେରା, ଡାଇରିଆରେ ଲୋକେ ହୀନସ୍ତା ହେଉଛନ୍ତି। ଆୟୁଷ୍ମାନ କାର୍ଡ ଧରି ରୋଗୀ ହସ୍ପିଟାଲରୁ ଫେରୁଛନ୍ତି। ତେଣୁ ବିଜେପିର ମିଛ ପ୍ରଚାରର ଉପଯୁକ୍ତ ଜବାବ ଦେବା ସହ ଲୋକଙ୍କୁ ସତ କ'ଣ ଜଣାଇବାକୁ ଯୁବ ସମାଜ କାର୍ଯ୍ୟ କରନ୍ତୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି।

ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମାବେଶରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ନବୀନ ସରକାରଙ୍କ ସମୟରେ ଯୁବ ଛାତ୍ରଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଯେଉଁସବୁ ସମ୍ଭାବନା ସୃଷ୍ଟି ହୋଇଥିଲା, ଆଜି ବିଜେପିର ଏକ ବର୍ଷର ଶାସନରେ ତାହା ମଉଳିଯାଇଛି। ନବୀନଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା 'ସ୍କିଲ୍ଡ ଇନ୍ ଓଡିଶା'ରେ ଆଜି ଯୁବକମାନଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ କୌଣସି ଅଗ୍ରଗତି ହୋଇନାହିଁ। ଆର୍ସେଲର ମିତ୍ତଲ ଓ ଜେଏସ୍‌ଡବ୍ଲ୍ୟୁ ଭଳି ଶିଳ୍ପ ସଂସ୍ଥା ଆଜି ଅନ୍ୟ ରାଜ୍ୟକୁ ମୁହାଁଇଲେଣି।

ବରିଷ୍ଠ ବିଧାୟକ ତଥା ଓବିସି ସେଲ୍ ଆବାହକ ଡ. ଅରୁଣ କୁମାର ସାହୁ କହିଥିଲେ ଯେ ଗତ ଏକ ବର୍ଷରେ ରାଜ୍ୟରେ ଓଡିଆ ଅସ୍ମିତା ବାରମ୍ବାର ଭୂଲୁଣ୍ଠିତ ହୋଇଛି। ରଥଯାତ୍ରା ସମୟରେ ବଡ଼ଠାକୁର ଶ୍ରୀବଳଭଦ୍ର ପଡିଗଲେ, ତାର ତଦନ୍ତ କୁଆଡେ ଗଲା ଓଡିଶାବାସୀ ଜାଣିପାରିଲେ ନାହିଁ। ଟ୍ରିପଲ ଇଞ୍ଜିନ ସରକାର ଥାଇ ମହାନଦୀ ଜଳ ବିବାଦର ସମାଧାନ ପାଇଁ କୌଣସି ଉଦ୍ୟମ ହେଲା ନାହିଁ। ପୋଲାଭରମ ପ୍ରକଳ୍ପ ଓଡିଶାର ସ୍ୱାର୍ଥକୁ ଅଣଦେଖା କରି କେନ୍ଦ୍ର ଆନ୍ଧ୍ରକୁ ୧୬,୦୦୦ କୋଟି ଟଙ୍କା ଦେଇଦେଲେ, କିନ୍ତୁ ଆମ ରାଜ୍ୟର ୨୦ ଏମ୍‌ପିଙ୍କ ମୁହଁ ଚୁପ୍। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ପ୍ରତିଦିନ ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଖବରକାଗଜରେ ଶିରୋନାମା ପାଲଟିଛି। ଏହା କ'ଣ ବିଜେପିର ଓଡିଆ ଅସ୍ମିତା ବୋଲି ସେ ପ୍ରଶ୍ନ କରିଥିଲେ।

ଦଳର ଉପସଭାପତି ସଞ୍ଜୟ ଦାସବର୍ମା ତାଙ୍କ ବକ୍ତବ୍ୟରେ କହିଥିଲେ, ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କର ଓଡିଶା ପ୍ରତି ଅବହେଳା ଜାରି ରହିଛି। ଏହି ଏକ ବର୍ଷରେ ଓଡିଶାକୁ କେନ୍ଦ୍ରର ଅନୁଦାନ ପ୍ରାୟ ୧୮.୧୯ ପ୍ରତିଶତ କମିଛି। ୨୦୧୫ରେ ଘୋଷିତ ବହୁ ପ୍ରତୀକ୍ଷିତ ଉପକୂଳ ରାଜପଥ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେଲା ନାହିଁ। ବରିଷ୍ଠ ଉପସଭାପତି ତଥା ବିଧାୟିକା ପ୍ରମିଳା ମଲ୍ଲିକ ରାଜ୍ୟ ବିଜେପି ସରକାରଙ୍କ ସଫଳତାକୁ ନେଇ ଉତ୍ସବ ପାଳନକୁ ତାଚ୍ଛଲ୍ୟ କରି କହିଥିଲେ ଯେ ଜଣେ ସରକାରୀ କର୍ମଚାରୀଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ ମାରିବା ଘଟଣାରେ ନ୍ୟାୟ ନ ଦେବା, ମାଣ୍ଡିପଙ୍କାରେ ଚାଉଳ ବଣ୍ଟନ ବିଫଳ ଯୋଗୁ ଆମ୍ବ ଟାକୁଆ ଖାଇ ୪ ଜଣଙ୍କ ମୃତ୍ୟୁ ହେବା, ବିଷାକ୍ତ ମଦ ପିଇ ୫ ଜଣଙ୍କ ଜୀବନ ଯିବା, ବିଷାକ୍ତ ଛତୁଆ ଖାଇ ୨ ଜଣଙ୍କ ମୃତ୍ୟୁ ହେବା ଓ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିବା, ଅପରାଧ ରେକର୍ଡରେ ଓଡିଶା ୮ମ ସ୍ଥାନ ହାସଲ କରିବା ଇତ୍ୟାଦି ରାଜ୍ୟ ବିଜେପି ସରକାରଙ୍କ ସଫଳତା। ଧାନ କିଣାରେ କଟ୍‌ନୀ ଛଟ୍‌ନୀ, ସୁଭଦ୍ରା ଯୋଜନାରେ ପ୍ରତିଶ୍ରୁତି ଅନୁସାରେ ଦୁଇ ବର୍ଷରେ ୫୦ ହଜାର ନ ଦେଇ ଦିନକୁ ୨୭ ଟଙ୍କା ହିସାବରେ ବର୍ଷକୁ ୨ କିସ୍ତିରେ ୧୦ ହଜାର ଦେବା ନାରୀ ସ୍ୱାଭିମାନ ପ୍ରତି ଉପହାସ ହୋଇଛିସେ କହିଥିଲେ।

କାର୍ଯ୍ୟକ୍ରମରେ ଦଳର ନେତା ପ୍ରଣବ ପ୍ରକାଶ ଦାସ, ସଂତୃପ୍ତ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଞ୍ଜନ ପୂଜାରୀ, କଳିକେଶ ସିଂହଦେଓ, ପ୍ରଣବ ବଳବନ୍ତରାୟ, ବିଭୂତି ବଳବନ୍ତରାୟ, ସ୍ନେହାଙ୍ଗିନୀ ଛୁରିଆ, ରାଜଶ୍ରୀ ମଲ୍ଲିକ, ଟୁକୁନି ସାହୁ, ରୋହିତ ପୂଜାରୀ, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ସୁନୀଲ ମହାନ୍ତି, ଦେବୀ ରଞ୍ଜନ ତ୍ରିପାଠୀ, ତୁଷାରକାନ୍ତି ବେହେରା, ବୈକୁଣ୍ଠ ନାୟକ, ଶୁଭେନ୍ଦୁ ମଙ୍ଗରାଜ, ଧୃତୀ ମାର୍ଥା, ଏଲିନା ଦାଶ ଏବଂ ଛାତ୍ର ନେତା ବିଶ୍ୱ ପ୍ରତାପ ସାହୁ, ମିକୁ ପ୍ରଧାନ, ରାଜେଶ ରାଜ ସ୍ୱାଇଁ, ଅଭିନାଶ ଠାକୁର, ଇପ୍ସିତା ସାହୁ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଅମର ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ, ପ୍ରୀତିରଞ୍ଜନ ଘଡେଇ, ଶର୍ମିଷ୍ଠା ସେଠୀ, ଦୀପାଳି ଦାସ ଉପସ୍ଥିତ ଥିଲେ। ବିଧାୟକ ସୌଭିକ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବିମାନରେ ପକ୍ଷୀମାଡ଼...

ଅଟକାଇ ଦେଇଥିଲେ। ବିଶେଷଜ୍ଞ ଦଳ ରନ୍‌ୱେରେ ପହଞ୍ଚି ବିମାନର ଯାଞ୍ଚ ପରେ ଏହି ବିମାନର ଉଡ଼ାଣକୁ ବନ୍ଦ ରଖା ଯାଇଥିଲା। ଇଣ୍ଡିଗୋ ପକ୍ଷରୁ କୋଲକାତା ଯିବାକୁ ଥିବା ଯାତ୍ରୀମାନଙ୍କ ପାଇଁ ଅନ୍ୟ ଏକ ବିମାନର ବନ୍ଦୋବସ୍ତ କରାଯାଇଥିଲା।

ଅହମଦାବାଦ୍ ବିମାନ ଦୁର୍ଘଟଣା ପରେ ଦେଶର ବିଭିନ୍ନ ରାଜ୍ୟରେ ବିମାନଯାତ୍ରାକୁ ନେଇ ଭୟର ବାତାବରଣ ଦେଖାଦେଇଛି। ଏପରି ସମୟରେ ଭୁବନେଶ୍ୱରରେ ପୁଣି ଥରେ ଗୋଟିଏ ବିମାନରେ ପକ୍ଷୀମାଡ଼ ଘଟଣା ବିମାନଯାତ୍ରୀଙ୍କୁ ଚିନ୍ତାରେ ପକାଇଛି। ଭୁବନେଶ୍ୱର ବିମାନବନ୍ଦର ରନ୍‌ୱେକୁ ଲାଗି ଥିବା ରାସ୍ତାରେ ବାରମ୍ବାର ଉଚ୍ଛେଦ ସତ୍ତ୍ୱେ ଉଠାଦୋକାନୀମାନେ ଏଠାକୁ ହଟୁନାହାନ୍ତି। ମୁଖ୍ୟତଃ ଫାଷ୍ଟଫୁଡ୍ ଦୋକାନ ଯୋଗୁଁ ଏଠାରେ ପଡୁଥିବା ଆବର୍ଜନା ପକ୍ଷୀମାନଙ୍କୁ ଆକୃଷ୍ଟ କରୁଛି। ସେଥିପାଇଁ ଅନେକ ସମୟରେ ଭୁବନେଶ୍ୱର ବିମାନବନ୍ଦରରେ ପକ୍ଷୀମାଡ଼ ଯୋଗୁଁ ବିମାନ ଯାତ୍ରା ପ୍ରଭାବିତ ହେଉଛି।

## ରିପୋର୍ଟ କାର୍ଡ ସାରା...

ସରକାର ଏହି ବର୍ଷକ ମଧ୍ୟରେ ସେପରି କିଛି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି। ଏହା ସତ୍ତ୍ୱେ ଉପରୋକ୍ତ ଦୁଇଟି ଯୋଜନା ମଧ ସଠିକ୍ ଭାବେ କାର୍ଯ୍ୟାନ୍ୱୟନ ହୋଇ ନ ଥିବା ଯୋଗୁ ସରକାରଙ୍କୁ ସାଧାରଣରେ ବେଶ୍ ସମାଲୋଚିତ ହେବାକୁ ପଡ଼ିଛି। ଏପରିସ୍ଥଳେ ଗତ ଏକବର୍ଷରେ ପ୍ରାୟ ସମସ୍ତ ମନ୍ତ୍ରୀମାନଙ୍କ ପ୍ରଦର୍ଶନକୁ ନେଇ ବିଜେପିର ଶୀର୍ଷ ନେତୃତ୍ୱ ଅସୁଖୀ ବୋଲି କୁହାଯାଉଛି। ବର୍ଷକ ମଧ୍ୟରେ ମନ୍ତ୍ରୀମଣ୍ଡଳର ସଦସ୍ୟ କେବଳ ମିଡିଆ ନିଜ ଉପସ୍ଥିତିକୁ ଜାହିର୍ କରିଛନ୍ତି; ମାତ୍ର କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ଉପସ୍ଥିତି ଶୂନ। ରାଜସ୍ୱ ସଂସ୍କାରଠାରୁ ଆରମ୍ଭ କରି ଶ୍ରୀମନ୍ଦିର ସଂସ୍କାର, ଜଳବିବାଦ ଓ ସୀମା ବିବାଦର ସମାଧାନ, ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ, ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଯେପରି ମେଟ୍ରୋ ପ୍ରକଳ୍ପ, ୭୫ ହଜାର କିଲୋମିଟର ବିଶ୍ୱସ୍ତରୀୟ ରାସ୍ତା ଆଦି କେବଳ ଗଣମାଧ୍ୟମ ବିବୃତିରେ ସୀମିତ ହୋଇ ରହିଯାଇଛି। ବର୍ଷକ ମଧ୍ୟରେ ସରକାରଙ୍କୁ ସୁନାମ ଅପେକ୍ଷା ଅଧିକ ଦୁର୍ନାମ ମୁଣ୍ଡାଇବାକୁ ପଡ଼ିଛି। ବର୍ଷ ଆରମ୍ଭରୁ ରଥ ଉପରେ ବଳଭଦ୍ରଙ୍କ ପଡ଼ିଯିବା ଘଟଣାଠାରୁ ବର୍ଷ ଶେଷରେ ହଇଜା ପରି ଘଟଣାରେ ମନ୍ତ୍ରୀମାନଙ୍କର ଅପାରଗତା ହିଁ ଏହାର ମୁଖ୍ୟ କାରଣ ବୋଲି ନିଜେ ମୁଖ୍ୟମନ୍ତ୍ରୀ ହୃଦ୍‌ବୋଧ କରି ସାରିଛନ୍ତି। ତେଣୁ କେଉଁ ମନ୍ତ୍ରୀଙ୍କୁ କେଉଁ ଦାୟିତ୍ୱ ଦିଆଯିବ ତାହା ନିଷ୍ପତ୍ତି ହୋଇ ନାହିଁ। ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ଡଜନେରୁ ଅଧିକ ମନ୍ତ୍ରୀଙ୍କର ବିଭାଗରେ ଅଦଳ ବଦଳ ହେବ। ନିଜ ନିଜ ଅଧିନରେ ଥିବା ଦୁହାଁଳିଆ ବିଭାଗକୁ ପାଖରେ ରଖିବାକୁ ଏମାନେ ନିଜ ନିଜ ସ୍ତରରେ ଉଦ୍ୟମ ଚଳାଇଥିବା ବେଳେ ନେତୃତ୍ୱ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ଉଭୟ ସରକାର ଓ ସାଂଗଠନିକ ସ୍ତରରେ ଏକ ବଡ଼ ବୈଠକ ଅନୁଷ୍ଠିତ ହେବ ଏବଂ ଏହାପରେ ମନ୍ତ୍ରିମଣ୍ଡଳ ରୂପରେଖ ଚୂଡ଼ାନ୍ତ କରାଯିବ।

# ଯାଜପୁର: ଆଉ ୫ ନମୁନାରେ କଲେରା ପଜିଟିଭ୍ ଚିହ୍ନଟ

ଯାଜପୁର,୧୮।୬(ସମିସ): ଯାଜପୁରରୁ ଗତ ୯ ଦିନ ତଳୁ ବାହାରିଥିବା ଝାଡ଼ାବାନ୍ତି ଆଜି ପର୍ଯ୍ୟନ୍ତ ନିୟନ୍ତ୍ରଣ ହୋଇପାରିନି। ପୂର୍ବରୁ ସଂଗୃହିତ ନମୁନା ମଧ୍ୟରୁ ୧୧ଟିରେ କଲେରା ଭୂତାଣୁ ମିଳିଥିବା ବେଳେ

### ବ୍ୟାସନଗରରେ ଦୁଇ ଜଣଙ୍କ ମୃତ୍ୟୁ

ଆଜି ଆଉ ୫ ନମୂନାରେ କଲେରା ଭୂତାଣୁ ମିଳିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସ୍ପଷ୍ଟ କରିଛନ୍ତି। ଆଜି ବ୍ୟାସନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜିଲ୍ଲାରେ ମୃତକଙ୍କ ସଂଖ୍ୟା ୧୮ରେ ପହଞ୍ଚିଥିବା ଜଣାପଡିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଆଜି ୧୦୪ଜଣ ନୂଆ ରୋଗୀ ଆଡ୍‌ମିଟ ହୋଇଥିବା ବେଳେ ୯ ଜଣଙ୍କୁ ରେଫର୍ କରାଯାଇଛି। ସୁସ୍ଥ ହେବା ପରେ ୧୧୨ ଜଣଙ୍କୁ ଡିସଚାର୍ଜ କରାଯାଇଥିବା ବେଳେ ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଚିକିତ୍ସାଳୟରେ ମୋଟ ୧୭୪ ଜଣ ଚିକିତ୍ସିତ ହେଉଛନ୍ତି।

ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଲୋକ ମାନଙ୍କୁ ସଚେତନ କରାଯିବା ସହ ଫୁଟା ପାଣି ପିଇବା ପାଇଁ ପରାମର୍ଶ ଦିଆଯାଇଛି। ଜିଲ୍ଲାର ବିଭିନ୍ନ ହୋଟେଲ ଜଳଖିଆ ଦୋକାନରେ ଚଢ଼ଉ ଜାରି ରହିଛି। ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ସଂକ୍ରମଣ ଓ ଡାଇରିଆ ରୋକିବା ପାଇଁ ସରକାରୀ ବେସରକାରୀ ଟ୍ୟୁବୱେଲ, କୂପ, ପାଇପ ୱାଟର ସପ୍ଲାଏ ଗୁଡ଼ିକୁ ବିଶୋଧନ କରାଯାଉଛି। ଏଚ୍‌୨ଏସ୍ କିଟ୍ ମାଧ୍ୟମରେ ଏମ୍‌ବିକେ ମାନେ ପାନୀୟ ଜଳକୁ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ହଟସ୍ପଟ ଅଞ୍ଚଳ; ଯେଉଁଠାରେ ଏବେ ଡାଇରିଆ କେଶ ବାହାରିବାର ତଥ୍ୟ ଆସୁଛି ଏବଂ ପାଇପ୍ ୱାଟର ସପ୍ଲାଏ ଉପଭୋକ୍ତା ଅଞ୍ଚଳରେ ପାନୀୟ ଜଳ ପରୀକ୍ଷା କରୁଛନ୍ତି।

# ଉତ୍କଳ ବାଳାଶ୍ରମରେ ଝାଡ଼ାବାନ୍ତି; ୨୪ ଆକ୍ରାନ୍ତ

ବାଲେଶ୍ୱର,୧୮।୬(ସମିସ): ଝାଡ଼ାବାନ୍ତି ବାଲେଶ୍ୱର ଜିଲ୍ଲାରେ ଡେଇଁବାକୁ ଲାଗିଛି। ଗତକାଲି ସିମୁଳିଆ ପରେ ଆଜି ସହରସ୍ଥିତ ଉତ୍କଳ ବାଳାଶ୍ରମର ୨୪ଜଣ ଅନ୍ତେବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ରାତିଠାରୁ ଉତ୍କଳ ବାଳାଶ୍ରମର୨୪ଜଣ ଅନ୍ତେବାସୀ ହଠାତ ଝାଡାବାନ୍ତି ରୋଗରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଫକୀରମୋହନ ମେଡିକାଲ କଲେଜକୁ ନିଆଯାଇଥିଲା। ସେଥିମଧ୍ୟରୁ ୧୨ଜଣଙ୍କୁ ଘରୋଇ ମେଡିକାଲରେ ଚିକିତ୍ସା କରାଯାଇ ବାଳାଶ୍ରମକୁ ଅଣାଯାଇଥିଲା। ହେଲେ ସେଥିମଧ୍ୟରୁ ୧୧ଜଣଙ୍କୁ ଫକୀରମୋହନ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଜଣେ ଅନ୍ତେବାସୀ ଜ୍ୱର ପାଇଁ ମେଡିସିନ ୱାର୍ଡରେ ଭର୍ତ୍ତି ହୋଇଥିବା ବେଳେ ୧୦ଜଣ ଡାଇରିଆ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ଏବେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ମେଡିକାଲ ପକ୍ଷରୁ ଜଣାଯାଇଛି।


**SWAPNESWAR BALASHRAM**
AT-BOILO, PO-PURUNAHAT, P.S-KISHORENAGAR, DIST-CUTTACK
Regd. No- 4294-595 of 985-86

**INVITATION FOR OBJECTION**

As per the advertisement given regarding various posts on date 03.05.2025 and 05.05.2025 in Samaya and Sakala Paper, if anyone has any objection on the provisional list given on our Website: https://www.swapneswarbalashram.blogspot.com, send your objection letter to our email swapneswarbalashram@gmail.com or send a hard copy to: The Secretary, Swapneswar Balashram, At-Boilo, Po-Purunahat, Ps-Kishorenagar, Dist-Cuttack, Pin-754131 within 7 days from the date of advertisement in the newspaper.

Sd/- Secretary
Swapneswar Balashram, Boilo, Cuttack



**THE ORISSA MINERALS DEVELOPMENT COMPANY LTD.**
(A Government of India Enterprise)
CIN: L51430OR1918GOI034390
Regd. Office: Ground Floor, SAIL Building, Plot-271, Bidyut Marg, Unit-IV, Shastri Nagar, Bhubaneswar, Khordha, Odisha, India-751001.
Email: info.birdgroup@birdgroup.co.in, Website: www.birdgroup.co.in

STATEMENT OF AUDITED STANDALONE FINANCIAL RESULTS FOR THE YEAR ENDED 31st MAR,2025 - IND-AS COMPLAINT (Rs in lacs)


| Sl No. | PARTICULARS | FOR YEAR ENDING 31.03.2025 | Qtr-III ENDING 31.12.2024 | FOR YEAR ENDING 31.03.2024 |
|---|---|---|---|---|
| 1 | Total Income from Operation / Other Income | 1,125.81 | 2,116.33 | 8,938.12 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (3,911.96) | (839.80) | (530.88) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (3,911.96) | (839.80) | (530.88) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (767.59) | (90.47) | 281.91 |
| 5 | Total Comprehensive income for the period [Comprising Profit / (Loss) for the period (after tax) and other comprehensive income (after tax)] | (3,205.92) | (749.33) | 206.35 |
| 6 | Paid up Equity Share Capital | 60.00 | 60.00 | 60.00 |
| 7 | Reserves (Excluding revaluation reserve) as shown in the audited balance sheet of the previous year | (3,207.40) | (747.81) | (1,133.92) |
| 8 | Net Worth | (3,147.40) | (687.81) | (1,073.92) |
| 9 | Earning per share (of Re. 1/-each) (for continuing and discontinued operations) :- | | | |
| | 1. Basic : | (52.41) | (12.49) | 4.70 |
| | 2. Diluted | (52.41) | (12.49) | 4.70 |


1. The above results of the Company were approved by the Board of Directors at their respective meetings held on 17th June'2025.
2. The above is the extract of the detail format of Annual Financial Result filed with the Stock Exchange under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full Format of the Annual Financial Results are available on the Company's Website: www.birdgroup.co.in, the NSE (www.nseindia.com), the BSE (www.bseindia.com) and the CSE (www.cse-india .com)

For and on behalf of the Board of Director
Sd/-
(Vasudha Chandra Suratkal)
Managing Director

Place: Bhubaneswar
Date: 17th June' 2025



PANCHAYAT RAJ & DRINKING WATER DEPARTMENT
GOVERNMENT OF ODISHA
i-
**OFFICE OF THE PANCHAYAT SAMITI, JHARIGAM**
**INVITATION FOR BIDS**
No: BDO/JHG/02/2025-26, Dated: 11.06.2025

The Block Development Officer, Jharigam, on behalf of the Governor of Odisha, invites percentage rate bids through e-procurement in a single cover system as per norms of the e-procurement system in online mode.
1. Name of Works: As mentioned in Table "A", which includes Construction of Additional Classrooms in different Primary and Upper Primary Schools of Jharigam block.
2. No. of Works: 5 (Five) Nos (Detailed in Tender Call Notice available on the website)
3. Estimated Cost: As mentioned in Table "A"
4. Tender Paper Cost: Rs. 6000/- per each work
5. Class of Contractor: D & C Class
6. Period of Completion: 180 Days
7. Critical Dates: *Further details can be seen in the bidding documents available on the e-procurement portal: www.tendersodisha.gov.in
* Subsequent corrigendum (if any) will appear on the above website.
* The authority reserves the right to reject any or all tenders without assigning any reason.


| Sl. No. | Details | Information |
|---|---|---|
| 1 | Name of Works | Construction of Additional Classrooms in different Primary and Upper Primary Schools of Jharigam Block (as per Table "A") |
| 2 | No. of Works | 5 (Five) Nos |
| 3 | Estimated Cost | As mentioned in Table "A" |
| 4 | Tender Paper Cost | Rs. 6000/- per each work |
| 5 | Class of Contractor | D & C Class |
| 6 | Period of Completion | 180 Days |
| 7 | Availability of Tender for Bidding | From 17.06.2025 at 10:00 AM to 03.07.2025 at 04:00 PM |
| 8 | Last Date for Seeking Clarification | 03.07.2025 up to 04:00 PM |
| 9 | Date of Opening of Bid | 04.07.2025 at 11:00 AM |


Sd/- Block Development Officer, Jharigam
OIPR-19408/11/0011/2526



**AFFIDAVIT**
By virtue of an affidavit sworn before Notary Public, Bhadrak, Affidavit No. 1355 dated 17-06-2025. I MURSHIDA KHATUN, Address At- Habibnagar, PO- Dhamnagar, Bhadrak, Odisha, 756117 declare that I have changed my name from MURSHID KHATOON to MURSHIDA KHATUN. Henceforth, I shall e known as **MURSHIDA KHATUN** for all purposes.
MURSHIDA KHATUN

**AFFIDAVIT**
I Susmita Ghadei w/o- Balaram Ghadei, resident of village/po , Durpal, Ps-Kamarda, Dist- Balasore, Odisha, declared by affidavit before Executive Magistrate , Bhograi No.2103/ dtd-12/06/2025 that My son name as Bhagabata Ghadei in his Birth Certificate, that wrongly mentioned as Rakesh Ghadei in Adhar. Bhagabat Ghadei and Rakesh Ghadei is one & same person.Hence my son shall be known as **Bhagabat Ghadei** for all future purpose.

**AFFIDAVIT**
I Kalicharan Jena, S/o- Kartik Jena, resident of village/Po- Katisahi, Ps-Kamarda, Dist- Balasore, Odisha, declared by affidavit before Executive Magistrate, Bhograi No.1955/ dtd-29/05/2025 that My son name as Rajkeshore Jena in his Birth Certificate, that wrongly mentioned as Rajkoshor Jena in Adhar. Rajkeshor Jena and Rajkoshor Jena is one & same person. Hence my son shall be known as **Rajkeshore** for all future purpose.

**AFFIDAVIT**
I Manoranjan Swain, S/o- Parshuram Swain of village Garasang , Po- Garasang, Via- Ada, P.s-Similia, Dist-Baleswar, Pin- 756134 declare by this affidavit no- 1765 , Dt- 17/06/2025 that now onwards,My name was wrongly mentioned as M.Swain (Aadhaar card no -5518 6332 3422 ). I shall be known as **Manoranjan Swain** for all future purposes as mentioned above address.

**CHANGE OF NAME**
By the virtue of an affidavit sworn before Executive Magistrate Kakatpur, dated 18.06.2025 I, **ABHIMANYU MUDULI**, Address At- Suhagpur, PO- Suhagpur, PS- Kakatpur, Dist - Puri, PIN - 752107 declare that I have changed my Son's/Daughter's name from **Deepak Kumar Muduli** to **Deepak Ranjan Muduli**. Henceforth he/she shall be known as **Deepak Ranjan Muduli** for all purposes .

**AFFIDAVIT**
By virtue of an affidavit sworn before Executive Magistrate, Anandapur dated- 26/03/2025. I, **GAYATRI RANA,** address At/Po- Kolimati, Dist- Keonjhar, Pin-758015, Odisha declare that I have changed my name from **Gayatri Sahoo To Gayatri Rana.** Henceforth, I shall be known as **Gayatri Rana** for all purposes.
GAYATRI RANA (New Name)

**AFFIDAVIT**
By virtue of an affidavit sworn before Notary Public, Bhubaneswar, dated-18.06.2025, I, Pratap Dora, S/O- Brundaban Dora, resident of Vill- Singipur, PO- Singipur, P.S.-Patapur, Dist- Ganjam, Odisha, Pin-761014, declare that I have changed the name of my daughter's name from M Sanaki Dora to M Sonkashi Dora. Henceforth, she shall be known as M Sonkashi Dora for all purposes.

**AFFIDAVIT**
By virtue of an affidavit sworn before BRAJA SUNDAR NAYAK, Notary Public, RAYAGADA, dated 18 Jun 2025, I, SIPRA SANGHAMITRA DASH, Address Opp. Shanti Bhaban, Convent Road, Rayagada, Odisha. PIN 765001 declare that I have changed my name from SIPRA SANGHAMITRA RICHA TANISHA DASH to SIPRA SANGHAMITRA DASH. Henceforth, I shall be known as SIPRA SANGHAMITRA DASH for all purposes.
SIPRA SANGHAMITRA DASH

**AFFIDAVIT**
I, Dilip Kumar Agarwalla, aged about 54 years, S/o- Late Bajaranglal Agrawalla, resident of Sardar Patel Marg, PO- Jatni, PS- Jatni, Dist- Khordha, Odisha declared by this affidavit No.148, dtd- 18/06/2025 that now onwards I shall be known as **DILIP KUMAR AGRAWALLA** for all future purposes.

**AFFIDAVIT**
By virtue of an affidavit sworn before Notary Public, Bhadrak, Affidavit No. 1353 dated 17-06-2025. I MADINA BIBI, Address At- Mojahidnagar, PO- Dhamnagar, Bhadrak, Odisha, 756117 declare that I have changed my name from AMIRUN BIBI alias AMIRUN NESSA to MADINA BIBI. Henceforth, I shall e known as **MADINA BIBI** for all purposes.
MADINA BIBI

**CHANGE OF NAME**
By the virtue of an affidavit sworn before Notary public Bhubaneswar dated 12-06-2025, I **Prakash Behera** At - Hatabaradihi, PO - Hatabaradihi, PS - Tangi, Dist - Khordha, Odisha, PIN - 752027 hereby declare that I have changed name of my daughter from Laxmipriya Behera to Puja Behera. Henceforth She shall be known as **Puja Behera** for all purposes .

**AFFIDAVIT**
I, Chiranjeevi Sakali, aged about 41 years, S/o- Narayana Chakali, resident of At-3-3, Ayyavaripeta, Ps- Ichapurm Rural, Mandalam, Loddaputti, Dist- Srikakulam, PIN- 532312, Andhra Pradesh declared by this affidavit No. 1194, dtd- 17/06/2025 that now onwards I shall be known as **CHIRANJEEVI CHAKALI** for all future purposes.

**AFFIDAVIT**
By virtue of an affidavit No. 7635, Swarn before The Executive Magistrate, Jajpur on dtd- 02/12/2024. I **Akash Mallik,** aged about 24 years, S/o- Surendra Mallik, resident of Vill- Nalakul, Po- Kotapur, Ps- Dharmasala, Dist-Jajpur, Odisha my real name is **Akash Mallik** recorded in my Aadhar Card, Bank Account bearing Aadhar No- 3548 1879 1440 & Bank A/c No- 07410110209233, but my name is **Prakash Chandra Mallik** recorded in my LIC Policy Bond bearing No. 598188661, Henceforth, both the name **Akash Mallik** and **Prakash Chandra Mallik** is one and same person for all future purposes.
Akash Malik

**AFFIDAVIT**
BY VIRTUE OF an affidavit sworn before the Executive Magistrate, Sohela, No.-04 dated 17/06/2025 I Sagara Naik, S/o- Dolamani Naik, R/o- Village/Po.- Baunsenmura, PS- Sohela, Dist - Bargarh, Odisha declare that, my son's actual and correct name is **Jagamohan Naik** but in his Aadhaar card his name has been wrongly mentioned as **Gagmohan Naik**. Hence both **Jagamohan Naik** and **Gagmohan Naik** is same and person.

**AFFIDAVIT**
I, Narayana Sakali, aged about 68 years, S/o- Thutayya Chakali, resident of At-3-3, Ayyavaripeta, Ps- Ichapurm Rural, Mandalam, Loddaputti, Dist- Srikakulam, PIN- 532312, Andhra Pradesh declared by this affidavit No. 1193, dtd- 17/06/2025 that now onwards I shall be known as **NARAYANA CHAKALI** for all future purposes.

**AFFIDAVIT**
By virtue of an affidavit before The Executive Magistrate, Titilagarh, on dated- 04/06/2025. I, **Santosh Sahu,** aged about 53 years, S/O- Late Dutia Sahu, permanent resident of At- Ghantasuni Pada, PO/PS- Titilagarh, Dist- Balangir, (Odisha), PIN- 767033 affirm that I have changed my minor daughter's name from **Sardha Rani Sahu** (old name) To **Sradha Rani Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Sradha Rani Sahu** (new name).
Santosh Sahu

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

**LOST**
Notice is hereby given to general public that, I Sri. Sambit has lost the original link RSD bearing no-11081408405 dt. 03.10.2014 RSD NO- 11081402723 dt 10.03.2014 and ROR NO-514/1937 AND ROR NO-514/2137 of Mouza-Kesura. which was kept in my hand Bag while he was going to court from his residence at Kotasahi, on 28.05.2025 lost the original sale deed somewhere, around court area and in spite of his best efforts failed to trace the same. Therefore, if anyone has found the same, please contact Advocate Sri. N.C. Pattnaik, mob - 9853311189, of LICHFL at Chandrasekharpur within 15 days from the date of the publication, failing which the document will lose its legal force, and any misuse of the document will be punishable under law.

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
CONTACT : 6371093914

**AFFIDAVIT**
I, Sharmistha Nayak, W/o- Abhijit Nayak, D/O- Muralidhar Srichandan, resident of At- Plot No-5, Basuaghai, Tankapani Road, Badagada Brit Colony, P.S- Badagada, Bhubaneswar, Dist- Khorda, Pin- 751018, Odisha. Declare by this affidavit No- C.F No-31, dtd- 17.06.2025, that now onwards I shall be known as **SARMISTHA SRICHANDAN** for all future purposes.

# ବିଶ୍ୱ ବୟସ୍କ ନିର୍ଯାତନା ସଚେତନତା ଦିବସ

ଜଗତସିଂହପୁର, ୧୮।୬(ସମିସ): ବିରିଡି ବ୍ଲକ ଅନ୍ତର୍ଗତ ଅଡଙ୍ଗମଜୁରାଇ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ବିଶ୍ୱ ବୟସ୍କ ନିର୍ଯାତନା ସଚେତନତା ଦିବସ ପାଳିତ ହୋଇଯାଇଛି। ପ୍ରାଧିକରଣ ସଚିବ ବିଡ଼ିଡି ଚନ୍ଦନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ପାରା ଲିଗାଲ ସ୍ୱେଚ୍ଛାସେବୀ ଏବଂ ଗ୍ରାମବାସୀ ଯୋଗ ଦେଇଥିଲେ। ବୟସ୍କ ବ୍ୟକ୍ତିଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନା ଓ ଅତ୍ୟାଚାରକୁ ରୋକିବା ଏବଂ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳ ଲକ୍ଷ୍ୟ। କୌଣସି ସ୍ଥାନରେ ଯଦି ବୟସ୍କ ବ୍ୟକ୍ତିଙ୍କୁ ନିର୍ଯାତନା ଦିଆଯାଉଥାଏ ତେବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିବାକୁ ସଚିବ ସଚେତନ କରାଇବା ସହ ବିଭିନ୍ନ ଆଇନଗତ ଦିଗ ବିଷୟରେ ଆଲୋଚନା କରିଥିଲେ।

# ସାପ କାମୁଡ଼ାରେ ଜଣେ ମୃତ



ଏରସମା,୧୮।୬(ସମିସ): ଏରସମା ଥାନା ଭିରଙ୍ଗ ଗ୍ରାମର ପ୍ରଭାକର ଜେନା(୫୩) ନିଜ ଦୋକାନ କେବିନରେ ଶୋଇଥିବା ସମୟରେ ବିଷାକ୍ତ ସାପ କାମୁଡ଼ିବାରୁ ତାଙ୍କ ମୃତ୍ୟୁ ଘଟିଛି। ଏରସମା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରୁ ତାଙ୍କୁ ଜଗତସିଂପୁର ମେଡିକାଲ ପଠାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ସମୟରେ ମୃତ୍ୟୁ ଘଟିଥିଲା। ତାଙ୍କର ବିୟୋଗରେ ଭିରଙ୍ଗ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

# ନୂଆବଜାର ଅଞ୍ଚଳରୁ ଦୁଇ ବାଇକ୍ ଚୋରି

ପାରାଦୀପ, ୧୮।୬ (ସମିସ): ବୁଧବାର ନୂଆବଜାର ତେଲୁଗୁ ପଡ଼ାର କୈଳାସ ଆଚାର୍ଯ୍ୟଙ୍କ ଏକ ସ୍ପେଲଣ୍ଡର ବାଇକ ଓ ଗଣ୍ଡୁଙ୍କ ପାସନ ଗାଡ଼ି ସେମାନଙ୍କ ଘର ସମ୍ମୁଖରେ ରହିଥିବା ବେଳେ ଭୋର ସମୟରେ ଦୁର୍ବୃତ୍ତ ଲକ୍ ଭାଙ୍ଗି ଚୋରି କରି ନେଇଛନ୍ତି। ଏ ସମ୍ପର୍କରେ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୁଲିସ ତଦନ୍ତ କରିବା ସହ ବାଇକ ଲୁଟେରାଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଥିବା ସୂଚନା ମିଳିଛି। ସ୍ୱତନ୍ତ୍ର ଭାବେ ଏହି ବାଇକ ଚୋରି ଗ୍ୟାଙ୍ଗ ଏବେ ପାରାଦୀପରେ ସକ୍ରିୟ ଥିବା କୁହାଯାଉଛି। ବଡପଡ଼ିଆ ଅଞ୍ଚଳରୁ କ୍ରମାଗତ ଭାବେ ଲୁଟେରା ଜନଗହଳି ସ୍ଥାନ ଦେଖି ବାଇକ ଲୁଟୁଛନ୍ତି। ଦିନେ ଦୁଇ ଦିନ ଅନ୍ତରରେ ଏଭଳି ଲୁଟ ହେଉଥିବା ଖବର ସାମ୍ନାକୁ ଆସୁଛି। ପୁଲିସ ଏହି ଗ୍ୟାଙ୍ଗ ଉପରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ୧୯ରୁ ୨୬ ଜୁନ ସମୁଦ୍ର ମଧ୍ୟକୁ ମନା



ପାରାଦୀପ, ୧୮।୬ (ସମିସ): ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୧୯ରୁ ୨୬ ଜୁନ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବ। ପ୍ରବଳରୁ ଅତି ପ୍ରବଳ ବର୍ଷା, ଝଡ଼ବର୍ଷା ଓ ୪୬୦ କିମି ବେଗରେ ପବନ ବହିବାର ଆଶଙ୍କା ରହିଛି। ସେ ସମୟ ମଧ୍ୟରେ ସମୁଦ୍ରକୁ ମାଛ ଧରିବାକୁ ନ ଯିବା ପାଇଁ ମତ୍ସ୍ୟ ଓ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ବୁଧବାର ପାରାଦୀପ ନେହେରୁ ବଙ୍ଗଳାସ୍ଥିତ ମାଛଧରା ବନ୍ଦରରେ ମତ୍ସ୍ୟ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରାଯାଇ ସତର୍କ ସୂଚନା ଜାରୀ କରାଯାଇଛି। ଏବେଠୁ ପାରାଦୀପରେ ତୁହାକୁ ତୁହା ବର୍ଷା ଲାଗି ରହିଛି। ଏହି ସମୟରେ ସମୁଦ୍ର ମଧ୍ୟକୁ ଗଲେ ବିପଦ ଦେଖା ଦେଇ ପାରେ। ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ଓ ପାଣିପାଗ ବିଭାଗ ପକ୍ଷରୁ ସମସ୍ତ ବୋଟ ମାଲିକ, ଡଙ୍ଗା ମାଲିକ ଓ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନଯିବା ପାଇଁ ବାରଣ କରାଯାଇଛି।

# ନିଟ୍ ପରୀକ୍ଷାରେ ଆଶୁତୋଷ ସଫଳ



ନାଉଗାଁ, ୧୮।୬(ସମିସ): ନାଉଗାଁ ବ୍ଲକ୍ ଅନ୍ତର୍ଗତ ଓଡପଏଙ୍ଗା ଗ୍ରାମର ପ୍ରକାଶ ଦାଶ ଓ ପ୍ରିୟଦର୍ଶିନୀ ଦାଶଙ୍କ ପୁଅ ଆଶୁତୋଷ ଦାଶ ସର୍ବଭାରତୀୟ ନିଟ୍ ପରୀକ୍ଷାରେ ୫୮୨ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇ ଡାକ୍ତରୀ ପାଠ ପଢିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଆଗାମୀ ଦିନରେ ଜଣେ ଭଲ ଡାକ୍ତର ହୋଇ ଅଞ୍ଚଳବାସୀଙ୍କ ସେବା କରିବେ ବୋଲି କହିବା ସହ ତାଙ୍କର ଏହି ସଫଳତା ପାଇଁ ତାଙ୍କ ବାପା, ମା'ଙ୍କ ପ୍ରଚେଷ୍ଟା ବୋଲି ସୂଚନା ଦେଇଛନ୍ତି। ଆଶୁତୋଷଙ୍କ ଏହି ସଫଳତା ହାସଲ କରିବାପରେ ପରିବାର ତଥା ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ଏହି ସଫଳତା ପାଇବା ପରେ ଆସୁତୋଷଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ■ ପାରାଦୀପରେ ବାସି ଖାଦ୍ୟର ହେଉନି ଯାଞ୍ଚ

# ଡାଇରିଆ ବ୍ୟାପିବା ଆଶଙ୍କା

ପାରାଦୀପ, ୧୮।୬ (ସମିସ): ଡାଇରିଆ ଏବେ ସାରା ରାଜ୍ୟରେ କାୟାବିସ୍ତାର କରିବାରେ ଲାଗିଛି। ବନ୍ଦର ସହରରେ ଯଦିଓ ଏଭଳି ଲକ୍ଷଣ କେଉଁଠି ଦେଖାଯାଇନି, ତଥାପି ଆଗାମୀ ଦିନରେ ଡାଇରିଆ ଦିଗକୁ ଏଡ଼ାଇ ଦିଆଯାଇ ନ ପାରେ। ଏବେ ବେଳ ଥାଉଁ ସତର୍କ ନ ରହିଲେ ଆଗକୁ ଦଶା ଭୋଗିବାକୁ ପଡ଼ିପାରେ। ଏଭଳି ମୁହୂର୍ତ୍ତରେ ପାରାଦୀପ ଓ ଏହା ଆଖପାଖ ଅଞ୍ଚଳରେ ଯେତେ ଟିଫିନ ସେଣ୍ଟର, ହୋଟେଲ, ରେଷ୍ଟୁରାଣ୍ଟ ଓ ଫାଷ୍ଟଫୁଡ ସେଣ୍ଟର ରହିଛି, ସବୁଠି ପ୍ରସ୍ତୁତ ଖାଦ୍ୟ ପଦାର୍ଥର ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି। ପ୍ରତ୍ୟେକ ଦିନ ଚଢ଼ଉ କରି ଅପମିଶ୍ରିତ ବାସୀ ଖାଦ୍ୟ ଉପରେ ନଜର ରଖିବା କଥା। ଏବେ ସୁଦ୍ଧା ସେଭଳି କୌଣସି ଚଢ଼ଉ ବନ୍ଦର ସହର ପାରାଦୀପ ଅଞ୍ଚଳରେ ହେଉନାହିଁ।

ଏଥିସହିତ ବଡ଼ପଡ଼ିଆ, ଷଣ୍ଢକୁଦ, ନେହେରୁ ବଙ୍ଗଳା, ଅଠରବାଙ୍କୀ, ପାରାଦୀପଗଡ଼ ଓ ଇଫକୋ ଛକ ଆଦି ସ୍ଥାନରେ ହୋଟେଲ, ଗୁପଚୁପ, ଉଠା ଜଳଖିଆ ଦୋକାନ ଓ ରାସ୍ତା କଡ଼ରେ ଫାଷ୍ଟଫୁଡ ଦୋକାନ ଦେଇଥିବା ଦେଖିବାକୁ ମିଳୁଛି। ସେମାନେ କେଉଁଭଳି ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରୁଛନ୍ତି, ସେଠାରେ ବାସି ଜିନିଷ ବ୍ୟବହାର କରାଯାଉନି ତ? ଏସବୁର ଯାଞ୍ଚ ହେବା କଥା। ଯଦି କେଉଁ ସ୍ଥାନରେ ଅଭିଯୋଗ ହେଉଛି, ତେବେ ବିଭାଗ ସେହି ଗୋଟିଏ ଦିନ ଯାଇ ଯାଞ୍ଚ କରି କାମ ସାରି ଦେଉଥିବା ସାଧାରଣରେ ଅଭିଯୋଗ ହେଉଛି। ତେବେ ଆମ ଜିଲ୍ଲାରେ ଏହି ଖାଦ୍ୟ ନିରୀକ୍ଷକ ଦପ୍ତର ଅଛି ବୋଲି ଜଣାପଡୁନାହିଁ। ତେଣୁ ଏବେଠୁ ସ୍ୱାସ୍ଥ୍ୟ ବିଭାଗ ଆଗୁଆ ଖାଦ୍ୟ ପଦାର୍ଥ ସବୁ ଯାଞ୍ଚ କରି ସତର୍କ ରହିବା ଆବଶ୍ୟକ। କୌଣସି ଜାଗାରେ ଯେପରି କୌଣସି ପରିସ୍ଥିତିରେ ବାସି ଓ ଅପମିଶ୍ରିତ ଖାଦ୍ୟ ବିକ୍ରି ହେବ, ସେଥିପ୍ରତି ବିଭାଗ ନଜର ରଖିବା ଆବଶ୍ୟକ। ଯେହେତୁ ଶିଳ୍ପ ସହର ପାରାଦୀପ ଏକ ପ୍ରଦୂଷିତ ଅଞ୍ଚଳ, ଏଠାରେ ସ୍ୱଚ୍ଛତା ମାତ୍ରା କମ ରହିଛି। ସ୍ୱଚ୍ଛ ପାନୀୟ ଜଳ ସଙ୍କଟ ରହିଛି। ତେଣୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ ଏନେଇ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବା ଦରକାର। ବର୍ତ୍ତମାନ ସମୟରେ ସ୍ୱାସ୍ଥ୍ୟ ବିଭାଗ ବାହାର ଖାଦ୍ୟ ପଦାର୍ଥ ନ ଖାଇବା ଉପରେ ସାଧାରଣ ଲୋକଙ୍କୁ ସଚେତନତା କରିବା ଉଚିତ ବୋଲି ମତ ପ୍ରକାଶ ପାଉଛି।

## ■ କୁଜଙ୍ଗ ଓ ରଘୁନାଥପୁର ପଞ୍ଚାୟତସମିତିର ଅଧିବେଶନ

# ବିଦ୍ୟୁତ, ଶିକ୍ଷା, ଜଳଯୋଗାଣ ସମସ୍ୟା ସମାଧାନକୁ ଗୁରୁତ୍ୱ





କୁଜଙ୍ଗ, ୧୮।୬(ସମିସ):

କୁଜଙ୍ଗ ପଞ୍ଚାୟତସମିତି ସଭାଗୃହଠାରେ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ପଞ୍ଚାୟତସମିତିର ପଞ୍ଚମ ସାଧାରଣ ଅଧିବେଶନକୁ ସମ୍ବୋଧିତ କରିଥିଲେ। ଅଧ୍ୟକ୍ଷା ନିନାରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ୨୦୨୪-୨୫ ବର୍ଷର ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ବିକଶିତ ଓଡ଼ିଶା, ବିକଶିତ ଗାଁ ଉପରେ ଆଲୋଚନାରେ ଗୁରୁତ୍ୱାରୋପ କରାଯିବା ସହ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମିଳିମିଶି ଲୋକମାନଙ୍କର ମୌଳିକ ସମସ୍ୟାର ସାମାଧାନ ଦିଗରେ କାର୍ଯ୍ୟ କରିବା ପାଇଁ କହିଥିଲେ। ସମସ୍ତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତସମିତି ସଦସ୍ୟ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ବୈଠକରେ ଜଗତସିଂହପୁର ସାଂସଦ ଡ. ବିଭୂପ୍ରସାଦ ତରାଇ ସରକାରୀ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ପଞ୍ଚାୟତସମିତି ଅଧ୍ୟକ୍ଷା, ଉପାଧ୍ୟକ୍ଷ, ବିଡ଼ିଓ, ଏବିଡ଼ିଓ, ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ପ୍ରମୋଦ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାରେ ସାଇଲୋ ସରପଞ୍ଚ ନିଜ ପଞ୍ଚାୟତର କେତେକ ଯୋଜନା ନେଇ ଆପତ୍ତି ଉଠାଇବା ସହ କ୍ଷୋଭ ପ୍ରକାଶ କରିଥିଲେ। ପଙ୍କପାଳ ସରପଞ୍ଚ ସରୋଜ ସେଠୀ(ମୁନା) ଜନାପାଳରେ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନେଇ ଖରାପ ହୋଇଥିବା ବିଦ୍ୟୁତ୍ ଏଲଇଡି ଲାଇଟ, ତାଳପଡ଼ା ବାଣିକୁନ୍ଦ ରାସ୍ତା ନିର୍ମାଣ ବିଳମ୍ବ ପ୍ରସଙ୍ଗ ଉଠାଇବା ସହ ଗୁରୁତ୍ୱପୂର୍ଣ୍ଣ ଚଟୁଆ ଚାନ୍ଦପୁର ରାସ୍ତା ଦୁରବସ୍ଥା ସମାଧାନ ଚାହିଁ ଥିଲେ। ସେହିପରି ନୂଆଗଡ ସରପଞ୍ଚ ଦେବେନ୍ଦ୍ର ରାଉତ୍ ନିଜ ଅଞ୍ଚଳର ଶିକ୍ଷା ବ୍ୟବସ୍ଥା ଉଠାଇ ଶିକ୍ଷକ ଅଭାବ, ଏଲଆଣ୍ଡଟି ଜଳଯୋଗାଣ କର୍ଯ୍ୟ ଧିମା ଗତି ପ୍ରସଙ୍ଗ ଉଠାଇବା ସହ ବିଦ୍ୟୁତ୍ ସେବା ନେଇ ଗୁରୁତର ସମସ୍ୟା ଉଠାଇଥିଲେ। କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ବାଗୋର ପ୍ରଭାଞ୍ଜଳି ସେଠୀ, ଗୋପିଆକୁଦ ଶ୍ରୀନିବାସ ସ୍ୱାଇଁଙ୍କ ସହ ବହୁ ସରପଞ୍ଚ ନିଜ ପ୍ରସଙ୍ଗ ଉଠାଇଥିଲେ। ନିର୍ଦ୍ଧାରିତ ସମୟଠାରୁ ଦୁଇ ଘଣ୍ଟା ବିଳମ୍ବରେ ସମିତି ବୈଠକ ଆରମ୍ଭ ହୋଇଥିଲା।

**ରଘୁନାଥପୁର:** ରଘୁନାଥପୁର ପଞ୍ଚାୟତସମିତିର ୫ମ ଅଧିବେଶନ ବହୁଦିନ ପରେ ବୁଧବାର ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ସଭାପତିତ୍ୱ କରିଥିଲେ। ଏଥିରେ ତିର୍ତ୍ତୋଲ ବିଧାୟକ ଡ ରମାକାନ୍ତ ଭୋଇ, ଏମପି ନୋମିନି ଆଇନଜୀବୀ ଗଗନ ଦାଶ, ଜିଲ୍ଲା ପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ ଓ ରୀନାରାଣୀ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଡିଓ ବିରଞ୍ଚି ନାରାୟଣ ବେହେରା ସଭା ପରିଚାଳନା କରିଥିବାବେଳେ ଏବିଡିଓ ଦାୟିତ୍ୱରେ ଥିବା ଜିପିଓ ସ୍ମାରକ ମହାନ୍ତି ପୂର୍ବ ଅଧିବେଶନର ବିବରଣୀ ପଠନ କରିଥିଲେ। ବୈଠକ ଆରମ୍ଭ ମାତ୍ରେ ରେଢୁଆ ସରପଞ୍ଚ କିଶୋରଚନ୍ଦ୍ର ବେହେରା ଓ ଟଂଅରା ସରପଞ୍ଚ ବଟକୃଷ୍ଣ ନାୟକ ସରକାରି ଅନୁଦାନ ଅନୁଯାୟୀ ପ୍ରକଳ୍ପ ତାଲିକା ମଗାଯାଉ ବୋଲି ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ପ୍ରକଳ୍ପଗୁଡିକ ମଧ୍ୟରୁ ହାତଗଣତି ୧-୨ଟି ପ୍ରକଳ୍ପ ପାଇଁ ଅନୁଦାନ ମିଳୁଥିବାରୁ କ୍ଷୋଭ ପ୍ରକାଶ ପାଇଛି। ତାରପୁର ସରପଞ୍ଚ ସୁଷମା ମଲ୍ଲିକ ସୌଭାଗ୍ୟ ଯୋଜନାରେ ଜଣେ ଭିନ୍ନକ୍ଷମ କାଳନ୍ଦୀ ବାରିକଙ୍କ ଉପରେ ଏକକାଳୀନ ୫ ବର୍ଷର ବିଲ ପୈଠ କରିବା ପାଇଁ ବିଦ୍ୟୁତ ବିଭାଗ ପକ୍ଷରୁ ଆସିଥିବା ନୋଟିସ ନେଇ ଉଦବେଗ ପ୍ରକାଶ କରିଥିଲେ। ସେହିପରି ଏଲଆଣ୍ଡଟି କମ୍ପାନୀ ପକ୍ଷରୁ ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ବିଭିନ୍ନ ଗ୍ରାମର ରାସ୍ତା ପାର୍ଶ୍ୱରେ ଖୋଳାଯିବା ଓ ସେଗୁଡିକ ମରାମତି କରା ନଯିବାରୁ ଯାତାୟାତ ପାଇଁ ସମସ୍ୟା ସୃଷ୍ଟି ହେଉଥିବା ସମ୍ପର୍କରେ ସରପଞ୍ଚ ମଲ୍ଲିକ ଅଭିଯୋଗ କରିଥିଲେ। ଗୁଆଳିପୁର ସରପଞ୍ଚ ମନଜୀନି ସାହୁ ଓ ସାଦେଇପୁର ସରପଞ୍ଚ ପ୍ରଭାସିନୀ ପ୍ରଧାନ ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲରେ ଶିକ୍ଷକ ନଥିବା ଏବଂ ଯଥାଶୀଘ୍ର ଶିକ୍ଷକ ନିଯୁକ୍ତି ନେଇ ଦାବି କରିଥିଲେ। ବିଦ୍ୟାଧରପୁର ସରପଞ୍ଚ ତାଙ୍କ ପଞ୍ଚାୟତରେ ଶିକ୍ଷକ ସମସ୍ୟା ଓ ହଟିକଲଚରର ମନମୁଖୀ କାର୍ଯ୍ୟ ପାଇଁ ତୀବ୍ର ସମାଲୋଚନା କରିଥିଲେ। ଏଥିରେ ଛପଡା ପଞ୍ଚାୟତର ସଭ୍ୟ ରଞ୍ଜନ କୁମାର ସ୍ୱାଇଁ ସହମତି ପ୍ରକାଶ କରିଛନ୍ତି। ବିଭିନ୍ନ ଜିଲ୍ଲାରେ ଡାଇରିଆ ବ୍ୟାପୁଥିବାରୁ ପ୍ରତି ପଞ୍ଚାୟତରେ ସ୍ୱାସ୍ଥ୍ୟ ସଚେତନତା ଜରୁରୀ ହୋଇପଡ଼ିଛି



ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା ସୁକାନ୍ତ କୁମାର ଦଳାଇ ବୈଠକରେ ସୂଚାଇ ଦେଇଥିଲେ। ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାଶଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ବ୍ଲକ ବିଏସଏସଓଙ୍କ ସାଧାରଣଜନତାଙ୍କ ପ୍ରତି ଅସୋହଯୋଗ, ଭତ୍ତା, ରାସନ କାର୍ଡ, କୃଷି ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ପୂର୍ବତନ ସରପଞ୍ଚ ଦିବଙ୍ଗତ ବାସନ୍ତୀ ସାହୁଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କ୍ୟାସିଅର ଭାବେଶ ବେହେରାଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# କାର ଧକ୍କାରେ ବାଇକ୍ ଆରୋହୀ ମୃତ, ଜଣେ ଗୁରୁତର

ରଘୁନାଥପୁର, ୧୮।୬(ସମିସ): ରଘୁନାଥପୁର ଥାନା ଅନ୍ତର୍ଗତ ତାରପୁର ମହାନଦୀ ବ୍ରିଜ ନାରାୟଣୀ ଛକ ନିକଟରେ ଅଜଣା କାର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସାଙ୍ଗରେ ଥିବା ଜଣେ ଯୁବକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ମୃତ ଯୁବକ ଜଣଙ୍କ ହେଲେ କିଶନନଗର ଥାନା ମଣିଜଙ୍ଗ ପଞ୍ଚାୟତର କୈଳାସ ନାୟକଙ୍କ ପୁଅ କବୀର ନାୟକ (୩୬)। ଗୁରୁତର ଜଣଙ୍କ ହେଲେ ସେହି ଗ୍ରାମର ବ୍ରଜକିଶୋର ସାହୁଙ୍କ ପୁଅ ନିରଞ୍ଜନ (୩୪)। ଏ ସମ୍ପର୍କରେ ଥାନାରେ ମାମଲା ରୁଜୁ ହୋଇଛି। ଉଭୟ କବୀର ଓ ନିରଞ୍ଜନ ଏକ ବାଇକରେ ନାରାୟଣୀ ମନ୍ଦିର ପଟୁ ନଦୀବନ୍ଧ ରାସ୍ତାରେ ଆସୁଥିବାବେଳେ ତାରପୁର ବାଇପାସ ପଟୁ ଆସୁଥିବା ଅଜଣା କାର ବାଇକକୁ ଧକ୍କା ଦେଇଥିଲା। ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିବା ବେଳେ କବୀରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ନିରଞ୍ଜନଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ରେଫର କରିଥିଲେ। ଦୁର୍ଘଟଣା ଘଟାଇଥିବା କାରଟି ଫେରାର ହୋଇଯାଇଛି। ପୁଲିସ ବାଇକ ଜବତ କରି ତଦନ୍ତ ଜାରି ରଖିଥିବା ଏସଆଇ ଯୋଗେଶ୍ୱର ବେହେରା ପ୍ରକାଶ କରିଛନ୍ତି।

# ପ୍ରବାସୀ ଶ୍ରମିକଙ୍କ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର, ୧୮।୬(ସମିସ): ଏରସମା ବ୍ଲକ ଅନ୍ତର୍ଗତ ସୋମପୁର ପଞ୍ଚାଯତ କାର୍ଯ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ବିଡ଼ିଡି ଚନ୍ଦନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ପାରା ଲିଗାଲ ସ୍ୱେଚ୍ଛାସେବୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରବାସୀ ଶ୍ରମିକ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହେଉଥାନ୍ତି ତେବେ ଆଇନଗତ ସାହାଯ୍ୟ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିବା ପାଇଁ ସଚିବ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ।

# ତିର୍ତ୍ତୋଲରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ତିର୍ତ୍ତୋଲ, ୧୮।୬ (ସମିସ): ତିର୍ତ୍ତୋଲ ମଣି ଚରଣ ସାରଳା ଏକାଡେମୀ ପରିସରରେ ଏକାଡେମୀର ୧୯୯୪ ମାଟ୍ରିକ ବ୍ୟାଚ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ଶାରଳା ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ରାଜ୍ୟ ସରକାରଙ୍କ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ, ସ୍ଥାନୀୟ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ତିର୍ତ୍ତୋଲ କଲେଜର ପୂର୍ବତନ ଅଧ୍ୟକ୍ଷ ସଦାଶିବ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ଟିମ୍ ରକ୍ତ ସଂଗ୍ରହ କରିଥିଲେ। ସମୁଦାୟ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ମା ଶାରଳା ଫାଉଣ୍ଡେସନ ପ୍ରତିଷ୍ଠାତା ସୋନାଲି ମହାନ୍ତି, ସଦସ୍ୟ ସଞ୍ଜୟ ମହାପାତ୍ର, ବିଦ୍ୟା ପ୍ରକାଶ ମନ୍ମୟ କୁମାର, ଶୁଭସ୍ମିତା ମହାନ୍ତି, ଶ୍ରୀନିବାସ ଦାସ, ପାୟଲ ପ୍ରିୟଦର୍ଶିନୀ, ଶିଶୁରଞ୍ଜନ ମହାନ୍ତି, ଝୁନିବାଳା ଦାସ, ହୃଷୀକେଶ ପରିଜା, ଜଗନ୍ ଦାସ, ସୌମ୍ୟରଞ୍ଜନ ମହାନ୍ତି, ୧୯୯୪ ବ୍ୟାଚର ପାର୍ଥସାରଥୀ ମହାପାତ୍ର, ସରୋଜ ମଲ୍ଲିକ, ଝାଟୁଚରଣ ଦାସ, ଜୟନ୍ତ ମଲ୍ଲିକ, ସୁଧୀର ନାଥ, ରଶ୍ମିରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ

ବାଲିକୁଦା, ୧୮।୬(ସମିସ): ବାଲିକୁଦା ବ୍ଲକ ରାହାଣ ପଞ୍ଚାୟତ ମୁରୁଣିଆଠାରେ ଥିବା ବସୁଧା ଯୋଜନାର ଓଭରହେଡ ଟାଙ୍କିର ପରିଚାଳକ ବିପିନ ସେଠୀଙ୍କୁ ବିରିବେଦୀ ଗ୍ରାମର ୨ ଜଣ ଯୁବକ ବିନା କାରଣରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ବାଲିକୁଦା ଓ ଏରସମା ବ୍ଲକରେ ଥିବା ସମସ୍ତ ଓଭରହେଡ଼ ଟାଙ୍କିର ପରିଚାଳକ କାର୍ଯ୍ୟ ବନ୍ଦ ଡକରା ଦେବା ସହ



ବିପିନଙ୍କୁ ନ୍ୟାୟ ପ୍ରଦାନ ବାଲିକୁଦା ଥାନା ଅଧିକାରୀଙ୍କୁ ଭେଟିଥିଲେ। ଭେଟିବା ପରେ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ସମସ୍ତ ପରିଚାଳକଙ୍କୁ ନ୍ୟାୟ ପାଇଁ ପ୍ରତିଶ୍ରୁତି ଦେବା ସହ ଏହି ସମ୍ପର୍କରେ ଆଲୋଚନା ପାଇଁ ବିଭାଗୀୟ ଯନ୍ତ୍ରୀ ଓ ଏଲଆଣ୍ଡଟି କମ୍ପାନୀର ଆମ୍ବଶାଳ ମେଗା ପାନୀୟ ଜଳ ପ୍ରକଳ୍ପ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସହ ଆଲୋଚନା କରି ସଠିକ ପଦକ୍ଷପ ଗ୍ରହଣ କରିବେ ବୋଲି କହିଥିଲେ। ଏନେଇ ବିପିନ ନ୍ୟାୟ ପାଇଁ ବିଭାଗୀୟ ଯନ୍ତ୍ରୀ, ଏଲଆଣ୍ଡଟି ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି।

# ଶିକ୍ଷାବିତ୍ ରସାନନ୍ଦ ସାହୁଙ୍କୁ ସମ୍ବର୍ଦ୍ଧନା



ତିର୍ତ୍ତୋଲ, ୧୮।୬(ସମିସ): ଜଗନ୍ନାଥପୁର ତିରଣ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ରସାନନ୍ଦ ସାହୁଙ୍କୁ ଶିଳନ୍ଦି ଖନ୍ଦୋଳ ରଜ ମହୋତ୍ସବ ମଞ୍ଚରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଂଘ ସଭାପତି ହରେକୃଷ୍ଣ ସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଝଙ୍କଡ଼ ସାହିତ୍ୟ ସଂସଦ ସଂପାଦକ ଗୋଲକ ବିହାରୀ ପଲାଇ, ବାଲିଘର ସମ୍ପାଦକ କୈଳାସଚନ୍ଦ୍ର ସ୍ୱାଇଁ, ସୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ଡ. ବସନ୍ତ ମଞ୍ଜରୀ ଦାସ, ହେମନ୍ତ ନାୟକ, ଆଭାସି ମାଧ୍ୟମରେ ସଂଘର ସମ୍ପାଦକ ଶରତ ତାରେଣିଆ, ସଭ୍ୟ ବାବାଜୀ ମଲ୍ଲିକ, ନରେନ୍ ଦାସ, ବୈଷ୍ଣବ ନାୟକ, ବିଷ୍ଣୁ ନାୟକ, ରାଧେଶ୍ୟାମ ନାୟକ, ରବିନାରାୟଣ ପଣ୍ଡା, ଲୋକନାଥ ବଡ଼ପଣ୍ଡା, ନିମାଇଁ ବିଶ୍ୱାଳ, କିଶୋର ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଶେଷହେଲା ରେଡିଓ ଆଉଟରିଚ୍‌ର ରଜ ମହୋତ୍ସବ



ଏରସମା,୧୮।୬(ଇମିସ): ଅଗ୍ରଣୀ ବେତାର କେନ୍ଦ୍ର ରେଡିଓ ଆଉଟରିଚ ପକ୍ଷରୁ ଆୟୋଜିତ ତିନିଦିନିଆ ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି। ଏହି ଉତ୍ସବ ଜିଲ୍ଲାର ଏରସମା ତିର୍‌ତ୍ତୋଲ ବ୍ଲକ ମଧ୍ୟରେ ଥିବା ଶ୍ରୀରାମପୁର ଗ୍ରାମର ପଞ୍ଚମୁଖୀ ହନୁମାନ ପଡିଆରେ ଅନୁଷ୍ଠିତ ହୋଇଥିଲା। ରଜ ମହୋତ୍ସବକୁ ଦେଖିବାକୁ ଶତାଧିକ ସ୍ଥାନୀୟ ଲୋକ ଭିଡ଼ ଲଗାଇଥିଲେ। ପାନ, ପୋଡପିଠା ଓ ରୁଚିକର ବ୍ୟଞ୍ଜନ ସହ ତାସ, କଉଡି ଖେଳ ଓ ରଜ ଗୀତ ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକମାନେ ଉପଭୋଗ କରିଥିଲେ। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଂଚଳରୁ ଆସିଥିବା କଳାକାରମାନେ ଗୀତିନାଟ୍ୟ, ଓଡିଶୀ ଓ ସମ୍ବଲପୁରୀ ନୃତ୍ୟ, ପାରମ୍ପରିକ ଗୀତ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରି ଦର୍ଶକମାନଙ୍କ ମନୋରଞ୍ଜନ କରିଥିଲେ। ରେଡିଓ ଆଉଟରିଚର କେନ୍ଦ୍ର ନିର୍ଦ୍ଦେଶକ ସୁବ୍ରତ କୁମାର ପତି ଏହି ଅବସରରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଏହି ଅନନ୍ୟ ଉତ୍ସବକୁ ମିଳିତ ଭାବେ ପାଳନ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଜଗତସିଂହପୁର ପୌରାଞ୍ଚଳରେ ବିକାଶ ବାହନର ଶୁଭାରମ୍ଭ



ଜଗତସିଂହପୁର, ୧୮।୬(ସମିସ):

ପୂର୍ବାହ୍ନରେ ଜଗତସିଂହପୁର ପୌର ପରିଷଦ ପରିସରରେ ସରକାରଙ୍କ ଏକ ବର୍ଷ ପୂର୍ତ୍ତିର ବିକାଶ ସମ୍ବଳିତ ବାର୍ତ୍ତା ସହ ଆରମ୍ଭ ହୋଇଛି ବିକାଶ ବାହନ ଯାତ୍ରା। ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ରଥକୁ ଶୁଭ ଉଦଘାଟନ କରିଥିଲେ। ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋୟୀ, ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ସମସ୍ତ ପାରିଷଦ ବର୍ଗ, ସ୍ୱଚ୍ଛସାଥୀ, ସୁପରଭାଇଜର, ପୌର ପରିଷଦ କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ବିକାଶ ବାହନ ସମସ୍ତ ୱାର୍ଡ଼ ପରିଭ୍ରମଣ କରି ସହରବାସୀଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଅବଗତ କରାଇବ। ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଭତ୍ତା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯିବ।

■ ବିକାଶ ମେଳା ଉଦ୍‌ଯାପିତ

## ଶିଳ୍ପ କ୍ଷେତ୍ରରେ ୫୦ ହଜାର କୋଟି ଟଙ୍କା ନିବେଶ



ଢେଙ୍କାନାଳ, ୧୮ ।୬(ସମିସ): ସ୍ଥାନୀୟ ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆରେ ଚାଲିଥିବା ଜିଲ୍ଲାସ୍ତରୀୟ ବିକାଶ ମେଳ ବୁଧବାର ଉଦଯାପିତ ହେଇଛି । ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଜିଲ୍ଲାର ବିକାଶ ଆହୁରି ଆଗକୁ ଯିବ ବୋଲି ମତବ୍ୟକ୍ତ କରିଥିଲେ । ଢେଙ୍କାନାଳରେ ଗତ ଏକବର୍ଷ ମଧ୍ୟରେ ବିକାଶଧାରା ଚାଲୁ ରହିଛି । ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ନୂତନ ମେଡିକାଲ କଲେଜ ହେବା ନେଇ ଘୋଷଣା କରିଛନ୍ତି । ମହିମା ଗାଦିର ବିକାଶ ପାଇଁ ରାଜ୍ୟ ସରକାର ୧୭୧ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ସରକାର ଗରିବ କଲ୍ୟାଣ ଦିଗରେ କାର୍ଯ୍ୟ କରୁଛନ୍ତି । ନିକଟରେ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ୫୦ ହଜାର କୋଟି ଟଙ୍କା ନିବେଶ ପାଇଁ ଘୋଷଣା କରିଛନ୍ତି । ସେଥିମଧ୍ୟରୁ ୩୦ ହଜାର କୋଟି ଟଙ୍କାରେ କେବଳ ସୌରଶକ୍ତି ଶିଳ୍ପ ପ୍ରତିଷ୍ଠା ହେବ । ଏହାଦ୍ୱାରା ଆଗାମୀ ଦିନରେ ଢେଙ୍କାନାଳ ସୌରଶକ୍ତି ସମୃଦ୍ଧ ଜିଲ୍ଲା ଭାବେ ପରିଚୟ ପାଇବ ବୋଲି ମନ୍ତ୍ରୀ କହିଥିଲେ । ଗତ ବର୍ଷକ ମଧ୍ୟରେ ସରକାରଙ୍କ ଉପଲବ୍ଧି ସମ୍ପର୍କରେ ସେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଲେ ଯେ ଢେଙ୍କାନାଳ ଜିଲ୍ଲା ଆଗାମୀ ଦିନରେ ଶିଳ୍ପ କ୍ଷେତ୍ରରେ ସମୃଦ୍ଧ ହେବ । ସରକାରଙ୍କ ଜନକଲ୍ୟାଣ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ଏହି ବିକାଶ ମେଳା ଆୟୋଜନ ଓ ବିକାଶ ବାହାନ ପରିକ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ସେ କହିଥିଲେ ।

## ପ୍ରଧାନମନ୍ତ୍ରୀ ଆବାସ ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

କାମାକ୍ଷାନଗର, ୧୮ ।୬(ସମିସ): କାମାକ୍ଷାନଗର ଏନ୍‌ଏସି କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ ବିଭିନ୍ନ ୱାର୍ଡର ୧୬ ହିତାଧିକାରୀଙ୍କୁ ଆବାସ ଗୃହ କାର୍ଯ୍ୟାଦେଶ ଓ ଦୁଇଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ ଯୋଗଦେଇଥିଲେ । ଏହି ଅବସରରେ ବିକାଶ ରଥ ଉଦଘାଟିତ ହୋଇଥିଲା । କାଉନସିଲର ଖୁଲଣା ବେହେରା, ଗୀତାଞ୍ଜଳି ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ପରେ ସହରର ଦାସୀ ପୋଖରୀ ପାର୍କଠାରେ ଚାରାରୋପଣ ମଧ୍ୟ କରାଯାଇଥିଲା । ଏନ୍‌ଏସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନେଇ ଅଭ୍ୟାସ ବୈଠକ

ଢେଙ୍କାନାଳ, ୧୮ ।୬(ସମିସ): ବିପର୍ଯ୍ୟୟ ପରିଚାଳନା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି କାର୍ଯ୍ୟର ଅଭ୍ୟାସ ବୈଠକ ବୁଧବାର ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସଭାବନା ଗୃହରେ ଅନୁଷ୍ଠିତ ହୋଇଛି । ବିପର୍ଯ୍ୟୟ ସମୟରେ ଜନସାଧାରଣ ଓ ଗୃହପାଳିତ ପଶୁପକ୍ଷୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବାକୁ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ସରୋଜ କୁମାର ସାହୁ ଗୁରୁତ୍ୱାରୋପ କରିଥିଲେ । ବିପର୍ଯ୍ୟୟ ପୂର୍ବରୁ ବିପର୍ଯ୍ୟୟ ସମୟରେ ସମସ୍ତ ବିଭାଗ ଯଥାଶୀଘ୍ର ପ୍ଲାନ ପ୍ରସ୍ତୁତ କରି ସମ୍ପୃକ୍ତ ସମସ୍ତ ଗୃପରେ ଜଣାଇବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଆପାତକାଳୀନ ଅଧିକାରୀ ସୁଦୀପ୍ତ କୁମାର ସାହୁ ସାମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସଞ୍ଜୟ କୁମାର ମହାପାତ୍ର, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଓଡ଼ିଶା ଭିଜନ ବିକଶିତ ଓଡ଼ିଶା ପାଇଁ ପରାମର୍ଶ କର୍ମଶାଳା



ଢେଙ୍କାନାଳ, ୧୮ ।୬(ସମିସ): ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ବିକଶିତ ଓଡ଼ିଶା ପାଇଁ ଭିଜନକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ ପ୍ରସ୍ତୁତି ନିମନ୍ତେ କର୍ମଶାଳା ଅନୁଷ୍ଠିତ ହୋଇଛି । ଏଥିରେ କାମାକ୍ଷାନଗରର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲାରେ ଜଳସମ୍ପଦ, ଆବଶ୍ୟକ ଜମି, ବିଦ୍ୟୁତ୍ ଶକ୍ତି ଯୋଗାଣ, ଯୋଗାଯୋଗ ଓ ପରିବହନର ସୁବିଧା ସୁଯୋଗ ଥିବାରୁ ଶିଳ୍ପାୟନ, ପର୍ଯ୍ୟଟନ ଓ କୃଷି ଉଦ୍ୟୋ । ।ଗ କ୍ଷେତ୍ରରେ ଢେଙ୍କାନାଳ ଶ୍ରେଷ୍ଠ ଜିଲ୍ଲା ଭାବେ ପରିଚିତ ହେବ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଥିଲେ । ଆଗାମୀ ୫ ବର୍ଷ ମଧ୍ୟରେ ଢେଙ୍କାନାଳ ଶ୍ରେଷ୍ଠ ଜିଲ୍ଲାରେ ପରିଣତ ହୋଇପାରିବ ବୋଲି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ପ୍ରକାଶ କହିଥିଲେ । ଶିଳ୍ପାୟନ, ସୌର ପ୍ରକଳ୍ପ ପ୍ରତିଷ୍ଠା, ପର୍ଯ୍ୟଟନ ଓ କୃଷି ଉଦ୍ୟୋଗ ଆଦିର ବିକାଶ ସହ ଆଦ୍ୟ ସନାତନ ଧର୍ମର ପ୍ରଚାର ପ୍ରସାର ଘଟିବ ବୋଲି ସେ କହିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ବିଭିନ୍ନ ବିଭାଗରେ ହେଉଥିବା ପ୍ରମୁଖ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । କର୍ମଶାଳାରେ ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ଶିଳ୍ପାନୁଷ୍ଠାନ ଓ ବାଣିଜ୍ୟ ପ୍ରତିଷ୍ଠାନର କର୍ମକର୍ତ୍ତା, ଶିକ୍ଷାବିତ୍, ଗଣମାଧ୍ୟମ ପ୍ରତିନିଧି, ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ଜିଲ୍ଲାର ସାମଗ୍ରିକ ବିକାଶ ସମ୍ପର୍କରେ ପ୍ରସ୍ତାବ ରଖିଥିଲେ । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଦରମହକୁମାରୁ ଅନ୍ୟତ୍ର କେଭି ନିର୍ମାଣକୁ ବିରୋଧ

ହିନ୍ଦୋଳ, ୧୮ ।୬(ସମିସ)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ କେନ୍ଦ୍ରୀୟ ବିଦ୍ୟାଳୟ (କେଭି) ନିର୍ମାଣକୁ ନେଇ ଦେଖାଦେଇଛି ବିବାଦ । ଗତ ସାଧାରଣ ନିର୍ବାଚନରେ ହିନ୍ଦୋଳ ସଦରମହକୁମାରେ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପାଇଁ ବିଜେପି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । କିଛି ମୁଷ୍ଟିମେୟ କୁଚକ୍ରୀଙ୍କ ପ୍ରରୋଚନାରେ ଭୋଟରଙ୍କୁ ଧୋକାଦେଇ ସମସ୍ତ ଅନୁସଙ୍ଗିକ ସୁବିଧା ଥାଇ ମଧ୍ୟ ହିନ୍ଦୋଳ ସଦରମହକୁମାରେ ନ କରି ଅନ୍ୟତ୍ର ବିଦ୍ୟାଳୟ କରାଯିବାକୁ ମସୁଧା ହେଉଥିବା ସୂଚନା ମିଳିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସେହିପରି ସଦରମହକୁମାକୁ ଅଣଦେଖା କରାଯାଉଥିବାରୁ ଖୋଦ ବିଜେପି ମହଲରେ ମଧ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଦଳୀୟ କର୍ମୀ କାର୍ଯ୍ୟକର୍ତ୍ତା କରିଛନ୍ତି ଜୋରଦାର ବିରୋଧ । ଦଳମତ ନିର୍ବିଶେଷରେ ସମସ୍ତେ ଏହାକୁ ସମର୍ଥନ କରୁଛନ୍ତି । ପ୍ରତିଶ୍ରୁତି ପାଳନ କରି ସଦରମହକୁମାରେ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ କରିବାକୁ ଦାବି କରିଛନ୍ତି ବିଜେପି, ବିଜେଡି, କଂଗ୍ରେସ ସମେତ ସବୁଦଳ ତଥା ଜନସାଧାରଣ । ଏଥିପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଓ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ହିନ୍ଦୋଳ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଅଞ୍ଚଳର ଅଜୟ ଦାସ, କୁବେର ବେହେରା,

- ଦଳମତ ନିର୍ବିଶେଷରେ ସମସ୍ତଙ୍କ ସମର୍ଥନ
- ଦାବିପୂରଣ ନ ହେଲେ ଆନ୍ଦୋଳନ

ଗୋବିନ୍ଦ ବେହେରା, ସନ୍ତୋଷ ବେହେରା, କାଉନସିଲର ଦୀପକ ରଞ୍ଜନ ବିଶ୍ୱାଳ, ତୃପ୍ତିମୟୀ ବେହେରା ଓ ଶରତ ଭୂତିଆ ପ୍ରମୁଖଙ୍କ ସମେତ ସୁବାସ ପାଲ, ସୁଜିତ ବେହେରା, ତରୁଣ ସାମଲ, ଅରୁଣ ଦାସ, ବିଶ୍ୱେଶ୍ୱର ସେଠୀ, କ୍ଷିତୀଶ ସର, ସନ୍ତୋଷ ବେହେରା, ତପନ ଦାସ,



ଗୌତମ ମୁଦୁଲି, ପ୍ରଦ୍ୟୁମ୍ନ ବେହେରା, ପ୍ରମୋଦ ଶଙ୍କର ବେହେରା, ସନ୍ତୋଷ ବେହେରା, ସୁମନ ଦାସ, ବାପି ଦାସ, ରମେଶ ମିଶ୍ର, ସୁଶାନ୍ତ ବେହେରା, ଗୋଲାପ ମହମ୍ମଦ, ଲୁଲୁ ପଟ୍ଟନାୟକ, ସନ୍ତୋଷ ରାଉତ, ଅବନୀ ବେହେରା, ମୂଳିଆ ବେହେରା, ପ୍ରଶାନ୍ତ ବେହେରା ପ୍ରମୁଖ ଶତାଧିକ ଜନସାଧାରଣ ଉପଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି ।

## ଝାଡ଼ାବାନ୍ତି ସ୍ଥିତି ଗମ୍ଭୀର; ସହର ପରେ ଗାଁକୁ ବ୍ୟାପିଲା

ଢେଙ୍କାନାଳ, ୧୮ ।୬(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଏନଏସି ଅଞ୍ଚଳରେ ଝାଡ଼ାବାନ୍ତି ସ୍ଥିତି ଗମ୍ଭୀର ରହିଥିବା ବେଳେ ଏବେ ଗ୍ରାମାଞ୍ଚଳକୁ ବ୍ୟାପୁଛି । ଏନ୍‌ଏସିରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଟପିଥିବା ବେଳେ ସେମାନଙ୍କ ମଧ୍ୟରୁ ୯୦ ଜଣ ସୁସ୍ଥହୋଇ ଘରକୁ ଫେରିଛନ୍ତି । ୨ ଜଣ ଗୁରୁତର ରୋଗୀଙ୍କୁ ଢେଙ୍କାନାଳ ଓ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ୮ ଜଣ ନୂଆ ରୋଗୀ ସ୍ଥାନୀୟ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଏନ୍‌ଏସି ୧୨ ନମ୍ବର ୱାର୍ଡର କୃପାସିନ୍ଧୁ ମଲ୍ଲିକ (୬୫)ଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରଶାସନ ଏହାକୁ ଖଣ୍ଡନ କରିଛି । ଏହାକୁ ବିରୋଧ କରି ୱାର୍ଡବାସୀ ରାଜ୍ୟ ମାନବିକ ଅଧିକାର କମିଶନରେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ରିପୋର୍ଟ ଅନୁଯାୟୀ କୃପାସିନ୍ଧୁଙ୍କ ମୃତ୍ୟୁ ଡାଇରିଆ ନୁହେଁ ବରଂ ବ୍ରେନ ଷ୍ଟ୍ରୋକରେ ହୋଇଛି । ଏହାକୁ ୱାର୍ଡବାସୀ ଗ୍ରହଣ କରିପାରୁନାହାନ୍ତି ।

ଅନ୍ୟପଟେ ଝାଡ଼ାବାନ୍ତିକୁ ନେଇ କେହି ଭୟଭୀତ ନ ହୋଇ ସତର୍କ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଭୁବନ ଏନ୍‌ଏସିର ୭, ୮, ୯, ୧୦, ୧୨ ଓ ୧୩



ନମ୍ବର ୱାର୍ଡରେ ଝାଡ଼ାବାନ୍ତିର ପ୍ରଭାବ ରହିଛି । ଜିଲ୍ଲା ପ୍ରଶାସନ ଏହାର ମୁକାବିଲା ପାଇଁ ସଜାଗ ତଥା ପ୍ରସ୍ତୁତ ରହିଥିବା କୁହାଯାଇଛି । କୌଣସି ଭୁଲ ତଥ୍ୟକୁ ବିଶ୍ୱାସକୁ ନ ନେବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି । ଜଳଉତ୍ସଗୁଡ଼ିକୁ ବିଶୋଧନ କରାଯାଉଛି । କୌଣସି ପରିସ୍ଥିତିର ମୁକାବିଲା ପାଇଁ ଡାକ୍ତରୀଦଳଙ୍କୁ ସଜାଗ ରଖାଯାଇଛି । ଔଷଧ ମହଜୁଦ ରହିଛି । ଖାଦ୍ୟ ନିରୀକ୍ଷକଙ୍କ ଦ୍ୱାରା ବଜାରରେ ମିଳୁଥିବା ଖାଦ୍ୟର ମାନ ଯାଞ୍ଚ କରାଯିବା ସହ ଯେଉଁମାନେ ଖରାପ ଖାଦ୍ୟ ବିକୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଅନ୍ୟପଟେ ୱାର୍ଡ ନମ୍ବର ୭ର କଂଗ୍ରେସ ନେତା ବିନୋଦ ମହାରଣାଙ୍କ ସ୍ତ୍ରୀ, ସାନ ଭଉଣୀ, ଭାଇ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି । ଯାହାକୁ ନେଇ ସେ ଉଦବେଗ ପ୍ରକାଶ କରିଛନ୍ତି । ୱାର୍ଡ ନମ୍ବର ୧୦ର ପୂର୍ବତନ କାଉନସିଲର କୋଦଣ୍ଡଧର ସାହୁ ନିଜ ୱାର୍ଡ ସହିତ ଏନ୍‌ଏସିର ବିଭିନ୍ନ ୱାର୍ଡର ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ତେବେ ସହରାଞ୍ଚଳରେ ଝାଡ଼ାବାନ୍ତି ପ୍ରକୋପ ସ୍ଥିର ରହିଥିବା ବେଳେ ଏବେ ଗ୍ରାମାଞ୍ଚଳରେ ବୃଦ୍ଧି ପାଇଛି ।

■ ବ୍ୟାପୁଛି ଝାଡ଼ାବାନ୍ତି

## ଏନ୍‌ଏସି ପକ୍ଷରୁ ଖାଦ୍ୟ ଯାଞ୍ଚ



କାମାକ୍ଷାନଗର, ୧୮ ।୬(ସମିସ): ଯାଜପୁର ପରେ ଢେଙ୍କାନାଳ ଜିଲ୍ଲା ଭୁବନ ଅଞ୍ଚଳରେ ଡାଇରିଆ ବ୍ୟାପିଥିବା ବେଳେ ବୁଧବାର କାମାକ୍ଷାନଗର ଏନଏସି ତରଫରୁ ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁଙ୍କ ନେତୃତ୍ୱରେ କାମାକ୍ଷାନଗର ସହରରେ ଥିବା ବିଭିନ୍ନ ଫାଷ୍ଟଫୁଡ୍ ଠେଲା ଦୋକାନ, ଗୁପଚୁପ ଆଦି ଖାଦ୍ୟ ଯାଞ୍ଚ କରାଯାଇଛି । କାମାକ୍ଷାନଗରରେ ଡାଇରିଆର ପ୍ରଭାବ ନ ଥିଲେ ମଧ୍ୟ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଏହି ଯାଞ୍ଚ କରାଯାଇଛି । ଯାଞ୍ଚରେ ଏନଏସି କର୍ମଚାରୀ ସାମିଲ ହୋଇଥିଲେ ।

## ଏମ୍‌ଜିଏମ୍ ଷ୍ଟିଲ କମ୍ପାନୀ ଦ୍ୱାରା ଜବରଦଖଲ ଅଭିଯୋଗ

- ପାଣିମହାରା, ଗୋଚର, ଶ୍ମଶାନ, ସରକାରୀ ରାସ୍ତା କରିଛି ଅକ୍ତିଆର

ହିନ୍ଦୋଳ, ୧୮ ।୬(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ହଳଦିଆବାହାଳ ନିମିଧାସ୍ଥିତ ଏମଜିଏମ ମିନେରାଲ୍ସ ଲିଃ (ଷ୍ଟିଲ ଡିଭିଜନ) କମ୍ପାନୀ ଅନୈତିକ ଭାବେ ପାଣିମହାରା, ଶ୍ମଶାନ, ସରକାରୀ ରାସ୍ତା, ଗୋଚର ଜମି ଜବରଦଖଲ କରି ବିଭିନ୍ନ ନିର୍ମାଣ କାର୍ଯ୍ୟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ୨୦୦୭ରୁ ଏହି କମ୍ପାନୀ ଜବରଦଖଲ କରିଥିବା ବିଭିନ୍ନ ସମୟରେ ଗ୍ରାମବାସୀ ଓ ଜମିହରା ପ୍ରଜା ଅଭିଯୋଗ ହୋଇଆସୁଛନ୍ତି । ୨୦୧୫ ଏପ୍ରିଲ ୨୭ରେ ଜିଲ୍ଲା ପ୍ରଶାସନ, ଜମିହରା ପ୍ରଜା ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନେଇ ଏକ ତ୍ରିପାକ୍ଷିକ ଆଲୋଚନା କମ୍ପାନୀ ସଭାଗୃହରେ ହୋଇଥିଲେ ହେଁ ଫଳପ୍ରଦ ହୋଇ ନ ଥିଲା । ୨୦୧୭ ଅକ୍ଟୋବର ୨୭ରେ ଢେଙ୍କାନାଳ ଉପଜିଲ୍ଲାପାଳଙ୍କ ପତ୍ରସଂଖ୍ୟା ୭୩୧୭ ଅନୁଯାୟୀ, ଓଡ଼ାପଡ଼ା ତହସିଲଦାରଙ୍କ ନେତୃତ୍ୱରେ ହୋଇଥିବା ସରଜମିନ ତଦନ୍ତରେ ଜବଦଖଲ ହୋଇଥିବା ଉପଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା । କମ୍ପାନୀ କର୍ତ୍ତୃପକ୍ଷ କମ୍ପାନୀର ମୁଖ୍ୟ ଫାଟକ, ହଷ୍ଟେଲ, ପିଚୁରାସ୍ତା, ସାଇକଲ ଷ୍ଟାଣ୍ଡ, ୱେଟ ବ୍ରିଜ, ପାଚେରି



ଇତ୍ୟାଦି ନିର୍ମାଣ କରିବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସେଠାରେ ପୂରାଇ ନ ଦେବାକୁ ଚେତାବନୀ ଦେଇଥିବା ଅଞ୍ଚଳବାସୀ ଗତ ମାର୍ଚ୍ଚ ୧୯ରେ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିବା ସହ ଜିଲ୍ଲାପାଳ, ବିଭାଗୀୟ ମନ୍ତ୍ରୀ, ପ୍ରିନ୍ସିପାଲ ସେକ୍ରେଟାରୀ, ରାଜସ୍ୱ କମିଶନରଙ୍କୁ ମଧ୍ୟ ଜଣାଇଛନ୍ତି । ମାତ୍ର ଇତିମଧ୍ୟରେ ୩ ମାସ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଜିଲ୍ଲାପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ କ୍ଷତିଗ୍ରସ୍ତ ପ୍ରଜା ଓ ସ୍ଥାନୀୟ ଅଞ୍ଚଳବାସୀ ଉଚ୍ଚ ନ୍ୟାୟାଳୟ ଓ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)ଙ୍କ ଦ୍ୱାରସ୍ଥ ହେବେ ବୋଲି ଜଣାଇଛନ୍ତି ।

## ଝାଡ଼ାବାନ୍ତି: ୬ ଆକ୍ରାନ୍ତ ଚିକିତ୍ସାଧୀନ

ଗଁଦିଆ, ୧୮ ।୬(ସମିସ): ଗଁଦିଆ ବ୍ଲକରେ ଝାଡ଼ାବାନ୍ତି ସ୍ଥିତି ସ୍ଥିର ରହିଛି । ମଙ୍ଗଳବାରଠାରୁ ଏହାର ପ୍ରଭାବ ସାମାନ୍ୟ କମ୍ ରହିଛି । ମଙ୍ଗଳବାର ୧୦ଜଣ ଆକ୍ରାନ୍ତ ହୋଇ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବାବେଳେ ମଙ୍ଗଳବାର ୬ଜଣ ଚିକିତ୍ସାଧୀନ ଅଛନ୍ତି । ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି । ତେବେ ବ୍ଲକର ପ୍ରତ୍ୟେକ ଗ୍ରାମରେ ଥିବା ଖୋଲା କୂଅରେ ତୁରନ୍ତ ବ୍ଲିଚିଂ ପାଉଡର ପକାଯାଇ ପାଣିକୁ ବିଶୋଧନ କରିବାକୁ ସାଧାରଣରେ ଦାବି ହୋଇଛି ।

## ହାତୀ ଆକ୍ରମଣରେ ଯୁବକ ମୃତ

ହିନ୍ଦୋଳ, ୧୮ ।୬(ସମିସ): ବୁଧବାର ରାତି ୯ଟାରେ ହାତୀ ଆକ୍ରମଣରେ ବାଲିମି ଥାନା ଅନ୍ତର୍ଗତ ଝଡୁବେରେନି ଗ୍ରାମର ଦୀପକ ଦାସ (୪୫)ଙ୍କ ମୃତ୍ୟୁ ହୋଇଛି । ଦୀପକ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ପାଇକ ପୁରୁଣାକୋଟ ରାସ୍ତାରେ ହାତୀ ତାଙ୍କୁ ଆକ୍ରମଣ କରିବା ସହ ବୀଭତ୍ସ ଭାବେ ଦଳିଚକଟି ଦେଇଥିଲା । ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି । ଖବର ଲେଖା ହେବା ପର୍ଯ୍ୟନ୍ତ ବନବିଭାଗ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି ।

## ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ



କାମାକ୍ଷାନଗର, ୧୮ ।୬(ସମିସ): ବୁଧବାର ଅପରାହ୍ନରେ କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବିଡିଓ ପ୍ରଭୁକଲ୍ୟାଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ରାଜ୍ୟ ରିଲିଫ୍ କମିଶନର ସରୋଜ କୁମାର ସାହୁ ଅଥିତି ଭାବେ ଯୋଗଦେଇ କହିଲେ ପ୍ରସ୍ତୁତ ରହିଲେ ଯେ କୌଣସି ବିପର୍ଯ୍ୟୟର ମୁକାବିଲା କରିହେବ । ତେଣୁ ସମସ୍ତ ବିଭାଗୀୟ ଅଧିକାରୀ ବର୍ଷାଋତୁ ପୂର୍ବରୁ ସଜାଗ ହୋଇ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁଦୀପ୍ତ କୁମାର ସାହୁ ବିପର୍ଯ୍ୟୟ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଶୁଭଙ୍କର ମହାନ୍ତି, ସହକାରୀ ଜିଲ୍ଲାପାଳ ଦୀପକ କୁମାର ମିଶ୍ର, ଅତିରିକ୍ତ ତହସିଲଦାର ସୂର୍ଯ୍ୟକାନ୍ତ ବରାଳ ପ୍ରମୁଖ ଉପସ୍ଥିତ ରହି ନିଜ ମତ ଉପସ୍ଥାପନ କରିଥିଲ । ବୈଠକରେ ଅଗ୍ନିଶମ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ହାଁସଦା, ବିଇଓ ସରୋଜ କୁମାର ସାହୁ, ସିଡିପିଓ ସୈରେନ୍ଦ୍ରୀ ପଟେଲ, ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ କଅଁର, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରଣଜିତ ଜେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

### ୬୦ ବର୍ଷ ଧରି ରସାଙ୍ଗିହରେ ପାନୀୟ ଜଳ ସମସ୍ୟା

# ବଢ଼ୁଛି କିଡ଼୍‌ନୀ ରୋଗୀ ସଂଖ୍ୟା, ଗାଁ ଛାଡୁଛନ୍ତି ଲୋକେ

ଢେଙ୍କାନାଳ, ୧୮ ।୬(ସମିସ)

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ସଦାଶିବପୁର ପଞ୍ଚାୟତ ରସାଙ୍ଗିହ ଗ୍ରାମରେ ଦୀର୍ଘ ୬୦ ବର୍ଷଧରି ପାନୀୟ ଜଳ ସମସ୍ୟା ଲାଗି ରହିଛି । ନଳକୂପରୁ ବାହାରୁଥିବା ପାଣି ପାନୀୟ ଉପଯୋଗୀ ହୋଇ ନ ଥିବାରୁ ଗାଁର ବହୁ ଲୋକ କିଡନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଫଳରେ ଲୋକେ ନିଜ ଭିଟାମାଟି ଛାଡ଼ି ବାହାରେ ରହୁଥିବା ଜଣାପଡ଼ିଛି ।

ଓଡ଼ାପଡ଼ା ବ୍ଲକ ସଦର ମହକୁମାଠାରୁ ମାତ୍ର ୭ କିଲୋମିଟର ଦୂର ଏହି ଗ୍ରାମରେ ପ୍ରାୟ ୧୫୦ ପରିବାରରେ ୫ଶହରୁ ଅଧିକ ଲୋକ ବାସ କରୁଛନ୍ତି । କିନ୍ତୁ ଷାଠିଏ ବର୍ଷ ହେଲା ଗାଁରେ ନାହିଁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା । ଗ୍ରାମବାସୀ ବାଧହୋଇ ଚୁଆ ପାଣି ବ୍ୟବହାର କରୁଛନ୍ତି । ବାରମ୍ବାର ଅଭିଯୋଗ ପରେ ବି କେହି କର୍ଣ୍ଣପାତ ନ କରିବାରୁ ଲୋକେ ସରପଞ୍ଚଙ୍କୁ



ମଧ୍ୟ ଘେରଉ କରିଥିଲେ । ତଥାପି ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଗ୍ରାମବାସୀ ଗାଁ ନିକଟରେ ବୋହିଯାଇଥିବା ଏକ ନାଳରେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି । ଗାଁ ନିକଟରେ ରହିଛି ଜଙ୍ଗଲ । ସନ୍ଧ୍ୟା ହେବା ମାତ୍ରେ ହାତୀ, ବାରହା ଭଳି ଜଙ୍ଗଲୀ ଜନ୍ତୁଙ୍କ ଭୟ ରହିଛି । ଗାଁ ମୁଣ୍ଡରେ ଥିବା ଏହି ଚୁଆରୁ ପାଣି ସଂଗ୍ରହ କରିବାକୁ ଆସି ଗ୍ରାମର ୮ ଜଣ ବ୍ୟକ୍ତିଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିବାର ନଜିର ରହିଛି । ତଥାପି ଗାଁରେ ପିଇବା ପାଣିର ବ୍ୟବସ୍ଥା କରାଯାଉନାହିଁ । ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ଲୋକେ ବାଧ୍ୟ ହୋଇ ଜୀବନକୁ ବାଜିରେ ଲଗାଇ ପାଣି ନେଉଛନ୍ତି । ଗ୍ରାମରେ ବୋରିଂ କରାଯାଇ ସୌରଶକ୍ତି ଦ୍ୱାରା ପାଣି ଉଠାଯାଉଛି । ହେଲେ ଏଥିରୁ ବାହାରୁଥିବା ପାଣି ବ୍ୟବହାର ଉପଯୋଗୀ ନୁହେଁ । ଫଳରେ ଗ୍ରାମରେ କିଡ଼ନୀ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । କେବଳ ଏହି ଗାଁ ନୁହେଁ, ସଦାଶିବପୁର ପଞ୍ଚାୟତର ୯ ଗାଁ ମଧ୍ୟରୁ ୭ ଗାଁରେ ଏଭଳି ପାନୀୟ ଜଳର ଘୋର ସମସ୍ୟା ରହିଛି । ପିଇବା ପାଣି ବ୍ୟବସ୍ଥା କରିବାକୁ କିଛିଦିନ ପୂର୍ବରୁ ଗ୍ରାମବାସୀ ସରପଞ୍ଚଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଥିଲେ । ତଥାପି କୌଣସି ସୁଫଳ ନ ମିଳିବାରୁ ପଞ୍ଚାୟତବାସୀ ପୁଣି ସରପଞ୍ଚଙ୍କୁ ସାଥୀରେ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବି ଜଣାଇଛନ୍ତି ।

## ୧୯୮୪ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ




ଯୋରନ୍ଦା, ୧୮ ।୬(ସମିସ) ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦା ଉଚ୍ଚ ବିଦ୍ୟାଳୟ ୧୯୮୪ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ୨୦ତମ ବନ୍ଧୁ ମିଳନ ଉତ୍ସବ ଚିରୁଳେଇ ଅକ୍ଷୟ ଗାର୍ଡେନ ଇକୋ ରିଟ୍ରିଟ୍‌ରେ ଅନୁଷ୍ଠିତ ହୋଇଛି । ବନ୍ଧୁ ମିଳନ ଉତ୍ସବ କମିଟି ସଭାପତି ପ୍ରେମାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ସମାଜସେବୀ ରବିନାରାୟଣ ପରିଡ଼ା ଓ ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ । ସମ୍ପାଦକ ଆନନ୍ଦ ଚନ୍ଦ୍ର ମହାନ୍ତି ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଦିବଂଗତ ବନ୍ଧୁ ନବକିଶୋର ପରିଡ଼ା, ପରମାନନ୍ଦ ସାହୁ, ମଞ୍ଜୁଲତା ନାୟକ ଓ ସରୋଜିନୀ ପାତ୍ରଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ରଞ୍ଜନ କୁମାର ନାୟକ, ବିକାଶ କୁମାର ଦାଶ, ସୁରେଶ ନାୟକ, ଦାଶରଥି ରାଉତ, ଅଭୟ ବେହେରା, ଅଶୋକ ପାତ୍ର, ଅଭୟ ସାହୁ, ସରୋଜ ମହାପାତ୍ର, ବିଭୁଦତ୍ତ ନାୟକ, ସନ୍ତୋଷ ରାଉତ, ମନୋରଞ୍ଜନ ବାରିକ, ଅନୀତା ରାଉତ, ମୀନତୀ ସାହୁ, ସୁମିତ୍ରା ପ୍ରଧାନ, ମୀନତୀ ନାୟକ, ଭାରତୀ ରାଉତ, କାଦମ୍ବିନୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଇରାନର ୨ ପରମାଣୁ ଠିକଣା କ୍ଷତିଗ୍ରସ୍ତ; ବିକିରଣ ଆରମ୍ଭ

## ସ୍ପଷ୍ଟକଲା ଆଇଏଇଏ

ଭିଏନା, ୧୮।୬ (ଏଜେନ୍ସି): ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଘମାଘୋଟ ଲଢେଇ ଜାରି ରହିଛି। ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ ଜାରି ରଖିଥିବାବେଳେ ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସି (ଆଇଏଇଏ) ବଡ଼ ସୂଚନା ଦେଇଛି। ଇରାନର ଦୁଇ ପ୍ରମୁଖ ଆଣବିକ ଠିକଣାରେ ଇସ୍ରାଏଲ ଆକ୍ରମଣ ସ୍ପଷ୍ଟ କରିଛି। ଏଥିରୁ ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ) କରୁଥିବା ଦାବି ସତ୍ୟ ପ୍ରମାଣିତ ହୋଇଛି। ଆଇଏଇଏ ସୂଚନା ଅନୁଯାୟୀ ଇସ୍ରାଏଲ ଯୁଦ୍ଧ ବିମାନର ବୋମାବର୍ଷାରେ ଆଣବିକ କେନ୍ଦ୍ର 'ତେସା କରାଜ ୱାର୍କସପ୍' ଏବଂ 'ତେହରାନ ରିସର୍ଚ୍ଚ ସେଣ୍ଟର' କ୍ଷତିଗ୍ରସ୍ତ ହୋଇଛି। କରାଜରେ ଦୁଇଟି କୋଠା ଧ୍ୱଂସ ହୋଇଛି। ଏଠାରେ ସେଣ୍ଟ୍ରିଫ୍ୟୁଜ ଉପାଦାନ ପ୍ରସ୍ତୁତ କରାଯାଉଥିଲା। ଗୋଟିଏ କୋଠାରେ 'ଆଡଭାନ୍ସଡ ସେଣ୍ଟ୍ରିଫ୍ୟୁଜ ରୋଟର' ନିର୍ମାଣ କରାଯାଉଥିଲା। ଏହାକୁ ତେହରାନରେ ପରୀକ୍ଷା କରାଯାଉଥିଲା।



ନତାଞ୍ଜ ସାଇଟ୍ ଉପରେ ପରୋକ୍ଷ ଭାବେ ଆକ୍ରମଣ କରାଯାଇଥିଲା ବୋଲି ପ୍ରଥମେ କୁହାଯାଉଥିଲା। ମାତ୍ର ଆଇଏଇଏ ସ୍ପଷ୍ଟ କରିଛି ଯେ ଆକ୍ରମଣରେ ନତାଞ୍ଜର ଭୂତଳ ହଲ୍ ଗୁଡିକ କ୍ଷତିଗ୍ରସ୍ତ ହୋଇଛି। ଉପଗ୍ରହ ଚିତ୍ରରୁ ଏହି ସୂଚନା ମିଳିଛି। ଏହି ଦୁଇ ଠିକଣାରୁ ବିକିରଣ ଏବଂ ରାସାୟନିକ ପ୍ରଦୂଷଣ ଆରମ୍ଭ ହୋଇଯାଇଥିବା କୁହାଯାଇଛି। ତେବେ ଇରାନର ଅନ୍ୟ ପରମାଣୁ ଠିକଣାଗୁଡିକର ସ୍ଥିତି ଅପରିବର୍ତ୍ତିତ ରହିଥିବା କୁହାଯାଇଛି। କାରଣ ଆଇଇଏ ଏ ସବୁ ଠିକଣାର ଯାଞ୍ଚ କରିପାରିନାହିଁ।

# ଅପରେସନ 'ସିନ୍ଧୁ' ଆରମ୍ଭ ଇରାନରୁ ଫେରୁଛନ୍ତି ୧୧୦ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ, ୧୮।୬(ଏଜେନ୍ସି): ମଧ୍ୟପ୍ରାଚ୍ୟର ଦୁଇ ଦେଶ ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଏବେ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ଇରାନରେ ଫସିଥିବା ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବାକୁ ଭାରତ ସରକାର 'ଅପରେସନ ସିନ୍ଧୁ' ଆରମ୍ଭ କରିଛନ୍ତି। ଏହିକ୍ରମରେ ଉତ୍ତର ଇରାନରୁ ଭାରତୀୟ ଦୂତାବାସ ପ୍ରଥମ ପର୍ଯ୍ୟାୟରେ ୧୧୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱଦେଶ ପଠାଇବାକୁ ବ୍ୟବସ୍ଥା କରିଛି। ବୁଧବାର ଭାରତୀୟ ସମୟ ଅପରାହ୍ଣ ୨.୫୫ରେ ଏମାନେ ଇରାନ ଛାଡିଥିବା ବେଳେ ଗୁରୁବାର ସକାଳେ ଭାରତରେ ପହଞ୍ଚିବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଏମାନଙ୍କ ମଧ୍ୟରେ ଜମ୍ମୁ-କଶ୍ମୀରର ୯୦ ଜଣ ଛାତ୍ର ସାମିଲ ରହିଛନ୍ତି। ବାକି ଛାତ୍ରମାନେ କର୍ଣ୍ଣାଟକ ଓ ଉତ୍ତରପ୍ରଦେଶର ବୋଲି କୁହାଯାଇଛି। ଏହି ଛାତ୍ରମାନେ ମେଡିକାଲ ଅର୍ଥାତ ଏମ୍‌ବିବିଏସ୍ ଡିଗ୍ରୀ ହାସଲ କରିବାକୁ ଇରାନ ଯାଇଥିଲେ। ଇରାନର ୟେରେଭାନରୁ ଦୋହା ବାଟ ଦେଇ ଛାତ୍ରମାନେ ଦିଲ୍ଲୀରେ ପହଞ୍ଚିବେ। ଇରାନରେ ରହୁଥିବା ସବୁ ବିଦେଶୀ ନାଗରିକଙ୍କ ସୁରକ୍ଷା ପାଇଁ ଆମେ ବେଶ୍ ତତ୍ପର ଓ ସେମାନଙ୍କୁ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଉଛୁ ବୋଲି ଦିଲ୍ଲୀସ୍ଥିତ ଇରାନ ଉପ- ରାଷ୍ଟ୍ରଦୂତ ମହମ୍ମଦ ଜାଭେଦ୍ ହୋସେଇନି କହିଛନ୍ତି। ଭାରତ ଓ ଇରାନ ବୈଦେଶିକ ମନ୍ତ୍ରଣାଳୟ ମଧ୍ୟରେ ଉତ୍ତମ ସମନ୍ୱୟ ଓ ସହଯୋଗ ରହିଛି। ଇରାନ ଛାଡିବାକୁ ଚାହୁଁଥିବା ସବୁ ଭାରତୀୟ ନାଗରିକଙ୍କୁ ଆମେ ସହଯୋଗ କରିବାକୁ ବଦ୍ଧ ପରିକର ବୋଲି ସେ କହିଛନ୍ତି। ପର୍ଯ୍ୟାୟକ୍ରମେ ଅନ୍ୟ ଭାରତୀୟ ନାଗରିକଙ୍କୁ ଫେରାଇଆଣିବାକୁ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।

### ବାନ୍ଧବୀଙ୍କୁ ଚାକରାଣୀ କରି ପଠାଇଲେ ଆଇନ ଛାତ୍ରୀ

# ୪୮ ଘଣ୍ଟାରେ ୩୦ ଲକ୍ଷ ଚୋରି କରି ଡାକ୍ତରଙ୍କ ଘରୁ ଫେରାର

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ଦିଲ୍ଲୀର ମଡେଲ ଟାଉନ ଅଞ୍ଚଳରୁ ଚାଞ୍ଚଲ୍ୟକର ମାମଲା ସାମ୍‌ନାକୁ ଆସିଛି। ଏଠାରେ ରହୁଥିବା ଜଣେ ଆଇନ ଛାତ୍ରୀ ୩୦ ଲକ୍ଷ ଟଙ୍କା ଚୋରି କରିବା ପାଇଁ ଚଳଚ୍ଚିତ୍ର ଶୈଳୀରେ ଷଡ଼ଯନ୍ତ୍ର କରିଛନ୍ତି। ଏଥିରେ ଦୁଇ ବାନ୍ଧବୀଙ୍କୁ ସାମିଲ କରିଛନ୍ତି। ଏଥିପାଇଁ ଜଣେ ବାନ୍ଧବୀଙ୍କୁ ଚାକରାଣୀ କରି ଜଣେ ଡାକ୍ତରଙ୍କ ଘରକୁ ପଠାଇ ଥିଲେ। ସେ ମାତ୍ର ଦୁଇ ଦିନରେ ୩୦ ଲକ୍ଷ ଟଙ୍କା ଏବଂ ମୋବାଇଲ ଚୋରାଇ ନେଇଥିଲେ। ଏହା ପରେ ତିନି ଜଣ ଯାକ ଫେରାର ହୋଇ ଯାଇଥିଲେ। ତେବେ ପୁଲିସ ସିସିଟିଭି ଫୁଟେଜ ଏବଂ ଅନ୍ୟ ପ୍ରଯୁକ୍ତିବଦ୍ୟା ଆଧାରରେ ଅଭିଯୁକ୍ତଙ୍କୁ ଧରିଥିଲା। ଦଇ ଜଣଙ୍କୁ ମିରଟ ଏବଂ ଜଣଙ୍କୁ ସହାରନପୁରରୁ ଗିରଫ କରାଯାଇଛି। ଆଇନ ଛାତ୍ରୀ ରଜନୀ (୨୭) ଏହାର ମାଷ୍ଟରମାଇଣ୍ଡ ଥିଲେ। ସେ ଶିଳ୍ପୀ (୧୯) ଙ୍କୁ ଚାକରାଣୀ କରି ଡ. ଅନିଲ ରହେଜାଙ୍କ ଘରକୁ ପଠାଇ ଥିଲେ। ଗତ ୧୨ ତାରିଖରେ ପୁଲିସକୁ ଫୋନ କରି ଚାକରାଣୀ ଭାବେ ରଖଥିବା ତନବୀର କୌର ଏହା ନେଇ ପଳାଇଛି ବୋଲି ଡାକ୍ତର କହିଥିଲେ। ଯାଞ୍ଚରୁ ଜଣାପଡ଼ିଥିଲା ଯେ ତନବୀରଙ୍କ ପ୍ରକୃତ ନାମ ଶିଳ୍ପୀ। ପୁଲିସ ଏହି ଚୋରି ଟଙ୍କା ଜବତ କରିଛି।

## ମଦ ଦୁର୍ନୀତି: ଜଗନଙ୍କ ଘନିଷ୍ଠ ସହଯୋଗୀ ଗିରଫ

ବେଙ୍ଗାଲୁରୁ, ୧୮।୬ (ଏଜେନ୍ସି): ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କ ଘନିଷ୍ଠ ସହଯୋଗୀ ତଥା ୱାଇଏସଆରସିପି ସାଧାରଣ ସମ୍ପାଦକ ଚେଭିରେଡ୍ଡୀ ଭାସ୍କର ରେଡ୍ଡୀଙ୍କୁ ବେଙ୍ଗାଲୁରୁରୁ ଗିରଫ କରାଯାଇଛି। ବହୁ କୋଟି ଟଙ୍କାର ମଦ ଦୁର୍ନୀତି ମାମଲାରେ ଆନ୍ଧ୍ର ପୁଲିସ ଏସ୍‌ଆଇଟି ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ପୂର୍ବରୁ ଭାସ୍କରଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଥିଲା। ସେ ବିଦେଶ ପଳାଇବା ପାଇଁ ପ୍ରୟାସ କରୁଥିଲେ। ଏଥିପାଇଁ ବେଙ୍ଗାଲୁରୁ ବିମାନବନ୍ଦରରେ ପହଞ୍ଚି ଥିଲେ। ମାତ୍ର ଏହା ପୂର୍ବରୁ ଇମିଗ୍ରେସନ ଅଧିକାରୀମାନେ ତାଙ୍କୁ ଧରି ନେଇଥିଲେ। ଏହାର ସୂଚନା ପାଇବା ପରେ ଆନ୍ଧ୍ର ପୁଲିସ ପହଞ୍ଚି ବୁଧବାର ବଡ଼ି ଭୋରରେ ଭାସ୍କର ଏବଂ ତାଙ୍କ ସହଯୋଗୀ ଭେଙ୍ଗଟେଶ ନାଇଡୁଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ବିଜୟୱାଡା ନିଆଯାଇଛି। ଏହି ମାମଲାରେ ଚନ୍ଦ୍ରଗିରିର ପୂର୍ବତନ ବିଧାୟକ ଭାସ୍କରଙ୍କ ସମେତ ୬ ଜଣ ଅଭିଯୁକ୍ତ ଅଛନ୍ତି। ଏ ପର୍ଯ୍ୟନ୍ତ ଏହି ମାମଲାରେ ୩୯ ଜଣଙ୍କୁ ଗିରଫ କରାଗଲାଣି।

## ଗୋଟିଏ ନମ୍ବରକୁ ୧୧୩ଥର ଫୋନ୍

ଲକ୍ଷ୍ନୌ, ୧୮।୬(ଏଜେନ୍ସି): ଟ୍ରାନ୍ସପୋର୍ଟ ବ୍ୟବସାୟୀ ରାଜା ରଘୁବଂଶୀ ହତ୍ୟା ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଏଥିରେ ମୁଖ୍ୟ ଅଭିଯୁକ୍ତ ତଥା ରାଜାଙ୍କ ପତ୍ନୀ ସୋନମ ଦୁଇଟି ମୋବାଇଲ ନମ୍ବର ବ୍ୟବହାର କରୁଥିଲା। କଲ୍ ଡିଟେଲ୍ ଅନୁସାରେ ସୋନମ୍ ମାର୍ଚ୍ଚ ମାସରେ ୨୫ ଦିନ ମଧ୍ୟରେ ୧୧୯ ଥର କଲ କରି କଥା ହୋଇଥିଲେ। ସେ ଦୀର୍ଘ ସମୟ ଧରି ସଞ୍ଜୟ ବର୍ମାଙ୍କ ସହ କଥା ହୋଇଥିଲେ ବୋଲି କୁହାଯାଉଛି। ତେବେ ଶିଲଂ ପୁଲିସ ଆନୁଷ୍ଠାନିକ ଭାବେ ଏ ନେଇ କିଛି ସୂଚନା ଦେଇନାହିଁ। ବୁଧବାର ଅପରାହ୍ଣରେ ପୁଲିସ୍ ସୋନମର ଘରେ ପହଞ୍ଚି ତା'ର ମା ଓ ଭାଇ ଗୋବିନ୍ଦଙ୍କୁ ବନ୍ଦ କୋଠରୀରେ ପଚରାଉଚରା କରିଥିଲା। ସେପଟେ ଫତେପୁର ଜିଲ୍ଲାରେ ରାଜା ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ରାଜ୍ କୁଶୱାହର ଜେଜେମା ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି। ରାଜ ନିର୍ଦ୍ଦୋଷ ବୋଲି ଜେଜେମା ମୃତ୍ୟୁ ପୂର୍ବରୁ କହିଥିବା କଥା ପରିବାର ଲୋକେ କହିଛନ୍ତି।

## ୧୫ ଦିନରେ ମିଳିବ ଭୋଟର କାର୍ଡ

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ଏଥର ଭୋଟର ତାଲିକା ସଂଶୋଧନର ୧୫ ଦିନ ଭିତରେ ଲୋକଙ୍କୁ ନୂଆ ଭୋଟର ଆଇଡି ମିଳିବ। ନିର୍ବାଚନ କମିଶନଙ୍କ ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। କାର୍ଡ ପ୍ରଦାନ ଲାଗି ନୂଆ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଥିରେ ନୂଆ ପଞ୍ଜିକରଣ କିମ୍ବା ଆଇଡିରେ ଥିବା ସୂଚନା ପରିବର୍ତ୍ତନ ସାମିଲ ରହିଛି। ଏହା ବ୍ୟତୀତ ଭୋଟରଙ୍କୁ ଏସ୍‌ଏମ୍‌ଏସ୍ ମଧ୍ୟ ମିଳିବ। ଏହା ମାଧ୍ୟମରେ କାର୍ଡ ସ୍ଥିତିର ସୂଚନା ଦିଆଯିବ। ଏବେ ଭୋଟର କାର୍ଡ ମିଳିବାକୁ ମାସେରୁ ଅଧିକ ସମୟ ଲାଗିଯାଉଛି।

## କରୋନା: ୨୪ ଘଣ୍ଟାରେ ଆଉ ୪ ମୃତ

ନୂଆଦିଲ୍ଲୀ, ୧୮।୬(ଏଜେନ୍ସି): କରୋନାର ନୂଆ ଭ୍ୟାରିଏଣ୍ଟ ସଂକ୍ରମଣରେ ଦେଶରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୨୪ ଘଣ୍ଟା ୪ଜଣ ମୃତ୍ୟୁବରଣ କରିଛନ୍ତି। ମହାରାଷ୍ଟ୍ରରୁ ୨ଜଣ ଏବଂ ଦଲ୍ଲୀ ଓ କେରଳରୁ ଜଣେ ଲେଖାଏ ଜୀବନ ହରାଇଛନ୍ତି। ୨୦୨୫ ଜାନୁଆରୀରୁ ଏପର୍ଯ୍ୟନ୍ତ କରୋନାରେ ମୋଟ୍ ୧୧୩ ଜଣ ଜୀବନ ହରାଇଛନ୍ତି। କେରଳରେ ମୃତ୍ୟୁ ସଂଖ୍ୟା ସର୍ବାଧିକ ୩୬ ହୋଇଥିବା ବେଳେ ମହରାଷ୍ଟ୍ରରେ ୩୧ ଓ ଦିଲ୍ଲୀରେ ୧୩ ଜଣ ମୃତ୍ୟୁବରଣ କରିଛନ୍ତି। ଦେଶର ୩୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କରୋନାର ୬୪୮୩ ଆକ୍ଟିଭ କେସ୍ ଦେଖିବାକୁ ମିଳିଛି।

## କର୍ଣ୍ଣାଟକରୁ ନେଇ ଗୋଆରେ ପ୍ରେମିକାକୁ ହତ୍ୟା

ପାନାଜୀ, ୧୮।୬(ଏଜେନ୍ସି): ବିବାହ କରିବାକୁ ଦୁହେଁ ଗୋଆ ଯାଇଥିଲେ। କିନ୍ତୁ ସେଠାରେ ପହଞ୍ଚିବା ପରେ କଥା ଅଲଗା ହୋଇଥିଲା। ଜଣେ ୨୨ ବର୍ଷୀୟ କର୍ଣ୍ଣାଟକ ଯୁବକ ତାଙ୍କ ପ୍ରେମିକାଙ୍କୁ ନିର୍ମମ ଭାବେ ହତ୍ୟା କରିଛି। ଦକ୍ଷିଣ ଗୋଆର ପ୍ରତାପ ନଗରରେ ଯୁବତୀଙ୍କ ମୃତଦେହ ମିଳିଥିଲା। ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ଦୁହେଁ ବେଙ୍ଗାଲୁରୁରୁ ଗୋଆ ଆସିଥିଲେ। ଗିରଫ ଯୁବକ ହେଉଛନ୍ତି ସଞ୍ଜୟ କେଭିନ ଏମ୍। ସେ ନର୍ଥ ବେଙ୍ଗାଲୁରୁରେ ରୁହନ୍ତି। ସେହିପରି ଯୁବତୀ ଜଣକ ହେଉଛନ୍ତି ଏହି ଅଞ୍ଚଳର ୨୨ ବର୍ଷୀୟା ରୋସନୀ ମୋସେସ୍ ଏମ୍। ଘଟଣା ପରେ ଯୁବକ ଫେରାର ହୋଇଯାଇଥିଲେ। ତାଙ୍କୁ କର୍ଣ୍ଣାଟକର ହୁବାଲିରେ ଗିରଫ କରାଯାଇଥିଲା। ବିବାହ କରିବାକୁ ଆସିଥିଲେ ମଧ୍ୟ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା ଓ ଏହା ଶେଷରେ ହତ୍ୟାର ରୂପ ନେଇଥିଲା ବୋଲି ପୁଲିସ କହିଛି।

# ବଢ଼ିଲା ବିମାନବନ୍ଦର ସୁରକ୍ଷା ଚିନ୍ତା

## ସୁରକ୍ଷା ମାନଦଣ୍ଡ ପୂରଣ କରୁନାହାନ୍ତି ଅହମଦାବାଦ ସମେତ ଅନେକ ବିମାନବନ୍ଦର

- ଅନେକ ସ୍ଥାନରେ ହୋଇନି ବଫର ଜୋନ୍
- ଭିତ୍ତିଭୂମି ସୁରକ୍ଷାକୁ ଗମ୍ଭୀରତାର ସହ ନେଉନାହାନ୍ତି



ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ପରେ ସାରା ଦେଶରେ ବିମାନ ଯାତ୍ରୀଙ୍କ ସୁରକ୍ଷା ଚିନ୍ତା ବୃଦ୍ଧି ପାଇଛି। ଏ ଦିଗରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପଦକ୍ଷେପ ନେଇ ସୁରକ୍ଷା ଯାଞ୍ଚ ମଧ୍ୟ ନିର୍ଦ୍ଦେଶ ଦେଇଛି। ଏପରି ସମୟରେ ଚାଞ୍ଚଲ୍ୟକର ତଥ୍ୟ ସାମ୍‌ନାକୁ ଆସିଛି। ଅହମଦାବାଦ ସମେତ ଅନେକ ବିମାନବନ୍ଦର ମୌଳିକ ସୁରକ୍ଷା ମାନଦଣ୍ଡ ପୂରଣ କରୁନାହିଁ ବୋଲି ଜଣାପଡ଼ିଛି। ଡିଜିସିଏ ନିୟମ, ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ (ଏଏଆଇ) ର ଦାବି ଏବଂ ୨୦୧୯ର ପର୍ଯ୍ୟବେକ୍ଷଣ ରିପୋର୍ଟ ଥିବା ସତ୍ତ୍ୱେ ପୁଣି ବିମାନ ଦୁର୍ଘଟଣା ହୋଇଥିଲା। ଏହାକୁ ନେଇ ଅବଷ୍ଟାକଲ ଲିମିଟେସନ ସରଫେସ (ଓଏଲଏସ) ପକ୍ଷରୁ କୁହାଯାଇଛି ଯେ ରନୱେର ଆଖପାଖରେ ସ୍ଥାୟୀ ନିର୍ମାଣ କିମ୍ବା ଆବାସିକ କୋଠା ରହିବା ଅନୁଚିତ। କିନ୍ତୁ ଅହମଦାବାଦ ବିମାନବନ୍ଦରରେ ଏ ସବୁ ସୁରକ୍ଷା ମାନଦଣ୍ଡ ପାଳନ ହୋଇନାହିଁ। ଏଥିରେ ସ୍ପଷ୍ଟ ହେଉଛି ଯେ ବିମାନ ଦୁର୍ଘଟଣା କେବଳ ଯାନ୍ତ୍ରିକ ନ ଥିଲା, ସଂସ୍ଥାଗତ ଏବଂ ପ୍ରଶାସନିକ ସ୍ତରର ମଧ୍ୟ ବିଫଳତା ଥିଲା।

ଏଏଆଇ ୨୦୧୮ରେ ଅହମଦାବାଦ ବିମାନବନ୍ଦରରେ ବଫର ଜୋନ ନିର୍ମାଣ କରିବା ଲାଗି ଗୁଜରାଟ ସରକାରଙ୍କୁ ୨୯.୭୯ ଏକର ଜମି ମାଗିଥିଲା। ଏହାକୁ ମଞ୍ଜୁରି ମଧ୍ୟ ମିଳିଥିଲା। କିନ୍ତୁ ଜମି ମିଳିବା ପ୍ରକ୍ରିୟା ଏବେ ବି ଜାରି ରହିଛି। କାରଣ ଏହି ଅଞ୍ଚଳରେ ୩୫୦ ପରିବାର ରହୁଛନ୍ତି। ଏମାନଙ୍କୁ ହଟାଇବା ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ। ଦେଶରେ ବିମାନ ଯାତ୍ରୀଙ୍କ ସଂଖ୍ୟା ବଢୁଛି। କିନ୍ତୁ ରନୱେ ସେଫ୍ଟି, ବଫର ଜୋନ ଏବଂ ଓଏଲଏସ ଭଳି ମୌଳିକ ଭିତ୍ତିଭୂମି ସମସ୍ୟା ବଡ଼ ଅବହେଳାର କାରଣ ପାଲଟିଛି। ଡିଜିସିଏର ଏରୋଡ୍ରମ ଇନ୍‌ସ୍ପେକ୍ଟର ହାଣ୍ଡବୁକ୍ ଏବଂ ସିଭିଲ ଆଭିଏସନ ରିକ୍ୱାରମେଣ୍ଟ (ସିଏଆର) ଅନୁଯାୟୀ ପ୍ରତ୍ୟେକ ରନୱେ ଶେଷରୁ ୯୦ରୁ ୨୪୦ ମିଟର ପର୍ଯ୍ୟନ୍ତ ରନୱେ ଆଣ୍ଡ ସେଫ୍ଟି ଏରିଆ (ରେସା) ହେବା ଜରୁରୀ। ଡିଜିସିଏର ବାର୍ଷିକ ଇନସ୍ପେକ୍ସନ ରିପୋର୍ଟ ଏବଂ ଏୟାରପୋର୍ଟ ଇନଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟର ଅଧ୍ୟୟନରୁ ଜଣାପଡ଼ିଛି ଯେ ଦେଶର ଅନେକ ବିମାନବନ୍ଦରରେ ରେସା, ଓଏଲଏସ କିମ୍ବା ଜମି ଅଧିଗ୍ରହଣ ଭଳି ମୌଳିକ ମାନଦଣ୍ଡ ପୂରଣ କରିପାରିନାହାନ୍ତି। ତ୍ରିଭେନ୍ଦ୍ରମ, କୋଏମ୍ବାଟୁର, ମହୀଶୂର ଏବଂ ମାଙ୍ଗାଲୁରୁ ଭଳି ସହରରେ ରନୱେ ସମ୍ପ୍ରସାରଣ କିମ୍ବା ସୁରକ୍ଷା ଜୋନ୍ ପାଇଁ ମଗା ଯାଇଥିବା ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏଭଳି ଭାବେ ଗ୍ୱାଲିୟର ରନୱେ ପ୍ରସ୍ତାବ ଦୀର୍ଘ ବର୍ଷ ହେଲା ଅଟକି ରହିଛି।

ହିସାରରେ ଉଡ଼ାଣ ଆରମ୍ଭ ହୋଇସାରିଲାଣି। କିନ୍ତୁ ଟ୍ୟାକ୍ସି-ୱେ ଏବଂ ରନୱେ ନିକଟରେ ଓଏଲଏସ ସମ୍ବନ୍ଧିତ ସମସ୍ୟା ଜାରି ରହିଛି। କୁଶିନଗରରେ ଟର୍ମିନାଲ ସହିତ ଆପ୍ରୋଚ ପାଥ୍ ଏବଂ ରନୱେ ସୁଧାର ଅଧାରେ ରହିଛି। ସିମ୍‌ଲା ରନୱେ କେବଳ ୧୧୮୯ ମିଟର ଲମ୍ବା। ପାହାଡ ଯୋଗୁଁ ଏଠାରେ ରେସା ମଧ୍ୟ ସମ୍ଭବ ନୁହେଁ। ରନୱେର ମଧ୍ୟ ସମ୍ପ୍ରସାରଣ ହୋଇପାରିବ ନାହିଁ। ସେହିପରି ଜୈସାଲମେରରେ ରନୱେକୁ ଉଭୟ ବେସାମରିକ ଏବଂ ସାମରିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଉଛି। କିନ୍ତୁ ରନୱେ ସମ୍ପ୍ରସାରଣର କୌଣସି ଯୋଜନା ନାହିଁ। ସେହିପରି କୃଷକଙ୍କ ବିରୋଧ ଯୋଗୁଁ ପୁନେରେ ପ୍ରସ୍ତାବିତ ପୁରନ୍ଦର ବିମାନବନ୍ଦର କାର୍ଯ୍ୟ ଅଟକି ରହିଛି। ପାଟନା ବିମାନବନ୍ଦରକୁ ଚାରିପଟୁ ଜନବସତି, ରେଳ ଲାଇନ ଏବଂ ଚିଡିଆଖାନା ଘେରି ରହିଛି। ଏଠାରେ ରେସା ଉପଯୋଗୀ ହୋଇପାରିବ ନାହିଁ। ରନୱେ ମଧ୍ୟ ସମ୍ପ୍ରସାରଣ ହୋଇପାରିବ ନାହିଁ। ଏଭଳି ସ୍ଥଳେ ଗମ୍ଭୀର ସୁରକ୍ଷା ବିପଦ ସୃଷ୍ଟି ହୋଇପାରେ।

### ବିମାନରେ ଫସିଲେ ବଘେଲ

## ୪୦ ମିନିଟ୍ ଯାଏଁ ଖୋଲିଲାନି ଗେଟ୍



ନୂଆଦିଲ୍ଲୀ, ୧୮।୬(ଏଜେନ୍ସି): ଦିଲ୍ଲୀରୁ ଛତିଶଗଡ଼ ରାଜଧାନୀ ରାୟପୁର ଯାତ୍ରା କରିଥିବା ଇଣ୍ଡିଗୋ ବିମାନରେ ମଙ୍ଗଳବାର ଏକ ବଡ଼ ଅଘଟଣ ଦେଖିବାକୁ ମିଳିଥିଲା। ଏୟାରପୋର୍ଟରେ ବିମାନ ଅବତରଣ କରିସାରିଥିଲେ ମଧ୍ୟ ଏକ ବୈଷୟିତ ତ୍ରୁଟି ଯୋଗୁଁ ଯାତ୍ରୀ ଫସି ରହିଥିଲେ। ଏମାନଙ୍କ ମଧ୍ୟରେ ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଥିଲେ। ବିମାନର ଅବତରଣ ପରେ ୪୦ ମିନିଟ୍ ପର୍ଯ୍ୟନ୍ତ ଗେଟ୍ ଖୋଲି ନଥିଲା। ଫଳରେ ଯାତ୍ରୀମାନେ ବିମାନ ଭିତରେ ଫସି ରହିଥିଲେ। ଏହାକୁ ନେଇ ଆତଙ୍କ ଖେଳିଯାଇଥିଲା। ବଘେଲଙ୍କ ସମେତ କଂଗ୍ରେସ ବିଧାୟକ ଚାତୁରୀ ନନ୍ଦ ଓ ରାୟପୁର ମେୟର ମିନଲ ଚୌବେଙ୍କ ସମେତ ବହୁ ଯାତ୍ରୀ ବିମାନରେ ଥିଲେ। ତେବେ ସମସ୍ତଙ୍କୁ ସୁରକ୍ଷିତ ଭାବେ ବାହାରକୁ ନିଆଯାଇଥିଲା। ବିମାନରେ କିଛି ବୈଷୟିକ ତ୍ରୁଟି ରହିଥିବା ବଘେଲ କହିଛନ୍ତି। ଗେଟ୍ ଲକ୍ ହେବା ଫଳରେ ୪୦ମିନିଟ ପର୍ଯ୍ୟନ୍ତ ଗେଟ୍ ଖୋଲି ନଥିଲା। କାରଣ ଏହି ବିମାନରେ ସିଡି ନଥିଲା। ଏହା ଏୟାର ବ୍ରିଜ୍‌ରେ ଲାଗିବା ପରେ ଯାତ୍ରୀମାନେ ଅବତରଣ କରିଥାନ୍ତି। ଏଥିପାଇଁ ବୋଧେ ଗେଟ୍ ଖୋଲି ନଥିଲା ବୋଲି ବଘେଲ କହିଛନ୍ତି।

## ଦିଲ୍ଲୀରେ ରାତିତମାମ୍ ଅଟକିଲେ ଜୁଏଲ

ନୂଆଦିଲ୍ଲୀ, ୧୮।୬(ଏଜେନ୍ସି): ସୁନ୍ଦରଗଡ଼ ଲୋକସଭା ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ଏବଂ ଜଣାଶୁଣା ଡାକ୍ତର ତଥା ଗାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡା ସୁବ୍ରତ ଆଚାର୍ଯ୍ୟ ଦିଲ୍ଲୀରୁ ଭୁବନେଶ୍ୱର ଆସିବା ବେଳେ ବିମାନରେ ଫସି ରହିଥିବା ଖବର ହସ୍ତଗତ ହୋଇଛି। ଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ବିମାନ ଏଆଇ- ୨୪୮୯ ମଙ୍ଗଳବାର ରାତିରେ ଉଡ଼ାଣ କରିବାର ସମର୍ଥ ହୋଇ ନଥିଲା। ବୈଷୟିକ ତ୍ରୁଟି କାରଣରୁ ବିମାନ ଉଡାଣ ଆରମ୍ଭ କରିପାରି ନଥିଲା ବୋଲି ବିମାନ ବନ୍ଦର କର୍ତ୍ତୃପକ୍ଷ କହିଛନ୍ତି। ଜୁଏଲ, ସୁବ୍ରତଙ୍କ ସମେତ ବହୁ ଯାତ୍ରୀ ବେଶ୍ କେତେ ଘଣ୍ଟା ବିମାନରେ ଫସି ରହିଥିଲେ। ଏହି ବିମାନ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଆଇ) ବିମାନ ବନ୍ଦରରୁ ସନ୍ଧ୍ୟା ୫ଟା ୪୫ରେ ଟେକ୍ ଅଫ୍ କରିବାର କାର୍ଯ୍ୟକ୍ରମ ରହିଥିଲା। ଦୀର୍ଘ ସମୟ ଅପେକ୍ଷା କରିବା ପରେ ଯାତ୍ରୀମାନଙ୍କୁ ବିମାନରୁ ଓହ୍ଲାଇ ଦିଆଯାଇଥିଲା। କିନ୍ତୁ ବିମାନଟି ପୂର୍ବଭଳି ଠିଆ ହୋଇ ରହିଥିଲା ଓ ଯାତ୍ରା ଆରମ୍ଭ କରିପାରି ନଥିଲା। ବହୁଯାତ୍ରୀ ଟର୍ମିନାଲ-୩ର ପ୍ରସ୍ଥାନ ଗେଟ୍ ୩୨ଏରେ ଫସି ରହିଥିଲେ।

## ରାସ୍ତା ଜାମ୍ ପାଇଁ ୨ ବିଧାୟକଙ୍କୁ ବର୍ଷେ ଲେଖାଏଁ ଜେଲ୍ ଦଣ୍ଡ

ଜୟପୁର, ୧୮।୬ (ଏଜେନ୍ସି): ରାସ୍ତା ଜାମ କରିବା ରାଜସ୍ଥାନ କଂଗ୍ରେସର ଦୁଇ ବିଧାୟକଙ୍କ ପାଇଁ ମହଙ୍ଗା ପଡ଼ିଯାଇଛି। ରାସ୍ତା ଜାମ କରି ଆଇନକୁ ହାତକୁ ନେବା ମାମଲାରେ ଲାଡ଼ନୁ ବିଧାୟକ ମୁକେଶ ଭାକର, ଶାହପୁର ବିଧାୟକ ମନୀଷ ଯାଦବ, ଝୋଟୱାଡା ଆସନର ପୂର୍ବତନ କଂଗ୍ରେସ ପ୍ରାର୍ଥୀ ଅଭିଷେକ ଚୌଧୁରୀଙ୍କ ସମେତ ୯ ଜଣ ଲୋକଙ୍କୁ ଜୟପୁର ଜିଲ୍ଲା ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ସମସ୍ତଙ୍କୁ ବର୍ଷେ ଲେଖାଏଁ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ତେବେ ଏହି ମାମଲା ୧୧ ବର୍ଷ ତଳର। ୨୦୧୪ ଅଗଷ୍ଟ ୧୩ରେ ସମସ୍ତେ ରାଜସ୍ଥାନ ୟୁନିଭର୍ସିଟିର ମୁଖ୍ୟ ଫାଟକ ବାହାରେ ଥିବା ଜେଏଲଏନ ମାର୍ଗ ଜାମ୍ କରିଥିଲେ। ତେବେ ଦଣ୍ଡ ମିଳିବା ପରେ ସମସ୍ତଙ୍କୁ ଜାମିନ ମିଳିଯାଇଛି। ଏହି ମାମଲାରେ ପୁଲିସ ୨୦୧୬ ଅଗଷ୍ଟ ୧୧ରେ ସମସ୍ତଙ୍କ ବିରୋଧରେ ଆରୋପପତ୍ର ଧାର୍ଯ୍ୟ କରିଥିଲା।

## କାର୍‌ରେ ଜିଅନ୍ତା ଜଳିଗଲେ ୫ ଜଣ

ବୁଲନ୍ଦସହର, ୧୮।୬(ଏଜେନ୍ସି): ଉତ୍ତରପ୍ରଦେଶର ବୁଲନ୍ଦସହରରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାର ସମ୍ମୁଖୀନ ହେବା ପରେ କାର୍‌ରେ ବସିଥିବା ୫ ଜଣ ଲୋକ ଜିଅନ୍ତା ଜଳିଯିବା ସହ ମୃତ୍ୟୁବରଣ କରିଛନ୍ତି। ଦ୍ରୁତଗତିରେ ଆସୁଥିବା ଏକ ସ୍ୱିଫ୍ଟ କାର ପୋଲ ଉପରୁ ୫ ଫୁଟ ତଳକୁ ଖସି ପଡ଼ିଥିଲା। ଫଳରେ କାରରେ ନିଆଁ ଲାଗିଯାଇଥିଲା। କାରରେ ୬ ଜଣ ଲୋକ ବସିଥିବା ବେଳେ ୫ ଜଣ ମୃତ୍ୟୁବରଣ କରିଛନ୍ତି।

# ସରକାରଙ୍କୁ ଘେରିଲା କଂଗ୍ରେସ

- ଟ୍ରମ୍ପଙ୍କ ସହ ମୁନିରଙ୍କ ଭୋଜନ ଭାରତ ପାଇଁ ତୃତୀୟ ଝଟ୍‌କା
- ରମେଶଙ୍କୁ ମିଛୁଆ କହିଲା ବିଜେପି

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଫୋନ୍ ବାର୍ତ୍ତାଳାପର ୧୨ ଘଣ୍ଟା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ପୂର୍ବ ଦାବି ଦୋହାରାଇଛନ୍ତି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମ୍ଭାବ୍ୟ ଯୁଦ୍ଧକୁ ସେ ଅଟକାଇ ଥିଲେ ବୋଲି କହିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ମୁଁ ଯୁଦ୍ଧ ଅଟକାଇଛି। ମୁଁ ପାକିସ୍ତାନକୁ ଭଲ ପାଉଛି। ପ୍ରଧାନମନ୍ତ୍ରୀ ମୋଦୀ ବହୁତ ବଢିଆ ବ୍ୟକ୍ତି। ମୁଁ ତାଙ୍କ ସହ ରାତିରେ କଥା ହୋଇଥିଲି। ଆମେ ଭାରତ ସହ ବାଣିଜ୍ୟ ଚୁକ୍ତି କରିବୁ ବୋଲି ଟ୍ରମ୍ପ କହିଛନ୍ତି। ତେବେ ମୋଦୀ ଏବଂ ଟ୍ରମ୍ପଙ୍କ ଆଲୋଚନାକୁ ନେଇ କଂଗ୍ରେସ କେନ୍ଦ୍ରକୁ ଘେରିଛି। ଏହି ଆଲୋଚନାକୁ ସରକାର କୂଟନୈତିକ ବିଜୟ ଭାବେ କହୁଥିବାବେଳେ ପ୍ରକୃତରେ ଏହା ଭାରତ ପାଇଁ ଟ୍ରିପଲ୍ ଝଟ୍‌କା ସାବ୍ୟସ୍ତ ହୋଇଛି ବୋଲି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି। ପାକିସ୍ତାନ ସେନାମୁଖ୍ୟ ଆଜି ହ୍ୱାଇଟ ହାଉସ୍‌ରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ମଧ୍ୟାହ୍ନଭୋଜନ କରିବାକୁ ଯାଉଛନ୍ତି। ଆଉ ଏହା କୂଟନୀତିରେ ଭାରତ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଛି। ମୁନିର ପାକିସ୍ତାନ ସରକାରଙ୍କ ମୁଖିଆ ନୁହଁନ୍ତି। ତାଙ୍କର ଉତ୍ତେଜନାପୂର୍ଣ୍ଣ ଭାଷଣ ପହଲଗାମ ଆକ୍ରମଣ ପାଇଁ ରୂପରେଖ ପ୍ରସ୍ତୁତ କରିଥିଲା। ଏହି ଭାଷଣ ପହଲଗାମ ଆକ୍ରମଣ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହିଛି। ମୁନିରଙ୍କୁ ସାକ୍ଷାତ କରିବା ପାଇଁ ଟ୍ରମ୍ପ ଅଧାରୁ ଜି-୭ ବୈଠକ ଛାଡ଼ି ପଳାଇଲେ କି ବୋଲି ରମେଶ ପ୍ରଶ୍ନ କରିଛନ୍ତି। ଟ୍ରମ୍ପଙ୍କ ସହ ଆଲୋଚନା ସମୟରେ ମୁନିରଙ୍କ ପ୍ରସଙ୍ଗ ଉପରେ ଭାରତର ଅସନ୍ତୋଷ ପ୍ରକାଶ କରିବାର ଥିଲା। ଯଦି ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥାନ୍ତେ ତେବେ ଏପରି କରିଥାନ୍ତେ।

ରମେଶ କହିଛନ୍ତି ଯେ କିଛି ଦିନ ତଳେ ଆମେରିକା ସେଣ୍ଟ୍ରାଲ କମାଣ୍ଡ ମୁଖ୍ୟ ଜେନେରାଲ ମାଇକେଲ କୁରିଲ୍ଲା ଆତଙ୍କବାଦୀ ବିରୋଧୀ ଅଭିଯାନରେ ପାକିସ୍ତାନକୁ ଉତ୍ତମ ସହଯୋଗୀ କହିଥିଲେ। ଓସାମା ବିନ୍ ଲାଡେନକୁ ଶରଣ ଦେଇଥିବା ପାକିସ୍ତାନ କେମିତି ଉତ୍ତମ ସହଯୋଗୀ ହୋଇଗଲା? ପାକିସ୍ତାନ ସବୁଠୁ ଉତ୍ତମ ଅପରାଧୀ। ଅପରାଧୀଙ୍କୁ ସହଯୋଗ କରିବା ଭାରତ ପାଇଁ ଝଟ୍‌କା। ଅପରେସନ ସିନ୍ଦୂରକୁ ଅଟକାଇ ଭାରତ-ପାକିସ୍ତାନ ଅସ୍ତ୍ରବିରତି ଲାଗି ୧୪ ଥର ଶ୍ରେୟ ନେବାକୁ ଟ୍ରମ୍ପଙ୍କ ପ୍ରୟାସ ଭାରତ ପାଇଁ ତୃତୀୟ ଝଟ୍‌କା ସାବ୍ୟସ୍ତ ହୋଇଛି। ଏହା ଉପରେ ମେ' ୧୦ ତାରିଖ ପରଠାରୁ ପ୍ରଧାନମନ୍ତ୍ରୀ କିଛି କହି ନ ଥିଲେ। ଅନ୍ୟପକ୍ଷରେ ବିଜେପି ଜୟରାମ ରମେଶଙ୍କୁ ମିଛୁଆ କହିଛି । ତାଙ୍କ ଦଳର ଅନେକ ଲୋକ ମଧ୍ୟ ଏହା ସ୍ୱୀକାର କରିଛନ୍ତି।



# ପୁଣି ଚର୍ଚ୍ଚାରେ ମୋଦୀ-ମେଲୋନୀ


ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): କାନାଡ଼ା ଅଲବର୍ଟା ପ୍ରଦେଶର କନନାସ୍କିସରେ ଚାଲିଥିବା ଜି-୭ ବୈଠକ ଶେଷ ହୋଇଛି। ଅତିଥି ରାଷ୍ଟ୍ର ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି-୭ ବୈଠକ ପାଇଁ ସମ୍ମିଳନୀରେ ପହଞ୍ଚି ଥିଲେ। କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ମୋଦୀଙ୍କୁ ସ୍ୱାଗତ କରିଥିଲେ। ଏହା ଉଭୟ ନେତାଙ୍କ ପ୍ରଥମ ସାକ୍ଷାତ ଥିଲା। ଭାରତ-କାନାଡ଼ା ସମ୍ବନ୍ଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଦ୍ୱିପାକ୍ଷିକ ଆଲୋଚନାରେ ପୁଣିଥରେ ଉଚ୍ଚାୟୁକ୍ତ ନିଯୁକ୍ତି ଲାଗି ସହମତି ପ୍ରକାଶ କରିଥିଲେ।

ଏଠାରେ ସେ ଅନେକ ବିଶ୍ୱ ନେତାଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ମଧ୍ୟ ମୋଦୀ ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ଚର୍ଚ୍ଚାରେ ଥିଲା। ଉଭୟ ନେତା ପରସ୍ପରକୁ ହର୍ଷ ଉଲ୍ଲାସର ସହ ସ୍ୱାଗତ କରିଥିଲେ। ଇଟାଲୀ ସହ ଭାରତର ବନ୍ଧୁତା ଅଧିକ ଦୃଢ଼ ହେବ ବୋଲି ମୋଦୀ କହିଥିଲେ। ଏହି ଅବସରରେ ମେଲୋନୀ ମୋଦୀଙ୍କୁ ପ୍ରଶଂସା କରିଥିଲେ। ଆପଣ ଶ୍ରେଷ୍ଠ ବୋଲି କହିଥିଲେ। ମୋଦୀଙ୍କ ପରି ହେବାକୁ ପ୍ରୟାସ କରୁଛି ବୋଲି ଉଲ୍ଲେଖ କରିଥିଲେ। ଜି-୭ ସମ୍ମିଳନୀ ପରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ମୋଦୀ କ୍ରୋଏସିଆରେ ପହଞ୍ଚିଛନ୍ତି। ଏଠାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆନ୍ଦ୍ରେଜ ପ୍ଲେଙ୍କୋଭିଚଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଏହା ପୂର୍ବରୁ ମୋଦୀ ସକାଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ଏହି ୩୫ ମିନିଟର ବାର୍ତ୍ତାଳାପରେ ମୋଦୀ 'ଅପରେସନ ସିନ୍ଦୂର' ବିଷୟରେ ଟ୍ରମ୍ପଙ୍କୁ ସୂଚନା ଦେଇଥିଲେ। ବିଦେଶ ସଚିବ ବିକ୍ରମ ମିଶ୍ରି ଏହି ସୂଚନା ଦେଇଛନ୍ତି। ଆଲୋଚନା ସମୟରେ ମୋଦୀ ସ୍ପଷ୍ଟ କରିଥିଲେ ଯେ ଅପରେସନ ସିନ୍ଦୂର ସମ୍ବନ୍ଧିତ ଅସ୍ତ୍ରବିରତି ଆଲୋଚନା ପାଇଁ ବ୍ୟବସାୟକୁ ନେଇ କୌଣସି ଆଲୋଚନା କରାଯାଇ ନ ଥିବା କହିଥିଲେ। ପାକିସ୍ତାନ କହିବାରୁ ହିଁ ଅସ୍ତ୍ରବିରତି ହୋଇଥିଲା। ଭାରତ କେବେ ବି ତୃତୀୟ ପକ୍ଷର ମଧ୍ୟସ୍ଥତା ସ୍ୱୀକାର କରିନି କି କରିବ ନାହିଁ। ଆଉ ଏଥର ଆତଙ୍କବାଦ ଘଟଣାକୁ ଛାମୁଆ ଯୁଦ୍ଧ ନୁହେଁ, ବରଂ ଯୁଦ୍ଧ କାର୍ଯ୍ୟାନୁଷ୍ଠାନ ଭାବେ ଦେଖିବ। ଭାରତର 'ଅପରେସନ ସିନ୍ଦୂର' ଏବେ ବି ଜାରି ରହିଛି। ବିଦେଶ ସଚିବ କହିଛନ୍ତି ଯେ ମୋଦୀ ଟ୍ରମ୍ପଙ୍କ ବିସ୍ତାର ଭାବେ ସବୁ କହିଥିଲେ। ଟ୍ରମ୍ପ ମଧ୍ୟ ଏହା ବୁଝିଥିଲେ। ଆତଙ୍କବାଦ ବିରୋଧୀ ଲଢେଇରେ ଭାରତକୁ ସମର୍ଥନ ଦେଇଥିଲେ।

# ବାଇସ୍କୋପ୍



# ବରୁଣଙ୍କ ନୂଆ ଲୁକ୍



ଲୋକପ୍ରିୟ ହିନ୍ଦୀ ସିନେମା 'ବର୍ଡର' ୧୯୯୭ ମସିହାରେ ମୁକ୍ତିଲାଭ କରିଥିଲା। ଯାହାକି ସୁପରହିଟ୍ ହୋଇଥିଲା। ତେବେ ଏହି ସିନେମାଟି ୧୯୭୧ ମସିହା ଭାରତ- ପାକିସ୍ତାନ ଯୁଦ୍ଧ ଉପରେ ଆଧାରିତ ଥିଲା। ତେବେ ଏବେ ଆସିବାକୁ ଯାଉଛି ଏହାର ଦ୍ୱିତୀୟ ଭାଗ। 'ବର୍ଡର- ୨' ସିନେମା ଘୋଷଣା ହେବା ପରେ ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ଏହାର ସିକ୍ୱେଲର ମୁଖ୍ୟ ଚରିତ୍ରରେ ନଜର ଆସିବେ ସନି ଦେଓଲ। ତେବେ ସନିଙ୍କ ସମେତ ଦିଲଜିତ୍, ଅହାନ, ବରୁଣ ପ୍ରମୁଖ ଏଥିରେ ଅଛନ୍ତି। ସେହିପରି 'ବର୍ଡର- ୨' ସେଟ୍‌ରୁ ନୂଆ ଫଟୋ ସାମ୍ନାକୁ ଆସିଛି। ତେବେ ଏଥିରେ ବରୁଣଙ୍କ ନୂଆ ଲୁକ୍‌କୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ବରୁଣ ଏଥିରେ ନିଶ ରଖିଛନ୍ତି। ତେଣୁ ସେ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ବାରି ହୋଇ ପଡୁଛନ୍ତି। ଅନୁରାଗ ସିଂହଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ୨୦୨୬ ଜାନୁଆରୀ ୨୩ରେ ମୁକ୍ତିଲାଭ କରିବ। ■

# ଦଶହରାରେ 'ଚ୍ୟାଲେଞ୍ଜ୍'

ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ'। ଆଦିଲକ୍ଷ୍ମୀ ଏଣ୍ଟରଟେନ୍‌ମେଣ୍ଟ ଏବଂ ଜି ସାର୍ଥକର ମିଳିତ ଉଦ୍ୟମରେ ନିର୍ମିତ ଏହି ସିନେମାର ଫାଷ୍ଟଲୁକ୍ ଇତିମଧ୍ୟରେ ସାମ୍ନାକୁ ଆସିଛି। ସାମାଜିକ ଗଣମାଧ୍ୟମରେ ଏହାର ଫଟୋ ସେୟାର୍ ହେବା ପରେ ଲୋକମାନେ ଏହାକୁ ଖୁବ୍ ପସନ୍ଦ କରିଛନ୍ତି। ସାଇ କିରଣ ମଙ୍ଗରାଜଙ୍କ ସିନେମାର ନିର୍ଦ୍ଦେଶନା ଦାୟିତ୍ୱରେ ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ଆଦିକନ୍ଦ ସାହୁ। ଏହି ସିନେମାର ମୁଖ୍ୟ ଚରିତ୍ରରେ ଅଭିନୟ କରିବେ ଏଲିନା ଓ ଅର୍ଦ୍ଧେନ୍ଦୁ। ଏହି ଦୁଇ ଯୋଡ଼ିଙ୍କୁ ଦର୍ଶକୀୟ ଆଦୃତି ମିଳିବା ଆଶା କରାଯାଉଛି। ସେହିପରି ସିନେମାର କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ମାନସ ପଢ଼ିଆରୀ। ଏହାର ସଙ୍ଗୀତ ନିର୍ଦ୍ଦେଶନାରେ ଗୌରବ ଆନନ୍ଦ ଥିବା ବେଳେ ନୃତ୍ୟ ନିର୍ଦ୍ଦେଶନାରେ ଅମିତ ନାୟକ ଅଛନ୍ତି। ତେବେ ସିନେମାଟି ଦଶହରାରେ ପ୍ରେକ୍ଷାଳୟକୁ ଆସିବ ବୋଲି କୁହାଯାଉଛି। ■

# 'ପଦ୍ମାବତୀ' ଭୂମିକାରେ ପିଙ୍କି



ଜୁଲାଇ ୪ ତାରିଖରେ ପରଦାକୁ ଆସିବାକୁ ଯାଉଛି ବହୁ ଚର୍ଚ୍ଚିତ ଓଡ଼ିଆ ସିନେମା 'ଶ୍ରୀଜଗନ୍ନାଥଙ୍କ ନବକଳେବର'। ଶ୍ରୀତମ ଦାସ ଏଥିରେ ରାଜା ପୁରୁଷୋତ୍ତମ ଦେବ ଭୂମିକାରେ ଥିବା ବେଳେ ରାଣୀ ପଦ୍ମାବତୀ ଭୂମିକାରେ ନଜର ଆସିବେ ଅଭିନେତ୍ରୀ ପିଙ୍କି ପ୍ରଧାନ। ପିଙ୍କି କହିଛନ୍ତି, "ମୋ ଅଭିନୟ ଜୀବନରେ ମୁଁ କେବେ କୌଣସି ପୌରାଣିକ ଚରିତ୍ରରେ ଅଭିନୟ କରି ନଥିଲି। ଏହା ହେଉଛି ପ୍ରଥମ। ଏଥିରୁ ଯେଉଁ ଆତ୍ମସନ୍ତୋଷ ପାଇଛି, ତାହା ଆଗରୁ କେବେ ମିଳି ନଥିଲା। ଏତେ ବଡ଼ ଷ୍ଟାର୍‌କାଷ୍ଟକୁ ଏତେ ବଡ କାନ୍‌ଭାସର ସିନେମା, ଏହାକୁ ସମ୍ପୂର୍ଣ୍ଣ କରିବା ସବୁଠୁ ବଡ଼ ଚାଲେଞ୍ଜ ଥିଲା ଆମ ପାଇଁ। ସେହି ସମୟକୁ ପୁଣି ଥରେ ପରଦା ଉପରକୁ ଫେରାଇ ଆଣିବା ଏତେ ସହଜ ନଥିଲା। ଏଥିରେ ଓଡ଼ିଆ ଜାତିର ସ୍ୱାଭିମାନ, ସାହସ ଓ ବୀରତ୍ୱର ଗାଥା ରହିଛି। ରହିଛି ଜାତିର ଆରାଧ୍ୟ ଜଗନ୍ନାଥଙ୍କ ପ୍ରତି ସମର୍ପଣ ଓ ଭକ୍ତିର ନିଦର୍ଶନ। ନିର୍ମାଣ ସମୟରେ ଯେଉଁ ସବୁ ବାଧା ବିଘ୍ନ ଆସିଛି ତାହା କିପରି ସବୁ ସମାଧାନ ହୋଇଛି ସେହି ଜଗନ୍ନାଥ ହିଁ ଜାଣନ୍ତି। ଏହି ଚଳଚ୍ଚିତ୍ରର ଏକ ଅଂଶ ହୋଇଥିବାରୁ ମୁଁ ଗୌରାବାନ୍ୱିତ ମନେ କରେ। ମୋତେ ଏହି ସୁଯୋଗ ଦେଇଥିବାରୁ ମୁଁ ପ୍ରଯୋଜିକା ତଥା ନିର୍ଦ୍ଦେଶିକା ବିନି ସାମଲଙ୍କ ପାଖରେ ଚିର ଋଣୀ।" ଏହି ଚଳଚ୍ଚିତ୍ରର ଅନ୍ୟାନ୍ୟ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ସୂର୍ଯ୍ୟମୟୀ, ଜ୍ୟୋତି, ଶିବାନୀ, ଶ୍ରୀତମ, ଅଂଶୁମାନ, କୁନା ତ୍ରିପାଠୀ, ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ରବି ମିଶ୍ର, କେଦାର ମିଶ୍ର, ରତନ ମେହେର, ସାହେବ ସିଂ, ପ୍ରିୟଙ୍କା ସାହୁ, ଋଷି ପଟ୍ଟନାୟକ ଓ ଶମ୍ଭୁନାଥ ଖୁଣ୍ଟିଆ ପ୍ରମୁଖ ଅଭିନୟ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଏକ ଚର୍ଚ୍ଚିତ ନାଟକ ଆଧାରରେ ଏହା ନିର୍ମିତ ହୋଇଛି। ଏଥିରେ ସଙ୍ଗୀତ ଦେଇଛନ୍ତି ମଳୟ ମିଶ୍ର ଓ ଗୁରୁ ଚନ୍ଦ୍ରଭାନୁ ଶତପଥୀ। ଚିତ୍ରୋତ୍ତଳନ କରିଛନ୍ତି ଧ୍ରୁବାନନ୍ଦ ପଣ୍ଡା। ■

# ଓଟିଟିରେ 'କୁହୁଡ଼ି'



ଲୋକପ୍ରିୟ ଓଟିଟି ଷ୍ଟ୍ରିମିଂ ପ୍ଲାଟଫର୍ମ ଆଓ ନେକ୍ସଟ୍‌ରେ ଜୁନ ୧୪ରୁ ଉପଲବ୍ଧ ହୋଇଛି ଓଲିଉଡ୍ ସୁପରଷ୍ଟାର୍ ଅନୁଭବ ମହାନ୍ତିଙ୍କ ସୁପର ହିଟ୍ ଫିଲ୍ମ 'କୁହୁଡି'। ୨୦୨୪ ରଜରେ ବଡ଼ ପରଦାକୁ ଏହି ଫିଲ୍ମ ମାଧ୍ୟମରେ ଫେରିଥିଲେ ଅନୁଭବ। ଫିଲ୍ମଟି ନିଆରା ପାରିବାରିକ କାହାଣୀ ଉପରେ ଆଧାରିତ ହୋଇଥିବା ବେଳେ ଏହି ଫିଲ୍ମଟି ଦର୍ଶକଙ୍କ ମନକୁ ଛୁଇଁ ଥିଲା। ଅଜୟ ପାଢ଼ୀଙ୍କ ନିର୍ଦ୍ଦେଶିତ 'କୁହୁଡ଼ି' ଫିଲ୍ମରେ ଅନୁଭବ ମହାନ୍ତିଙ୍କ ସହ ଅଭିନେତା ଦ୍ୱୀପନ୍ୱିତ ଦାସ ମହାପାତ୍ର, ଅଭିନେତ୍ରୀ ସୁପ୍ରିୟା ନାୟକ, ପ୍ରକୃତି ମିଶ୍ର ମଧ୍ୟ ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ। କ୍ୟାମେରା କୁଇନ୍ ପ୍ରଡକ୍ସନ୍ ପ୍ରସ୍ତୁତ ଏହି ଓଡ଼ିଆ ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଥିଲେ ହିମାଦ୍ରୀ ତନୟ ଦାସ। ସିନେମାର ଅନ୍ୟାନ୍ୟ ଭୂମିକାରେ କୁନା ତ୍ରିପାଠୀ, ସୁକୁମାର ଟୁଡୁ, ସୁଶୀଲ ମିଶ୍ର, ଶକ୍ତି ବରାଳ ଏବଂ ଦୁଇଜଣ ଶିଶୁ କଳାକାର ପିହୂ ଏବଂ ଦୀକ୍ଷା ପ୍ରମୁଖ ଅଛନ୍ତି। ତେବେ ସିନେମାଟି ସମାଜକୁ ଏକ ସୁନ୍ଦର ସଚେତନତା ଏବଂ ଶିକ୍ଷଣୀୟ ବାର୍ତ୍ତା ଦେଇ ଗତିଶୀଳ ହୋଇଛି। ■

# "ଜଣେ କଳାକାର ପାଇଁ ସବୁ ଚରିତ୍ର ସମାନ"



ଗୁରୁ-ଶିଷ୍ୟ ପରମ୍ପରା ସ୍ୱତନ୍ତ୍ର ଓ ଅନନ୍ୟ। ଗୁରୁ ବିନା ଶିକ୍ଷା ଅସମ୍ପୂର୍ଣ୍ଣ। ତେବେ ଏହି ପରି ଏକ ପବିତ୍ର ବୃତ୍ତିକୁ ଆପଣାଇ ଶିଷ୍ୟଙ୍କ ମନରୁ ଅଜ୍ଞାନ ଅନ୍ଧକାର ଦୂରେଇବା ତାଙ୍କର ଲକ୍ଷ୍ୟ ଥିଲା। ହେଲେ ତାଙ୍କ ଭାଗ୍ୟରେ କିଛି ଅଲଗା ଲେଖା ଥିଲା। ରିଆଲିଟି ଶୋ'ରେ ଭାଗ ନେଉ ନେଉ ସେ ପାଲଟିଗଲେ ଜଣେ ଅଭିନେତା। 'ସିନ୍ଦୂରର ଅଧିକାର' ଥିଲା ତାଙ୍କର ପ୍ରଥମ ଧାରାବାହିକ। ବାଲେଶ୍ୱରର ଡାନି ଏକାଧିକ ଧାରାବାହିକରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଛୁଇଁଛନ୍ତି। ଏବେ ସେ 'ଭାଗ୍ୟ ରେଖା' ଧାରାବାହିକରେ ଆଦର୍ଶ ଚରିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି। ତେବେ ସବୁବେଳେ ଫିଟ୍ ଓ ହସ ହସ ମୁହଁରେ ଦର୍ଶକଙ୍କ ହୃଦୟ ଜିଣୁଥିବା ଡାନିଙ୍କଠାରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।

## ଡାନି, ଅଭିନେତା



**ଧାରାବାହିକକୁ ଯାତ୍ରା କେମିତି ଥିଲା?**

● ମୋ ବାପାମା' ଉଭୟ ସରକାରି ଚାକିରିଆ। ସେମାନଙ୍କ ଇଚ୍ଛା ଥିଲା ପୁଅ ବି ସରକାରି ଚାକିରିଆଟେ ହେବ। ଜଣେ ଶିକ୍ଷକ ଭାବେ ମୁଁ ବୃତ୍ତି ଆରମ୍ଭ କରିଥିଲି। କିନ୍ତୁ ସୌଭାଗ୍ୟବଶତଃ ଏହି ଲାଇନ୍‌କୁ ମୁଁ ଟାଣି ହୋଇ ଆସିଥିଲି। ୨୦୧୬ ମସିହାରେ 'ଲଭ୍ ଇନ୍ ଦୁବାଇ' ରିଆଲିଟି ଶୋ'ର ବିଜେତା ହୋଇଥିଲି। ୨୦୧୯ ମସିହାରେ ଜି ସାର୍ଥକରେ 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍ କି ଖୋଜ୍'ରେ ନିଜକୁ ପ୍ରମାଣିତ କରିବାକୁ ସୁଯୋଗ ମିଳିଲା। ଅଭିନୟ କରିବାକୁ ଆଗ୍ରହ ହେଲା। 'ସିନ୍ଦୂରର ଅଧିକାର' ଧାରାବାହିକରେ ପ୍ରଥମେ କାମ କରିବାକୁ ସୁଯୋଗ ମିଳିଥିଲା। 'କୁନ୍ଦନ' ଚରିତ୍ରରେ ଦର୍ଶକଙ୍କ ଭଲ ପାଇବା ପାଇ 'କେମିତି କହିବି କହ' ପରି ପ୍ରୋଜେକ୍ଟରେ ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କ ସହ କାମ କରିଥିଲି। ଏଥିରେ ପ୍ରଥମ ଥର ନେଗେଟିଭ୍ ରୋଲ୍ କରିଥିଲି।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲ?**

● ପୂର୍ବରୁ ଯେଉଁ ରିଆଲିଟି ଶୋ'ମାନଙ୍କରେ ଥିଲି ସେଠାରେ ପିଲାମାନଙ୍କୁ ବହୁତ ଟ୍ରେଣ୍ଡ କରାଯାଉଥିଲା। ସେବେଠୁ ସଂଳାପ କେମିତି ମନେ ରଖିବି, ଅଭିନୟ କରିବାର କଳା ଜଣାଥିଲା। ହେଲେ ଗ୍ରୁପ୍ ସିନ୍‌ମାନଙ୍କରେ କେମିତି କ୍ଲୋଜ୍ ଯିବ, କ୍ୟାମେରା ଅନୁଯାୟୀ କିଛି ଟେକ୍‌ନିକ୍ କାମ ବିଷୟରେ ଏତେଟା ଜ୍ଞାନ ନ ଥିଲା। ସାମ୍ନାରେ କଳାକାର ନ ଥିଲେ ମୋ' ଲୁକ୍ କେମିତି ଯିବ ଆଦି ବିଷୟରେ ବରିଷ୍ଠ କଳାକାର, ଧାରାବାହିକ ନିର୍ଦ୍ଦେଶକ ମୋତେ ବହୁତ କିଛି ଶିଖାଇଥିଲେ। ଏଥିପାଇଁ ଅଧିକ ସମସ୍ୟା ହୋଇନଥିଲା। ସମସ୍ତଙ୍କଠାରୁ ଶିଖିବାର ମନୋବୃତ୍ତି ରହିଥିବାରୁ ମୁଁ କାମକୁ ସହଜରେ ଗ୍ରହଣ କରୁଥିଲି।

**ଭାଗ୍ୟରେଖା ଧାରାବାହିକକୁ ନେଇ କ'ଣ କହିବେ?**

● 'ମଙ୍ଗଳାଚରଣ', 'ବନ୍ଧନ ଏ ଜନ୍ମ ଜନ୍ମର', 'ଝିଅ ଆମର ନୂଆ ବୋହୂ', 'ତିତ୍‌ଲି' ଆଦି ଧାରାବାହିକରେ କାମ କରିଛି। ପ୍ରାୟତଃ ଧାରାବାହିକରେ ନେଗେଟିଭ୍ ଚରିତ୍ର କରିଛି। ଅଭିନୟ ଜରିଆରେ ଦର୍ଶକଙ୍କୁ କନ୍ଦାଇ ଦେଇଛି। ଧାରାବାହିକ 'ତିତ୍‌ଲି' ପାଇଁ ଶ୍ରେଷ୍ଠ ଖଳନାୟକ ଭାବେ ମୁଁ ପୁରସ୍କୃତ ହୋଇଥିଲି। ଏହା ପରେ 'ଭାଗ୍ୟ ରେଖା' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଥିଲା। ଏଥିରେ ମୁଁ ଶିଖାର ସ୍ୱାମୀ ଭୂମିକାରେ ଅଭିନୟ କରିଛି। ବର୍ଷେ ମୁଁ ସକାରାତ୍ମକ ଚରିତ୍ରରେ କାମ କରି ପୁଣି ଖଳନାୟକ ଭାବେ ଲୋକଙ୍କ ସାମ୍ନାକୁ ଆସୁଛି। ଦର୍ଶକ ମୋତେ ଏବେ ଖଳନାୟକ ଭାବେ ଗ୍ରହଣ କରିବାକୁ ଆଗ୍ରହୀ ନାହାନ୍ତି।

**ଖଳନାୟକ ଭାବେ କାମ କରିବାକୁ କେମିତି ପ୍ରସ୍ତୁତ ହୁଅନ୍ତି?**

● ଜଣେ ଅଭିନେତା ନାୟକ ହେଉ କି ଖଳନାୟକ ଯେକୌଣସି ଚରିତ୍ର କରିବା ପୂର୍ବରୁ ପ୍ରଥମେ ନିଜର ବାସ୍ତବ ପରିଚୟକୁ ଭୁଲିବା ଦରକାର। ଏହା ପରେ ଚରିତ୍ରରେ ହଜିବାକୁ ହୁଏ। ଚରିତ୍ରର ସାନବେଳ କେମିତି ଥିବ, ବୟସ ଅନୁସାରେ ଏହାର ସ୍ୱଭାବରେ କ'ଣ ପରିବର୍ତ୍ତନ ହେବ ତାହାକୁ ଭାବି ମୁଁ ମୋ ନିଜ ଭିତରେ ନାୟକ ଓ ଖଳନାୟକ ଚରିତ୍ରକୁ ଆଣିଥାଏ। ମୁଁ ମୋ କାମକୁ ଗୁରୁତ୍ୱ ଦେଇ ହୃଦୟର ସହିତ କରିଥାଏ।

**ବଡ଼ ପରଦାରେ କାମ କରିବାକୁ ଇଚ୍ଛା ଅଛି କି?**

● ଓଡ଼ିଆ ଫିଲ୍ମରେ ନାୟକ ହେଉ କି ଖଳନାୟକ ଚରିତ୍ର ମିଳିଲେ ନିଶ୍ଚୟ କରିବି। ନିକଟରେ ଟେଲି ଫିଲ୍ମ 'ୱାଇଫ୍ ନୁହେଁ ତୁ ମୋର ୱାଇଫାଇ'ରେ ନାୟକ ଭାବେ ଅଭିନୟ କରିଛି। ଏଥିରେ ମୋ ବିପକ୍ଷରେ ରହିଛନ୍ତି ସ୍ୱପ୍ନା। ଆଗକୁ ହଲ୍ ମୁଭି କରିବାକୁ ପ୍ରସ୍ତୁତି ହେଉଛି। ସମୟ ମିଳିଲେ ଜିମ୍ ଯିବା ସହିତ ଇନ୍‌ଷ୍ଟାଗ୍ରାମ୍‌ରେ ପ୍ରେରଣାଦାୟୀ ଭିଡିଓ ସେୟାର୍ କରୁଛି।

**ଡ୍ରିମ୍ ରୋଲ?**

● ଜଣେ କଳାକାର ପାଇଁ ଛୋଟ ବଡ଼ ଚରିତ୍ର କିଛି ନ ଥାଏ। ଭବିଷ୍ୟତରେ ମୁଁ ଏକ ଚ୍ୟାଲେଜିଂ ଚରିତ୍ର କରିବାକୁ ଚାହିଁବି। ଏହି ଚରିତ୍ର ପାଇଁ ପ୍ରଥମେ ବିଭିନ୍ନ ପ୍ରକାରର ଗବେଷଣା କରିବି। ଏହା ପରେ ସେହି ଚରିତ୍ରରେ ଖେଳିପାରିବି। ଆଉ ମୋର ସେହି ଚରିତ୍ରଟି ଦର୍ଶକଙ୍କୁ ମଧ୍ୟ ପସନ୍ଦ ଆସୁଥିବ। ■

ପରଦା ପଛର କାହାଣୀ

# ହିନ୍ଦୀ ଫିଲ୍ମରେ ପ୍ରଥମ ଇଂରାଜୀ ଗୀତ



ବର୍ତ୍ତମାନ ବଲିଉଡ୍ ସିନେମାରେ ଅନେକ ଇଂରାଜୀ ଗୀତ ସାମିଲ କରାଯାଉଛି। କିନ୍ତୁ ପୂର୍ବରୁ ଏ ଧାରା ପ୍ରଚଳିତ ନ ଥିଲା। ୧୯୭୫ ମସିହାରେ ମୁକ୍ତିଲାଭ କରିଥିବା ହିନ୍ଦୀ ଫିଲ୍ମ 'ଜୁଲି'ରେ ପ୍ରଥମ କରି କେତୋଟି ଇଂରାଜୀ ଗୀତ ସାମିଲ କରାଯାଇଥିଲା। ଏହାକୁ ଦର୍ଶକେ ମଧ୍ୟ ଖୁବ୍ ପସନ୍ଦ କରିଥିଲେ। ୫୦ ବର୍ଷ ପୂର୍ବେ ନିର୍ମିତ ଏହା ଏକ ପ୍ରେମ ଆଧାରିତ ଫିଲ୍ମ ଥିଲା। ଏହି ଫିଲ୍ମଟି ଦର୍ଶକଙ୍କ ମନକୁ ବେଶ୍ ଛୁଇଁ ଥିଲା। ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ କେ. ଏସ୍. ସେଥୁମାଧବନ୍। ଫିଲ୍ମରେ ଏକାଧିକ ସୁପରହିଟ୍ ଗୀତ ରହିଥିଲା। ଏଥିରେ ଭାରତୀୟ ସିନେମା ଜଗତରେ ପ୍ରଥମ ଥର କରି ଇଂରାଜୀ ଗୀତ 'ମାଇଁ ହାର୍ଟ ଇଜ୍ ବିଟିଙ୍ଗ' ସାମିଲ କରାଯାଇଥିଲା। ଏଥିସହ 'ଦିଲ କ୍ୟା କରେ ଜବ୍ କିସିକୋ କିସି ସେ ପ୍ୟାର୍ ହୋଯାଏ', 'ୟେ ରାତୋ ନୟୀ ପୁରାନି', 'ଭୁଲ ଗୟା ସବ୍ ଖୁଛ୍', 'ୟାଦ ନେହିଁ ଅବ କୁଛ' ଆଦି ସୁପରହିଟ୍ ହୋଇଥିଲା। ଏହାର ଗୀତଗୁଡ଼ିକ ଏଭରଗ୍ରୀନ୍ ଗୀତ ଭାବରେ ପରିଚିତି ଲାଭ କରିଥିଲା। ଫିଲ୍ମରେ ଅଭିନୟ କରିଥିବା ଅଭିନେତ୍ରୀ ରାତାରାତି ଷ୍ଟାର୍ ପାଲଟି ଯାଇଥିଲେ। ଏଥିରେ ସାଉଥ୍ ଅଭିନେତ୍ରୀ ଲକ୍ଷ୍ମୀ, ଅଭିନେତା ବିକ୍ରମ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ପରଦାରେ ଦୁହିଁଙ୍କ ଯୋଡ଼ିକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଏହା ଏକ କ୍ଲାସିକ୍ କଟ୍ ଫିଲ୍ମ ଭାବେ ପରିଚିତ। ସେତେବେଳେ ଏହି ଫିଲ୍ମର ନାମ ଅନେକ ଫେସନ୍ ପ୍ରସାଧନ ତଥା ବହିରେ ଛପା ଯାଉଥିଲା। ■

ହେଡିଂଲେରେ ପ୍ରଥମ ଟେଷ୍ଟ ଜୁନ୍ ୨୦ରୁ

# ଟିମ୍ ଚୟନକୁ ନେଇ ଦ୍ୱନ୍ଦ୍ୱରେ ଭାରତ



ଲିଡ୍ସ, ୧୮।୬ (ଏଜେନ୍ସି)

ଇଂଲଣ୍ଡରେ ଟେଷ୍ଟ ଖେଳିଲା ବେଳେ ଟିମ୍ ମ୍ୟାନେଜମେଣ୍ଟ ଫର୍ମ କିମ୍ବା ପୂର୍ବର ରେକର୍ଡକୁ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ। ଏହାର କାରଣ ହେଲା ଏଠାରେ ପିଚ୍ ଓ ପରିବେଶରେ ଖେଳିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ଦିନ, ସେସନ, ଘଣ୍ଟା ଓ ଏପରିକି ପ୍ରତ୍ୟେକ ବଲ୍ ଭିନ୍ନ ହୋଇଥାଏ। ଏହାକୁ ମୁକାବିଲା କରିବା ଲାଗି କେବଳ ଟେଷ୍ଟ ଟେମ୍ପରାମେଣ୍ଟ ନୁହେଁ, ଜଣେ ଖେଳାଳିଙ୍କ ଲାଗି ଦକ୍ଷତା ଓ ପରିସ୍ଥିତି ସହ ଖାପ୍ ଖୁଆଇବା ଏକାନ୍ତ ଜରୁରୀ। ଇଂଲଣ୍ଡ ଏପରି ଏକ ଦେଶ ଯେଉଁଠାରେ ଭାରତୀୟ କ୍ରିକେଟ ଦଳର ଟେଷ୍ଟ ରେକର୍ଡ ଆଦୌ ଭଲ ନୁହେଁ। ଏହି ଦେଶ ସହ ଭାରତ ପ୍ରଥମେ ୧୯୩୨ରେ ଟେଷ୍ଟ ଖେଳିଥିଲା। ଏହି ଦେଶ ସହ ମଧ୍ୟ ଇଂଲଣ୍ଡରେ ବା ବିଦେଶ ମାଟିରେ ସର୍ବାଧିକ ୬୭ଟି ଟେଷ୍ଟ ଖେଳିଛି। କିନ୍ତୁ ମାତ୍ର ୯ଟି ଟେଷ୍ଟରେ ଦଳ ବିଜୟୀ ହୋଇଛି। ଏଭଳି ସ୍ଥଳେ ଶୁବମନ ଗିଲଙ୍କ ନେତୃତ୍ୱରେ ଏକ ନୂଆ ଦଳଠାରୁ ବିଶେଷ କିଛି ଆଶା କରାଯାଉ ନାହିଁ। କିନ୍ତୁ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସ୍ୱଳ୍ପ ସମୟ ଲାଗି ହେଉ ମଧ୍ୟ ଦେଶ ବିଦେଶରେ ଶ୍ରେଷ୍ଠ ଖେଳାଳିଙ୍କ ସହ ଖେଳି ଭାରତୀୟମାନେ ଯେଉଁ ଅଭିଜ୍ଞତା ହାସଲ କରିଛନ୍ତି ତାହାକୁ ଏଠାରେ ବିନିଯୋଗ କରିବେ ବୋଲି ଭାରତୀୟ କ୍ରିକେଟ ବୋର୍ଡ ଓ ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଛନ୍ତି।

ଏହିକ୍ରମରେ ଇଂଲଣ୍ଡ ସହ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ହେଡିଂଲେରେ ଥିବା ଲିଡ୍ସର ଶୁଷ୍କ ପିଚ୍‌ରେ ଶୁକ୍ରବାରଠାରୁ ଖେଳାଯିବ। ଏହି ପିଚ୍‌ରେ ବଲ ସାଧାରଣତଃ ସୁଇଂ ହୋଇଥାଏ। ଏଠାରେ ବ୍ୟାଟରଙ୍କୁ ସର୍ବଦା ଖାପଖୁଆଇବାକୁ ପଡ଼ିଥାଏ ଓ ବୋଲରଙ୍କୁ ଫାଇଦା ମିଳିଥାଏ। ଏଭଳି ସ୍ଥଳେ ପ୍ରଥମ ଟେଷ୍ଟରେ ଭାରତ ପକ୍ଷରୁ କେଉଁମାନେ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବେ ତାହାକୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି। ଦଳରେ ଯେଉଁ ୧୮ ଜଣ ଖେଳାଳି ରହିଛନ୍ତି ସେମାନଙ୍କ ମଧ୍ୟରୁ କିଏ ଫିଟ୍ ବା ଅନ୍‌ଫିଟ୍ ତାହା କହିବା କଷ୍ଟକର। ଫିଟ୍‌ନେସ୍‌କୁ ବାଦ୍ ଦେଇ ୧୧ ଜଣିଆ ଖେଳାଳି ଚୟନ କରିବା ବେଳେ ୨ରୁ ୩ଟି ସ୍ଥାନ ଲାଗି ଦ୍ୱନ୍ଦ୍ୱ ରହିଛି। ଅନ୍ୟ ସମସ୍ତ ପୋଜିସନ ଲାଗି ପ୍ରାୟ ଖେଳାଳି ଚୟନ ଶେଷ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ ନଂ-୩ରେ ନବାଗତ ଦଳରେ ସାମିଲ ହୋଇଥିବା ଓ ଆଇପିଏଲ୍‌ରେ ଜବରଦସ୍ତ ଫର୍ମରେ ଥିବା ସାଇ ସୁଦର୍ଶନ କିମ୍ବା ଭାରତ-ଏ' ଅଧିନାୟକ ଅଭିମନ୍ୟୁ ଈଶ୍ୱରନଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିବ। ସେହିପରି ଦଳ ଜଣେ ସ୍ପିନର ଓ ୪ଜଣ ପେସ୍ ବୋଲରଙ୍କୁ ନେଇ ଖେଳିବା ସମ୍ଭାବନା ରହିଛି। ଏପରି ହେଲେ ଜଣେ ପେସ୍ ବୋଲିଂ ଅଲରାଉଣ୍ଡର ଭାବେ ନୀତୀଶ ରେଡ୍ଡି କିମ୍ବା ଶାର୍ଦ୍ଦୁଳ ଠାକୁରଙ୍କୁ ଚୂଡାନ୍ତ ଦଳରେ ନିଆଯିବ। ଅନ୍ୟ ସମସ୍ତେ ପୂର୍ବାନୁମାନ ଅନୁଯାୟୀ ଖେଳିବା ସୁଯୋଗ ପାଇବେ ବୋଲି ଆଶା କରାଯାଉଛି।

ଟିମ୍ ମ୍ୟାନେଜମେଣ୍ଟଠାରୁ ମିଳିଥିବା ସୂଚନା ଅନୁଯାୟୀ ଦଳର ଇନିଂସ ଓପନ କରିବାକୁ ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲଙ୍କୁ ମନୋନୟନ କରାଯିବ। ଇଂଲଣ୍ଡରେ ପ୍ରଥମଥର ଖେଳୁଥିବା ଜୟସ୍ୱାଲ କିପରି ସଫଳତା ପାଇବେ ତାହା ଖେଳିଲାପରେ ଜଣାପଡ଼ିବ। ଅନ୍ୟପକ୍ଷରେ ଲୋକେଶ ରାହୁଲଙ୍କର ଇଂଲଣ୍ଡରେ ଖେଳିବାର ବେଶ ଅଭିଜ୍ଞତା ରହିଛି। ଭାରତ-ଏ' ସହ ଖେଳି ସେ ମଧ୍ୟ ଶତକ ହାସଲ କରିଛନ୍ତି। ଏଣୁ ତାଙ୍କ ଉପରେ ଟିମ୍ ମ୍ୟାନେଜମେଣ୍ଟ ଭରସା କରିବ। ଦଳର ନେତୃତ୍ୱ ନେଉଥିବା ଶୁବମନ ଗିଲ୍ ଏକାଥରକେ ୨ଟି ବିଭାଗରେ ନେତୃତ୍ୱ ନେବେ। ରୋହିତ ଶର୍ମାଙ୍କ ସ୍ଥାନରେ ସେ ଦଳର ଓ ବିରାଟ କୋହଲିଙ୍କ ସ୍ଥାନରେ ବ୍ୟାଟିଂର ନେତୃତ୍ୱ ନେବେ। ଏଣୁ ସେ ବିରାଟଙ୍କ ପ୍ରିୟ ସ୍ଥାନ ନଂ-୪ରେ ଖେଳିବେ ବୋଲି ସୂଚନା ମିଳିଛି। ଗିଲ୍‌ଙ୍କ ନଂ-୩ ସ୍ଥାନ ପୂରଣ କରିବାକୁ ଦୁଇଜଣ ଦାବିଦାର ରହିଛନ୍ତି। ଆଇପିଏଲ୍‌ରେ ସର୍ବାଧିକ ରନ୍ କରିଥିବା ତଥା ଘରୋଇ କ୍ରିକେଟରେ ଭଲ ଖେଳିଥିବା ସାଇ ସୁଦର୍ଶନ ନଂ-୩ ଦୌଡ଼ରେ ଆଗୁଆ ଅଛନ୍ତି। କିନ୍ତୁ ଗତ ୮ ବର୍ଷ ଧରି ଭାରତୀୟ ସିନିୟର ଦଳରେ ରହିଆସୁଥିବା ଏବଂ ୧୦୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିସାରିଥିବା ଅଭିମନ୍ୟୁ ଈଶ୍ୱରନଙ୍କୁ ମଧ୍ୟ ଅଣଦେଖା କରିହେବ ନାହିଁ। ଭାରତ-ଏ' ଦଳର ନେତୃତ୍ୱ ନେଇ ସେ ଅନ୍‌ଅଫିସିଆଲ ଟେଷ୍ଟରେ ୨ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। କିନ୍ତୁ ତାଙ୍କ ଆଉଟ୍‌କୁ ନେଇ ମ୍ୟାନେଜ୍‌ମେଣ୍ଟ ଖୁସି ନାହିଁ। ନଂ-୫ରେ କରୁଣ ନାୟାର ଓ ନଂ-୬ରେ ୱିକେଟରକ୍ଷକ ତଥା ଉପଅଧିନାୟକ ଋଷଭ ପନ୍ତଙ୍କ ଖେଳିବା ନେଇ କୌଣସି ସନ୍ଦେହ ନାହିଁ। ସେହିପରି ଅଭିଜ୍ଞ ଅଲରାଉଣ୍ଡର ତଥା ବିରାଟ-ଅଶ୍ୱିନ-ରୋହିତ ଯୁଗର ଏକମାତ୍ର ଖେଳାଳି ରବୀନ୍ଦ୍ର ଜାଡେଜା ନଂ-୮ରେ ଖେଳିବେ। ସେ ମଧ୍ୟ ଦଳର ଏକମାତ୍ର ସ୍ପିନର ଭାବେ ରହିବେ।

ଭାରତୀୟ ଦଳ ଜଣେ ସ୍ପିନର ଓ ୪ଜଣ ପେସ୍ ବୋଲରଙ୍କୁ ନେଇ ଖେଳିବ ବୋଲି ଆଶା କରାଯାଉଛି। ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣାଙ୍କ ସହ ଜଣେ ପେସ୍ ବୋଲିଂ ଅଲରାଉଣ୍ଡରଙ୍କୁ ସାମିଲ କରିବ ଭାରତ। ଏହି ସ୍ଥାନ ଲାଗି ନୀତିଶ କୁମାର ରେଡ୍ଡି ଓ ଶାର୍ଦ୍ଦୁଳ ଠାକୁରଙ୍କ ମଧ୍ୟରୁ ଜଣଙ୍କୁ ଚୟନ କରାଯିବ। ଇଂଲଣ୍ଡରେ ଖେଳିବାର ଅଭିଜ୍ଞତା, ଅଭ୍ୟାସ ମ୍ୟାଚ୍‌ରେ ଶତକ ଓ ରଣଜୀ ଟ୍ରଫି ଖେଳିବା ପରେ ଦମ୍‌ଦାର ପ୍ରଦର୍ଶନ ଯୋଗୁଁ ଶାର୍ଦ୍ଦୁଳ ଚୂଡାନ୍ତ ଏକାଦଶରେ ଖେଳିବାର ସମ୍ଭାବନା ଅଧିକ ରହିଛି।

### ସମ୍ଭାବ୍ୟ ଦଳ

**ବ୍ୟାଟର** : ଓପନର-ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ମିଡଲ ଅର୍ଡର-ସାଇ ସୁଦର୍ଶନ/ଅଭିମନ୍ୟୁ ଈଶ୍ୱରନ, ଶୁବମନ ଗିଲ୍ (ଅଧିନାୟକ), କରୁନ ନାୟାର, ୱିକେଟରକ୍ଷକ-ଋଷଭ ପନ୍ତ (ଉପଅଧିନାୟକ), ସ୍ପିନର (୧)- ରବୀନ୍ଦ୍ର ଜାଡେଜା, ପେସ୍ ବୋଲର (୪)- ଶାର୍ଦ୍ଦୁଳ ଠାକୁର, ଯଶ୍‌ପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା।


## ଇଂଲଣ୍ଡ ଟାର୍ଗେଟରେ ଗିଲ୍



ଲିଡ୍ସ, ୧୮।୬ (ଏଜେନ୍ସି): ଭାରତ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ଏକ ଶକ୍ତିଶାଳୀ ଦଳ ଚୟନ କରିନାହିଁ। ଏହି ଦଳର ବୋଲିଂ ଏତେ ଅଭିଜ୍ଞ ନୁହେଁ। ଏମାନଙ୍କୁ କେବଳ ପିଚ୍ ଓ ପରିବେଶରୁ ସହାୟତା ମିଳିବ। ଏହାକୁ ଯଦି ଭାରତୀୟ ଖେଳାଳିମାନେ ଖାପ୍ ଖୁଆଇନେବେ ତେବେ ଇଂଲଣ୍ଡର ସିରିଜ୍ ଜିତିବା କଷ୍ଟକର ହେବ। ଭାରତୀୟ ଦଳର ନେତୃତ୍ୱ ନେଉଥିବା ଶୁବମନ ଗିଲ୍‌ଙ୍କୁ ଟାର୍ଗେଟ କରିବ ଇଂଲଣ୍ଡ ଦଳ। ଗିଲଙ୍କୁ ଯେତେ ଚିନ୍ତାରେ ପଡ଼ିବେ, ଇଂଲଣ୍ଡ ଲାଗି ସେତେ ଭଲ। ଏଣୁ ଇଂଲଣ୍ଡର ଅନଭିଜ୍ଞ ବୋଲର ନିଶ୍ଚିତ ଭାବେ ଗିଲ୍ ଓ ବ୍ୟାଟିଂରେ ଲୋକେଶ ରାହୁଲଙ୍କୁ ଟାର୍ଗେଟ କରିବେ ବୋଲି ଇଂଲଣ୍ଡର ପୂର୍ବତନ ଖେଳାଳି ନିକ୍ ନାଇଟ୍ କହିଛନ୍ତି। ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳିଲା ବେଳେ ଗିଲ୍‌ଙ୍କ ବ୍ୟାଟିଂ ଦେଖିଥିଲି। ସେ ଏବେ ଅନ୍ତର୍ଜାତୀୟ ସ୍ତରରେ ତାଙ୍କ ଦକ୍ଷତାର ପ୍ରମାଣ ଦେବେ। ସେହିପରି ଅତ୍ୟନ୍ତ ପ୍ରତିଭାବାନ ସାଇ ସୁଦର୍ଶନ ମଧ୍ୟ ଏଠାରେ ଭଲ କରିବେ ବୋଲି ନାଇଟ୍ ପୂର୍ବାନୁମାନ କରିଛନ୍ତି।

## ପ୍ରଥମ ଟେଷ୍ଟ ଲାଗି ଇଂଲଣ୍ଡ ଦଳ ଘୋଷିତ

ଲିଡ୍ସ, ୧୮।୬ (ଏଜେନ୍ସି): ଭାରତ ସହ ହେଡିଂଲେରେ ଜୁନ୍ ୨୦ରୁ ହେବାକୁ ଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ଲାଗି ଇଂଲଣ୍ଡ ୧୧ ଜଣିଆ ଦଳ ଘୋଷଣା କରିଛି। ବେନ୍ ଷ୍ଟୋକ୍ସଙ୍କ ନେତୃତ୍ୱରେ ଗଠିତ ଦଳରେ ଓଲି ପୋପଙ୍କୁ ନଂ-୩ ପୋଜିସନରେ ଖେଳିବାକୁ ମନୋନୀତ କରାଯାଇଛି।



ଜେମି ସ୍ମିଥ ୱିକେଟ ରକ୍ଷକ ଦାୟିତ୍ୱ ତୁଲାଇବେ। ଜୋ ରୁଟ୍ ଇଂଲଣ୍ଡ ବ୍ୟାଟିଂର ଓ କ୍ରିସ୍ ଓକ୍ସ ବୋଲିଂର ନେତୃତ୍ୱ ନେବେ। ବୋଲରଙ୍କ ମଧ୍ୟରେ ଓକ୍ସ ୫୭ଟି ଓ ଏକମାତ୍ର ସ୍ପିନର ସୋଏବ ବସିର ୧୬ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଅନ୍ୟ ବୋଲର ବ୍ରାଇଡନ କାର୍ସ ୫ଟି, ଜୋଶ ଟଙ୍ଗ୍ ୩ଟି ଲେଖାଏଁ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଗତ ଦୁଇ ଦଶନ୍ଧି ପରେ ଭାରତ ଜେମ୍ସ ଆଣ୍ଡରସନ କିମ୍ବା ଷ୍ଟୁଆର୍ଟ ବ୍ରଡ୍‌ଙ୍କୁ ପ୍ରତିଦ୍ୱନ୍ଦ୍ୱୀ ଭାବେ ଖେଳିବାର ସୁଯୋଗ ପାଇନାହିଁ।

**ଇଂଲଣ୍ଡ ଦଳ** : ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ୱକ୍ସ, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ସୋଏବ ବଶିର।

● ବିଶ୍ୱ ପାରା ଆଥଲେଟିକ ଚାମ୍ପିଅନସିପ୍

## କଙ୍ଗନା ବ୍ରାଣ୍ଡ ଆମ୍ବାସାଡର



ଭୁବନେଶ୍ୱର, ୧୮।୬ (ସମିସ): ଚଳଚ୍ଚିତ୍ର ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରାଣାଓ୍ୱତ୍ ନୂଆଦିଲ୍ଲୀରେ ହେବାକୁ ଥିବା ବିଶ୍ୱ ପାରା ଆଥଲେଟିକ୍ ଚାମ୍ପିଅନସିପ୍ ଲାଗି ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ଏ ସମ୍ପର୍କରେ ପାରାଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ଘୋଷଣା କରିବା ସହ ଆସନ୍ତା ଜୁନ୍ ୨୦ରେ ମାସ୍କଟ ଉନ୍ମୋଚନ କରାଯିବ। ଏହିଦିନଠାରୁ ଠିକ୍ ୧୦୦ ଦିନ ପରେ ନୂଆଦିଲ୍ଲୀରେ ଏହି ବିଶ୍ୱ ଚାମ୍ପିଅନସିପ୍ ଆୟୋଜିତ ହେବ। ରାଣାଓ୍ୱତ ଆମ୍ବାସାଡର ହେବା ଫଳରେ ଭାରତରେ ପାରା କ୍ରୀଡ଼ାର ପ୍ରଚାର ଓ ପ୍ରସାର ହେବା ସହ କ୍ରୀଡ଼ାବିତମାନେ ଉତ୍ସାହିତ ହେବେ ବୋଲି ପାରା ଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆର ସଭାପତି ଦେବେନ୍ଦ୍ର ଝଝରିଆ କହିଛନ୍ତି।

## ଟି-୨୦ରେ ଗ୍ଲେନ୍ ମ୍ୟାକ୍ସୱେଲ୍‌ଙ୍କ କୀର୍ତ୍ତିମାନ



କାଲିଫର୍ଣ୍ଣିଆ, ୧୮।୬ (ଏଜେନ୍ସି): ଆମେରିକାରେ ଚାଲିଥିବା ମେଜର୍ ଲିଗ୍ କ୍ରିକେଟ୍ (ଏମ୍‌ଏଲ୍‌ସି)ର ୩ୟ ସଂସ୍କରଣରେ ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ୱାଶିଂଟନ ଫ୍ରିଡମ୍ ୧୧୩ ରନର ବୃହତ୍ ବ୍ୟବଧାନରେ ଲସ୍ ଏଞ୍ଜେଲ୍ସ ନାଇଟ୍ ରାଇଡର୍ସଙ୍କୁ ପରାସ୍ତ କରିଛି। ଏହି ମ୍ୟାଚରେ ୱାଶିଂଟନ ଦଳର ଅଧିନାୟକ ଗ୍ଲେନ ମ୍ୟାକ୍ସୱେଲ୍ ୪୯ ବଲରେ ୧୦୬ ରନର ଅପରାଜିତ ଶତକୀୟ ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଓଭରଅଲ୍ (ଜାତୀୟ, ଅନ୍ତର୍ଜାତୀୟ ଓ ଲିଗ୍) ଟି-୨୦ କ୍ରିକେଟ୍‌ରେ ମ୍ୟାକ୍ସୱେଲଙ୍କ ଏହା ୮ମ ଶତକ। ଏଥିସହ ଟି-୨୦ କ୍ରିକେଟ୍‌ରେ ୮ ଶତକ ହାସଲ କରିଥିବା ଡେଭିଡ୍ ୱାର୍ଣ୍ଣର, ରୋହିତ୍ ଶର୍ମା, ଜୋଶ ବଟଲର୍ ଓ ଆରୋନ ଫିଞ୍ଚଙ୍କ କ୍ଲବରେ ମ୍ୟାକ୍ସୱେଲ୍ ସାମିଲ ହୋଇଛନ୍ତି। ଟି-୨୦ରେ ସର୍ବାଧିକ ଶତକ ହାସଲକାରୀ ବ୍ୟାଟର୍ ତାଲିକାରେ ଏହି ୫ଜଣ ଯୁଗ୍ମ ଭାବେ ୪ର୍ଥ ସ୍ଥାନରେ ରହିଛନ୍ତି। ୨୨ ଶତକ ସହ କ୍ରିସ୍ ଗେଲ୍ ତାଲିକାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଅପରପକ୍ଷରେ ମ୍ୟାକ୍ସୱେଲ୍ ଟି-୨୦ରେ ୧୦,୫୦୦ ରନ ଅତିକ୍ରମ କରିଛନ୍ତି। ଏଥିସହ ଟି-୨୦ କ୍ରିକେଟ୍‌ରେ ୫ରୁ ଊର୍ଦ୍ଧ୍ୱ ଶତକ, ୧୭୦ରୁ ଊର୍ଦ୍ଧ୍ୱ ୱିକେଟ୍ ସହ ୧୦,୫୦୦ ରନ ସଂଗ୍ରହ କରିବାରେ ସେ ବିଶ୍ୱର ପ୍ରଥମ କ୍ରିକେଟର୍ ହୋଇଛନ୍ତି।


## ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର୍ ଆଜିଠୁ



ଭୁବନେଶ୍ୱର,୧୮।୬ (ସମିସ): ବିଲିଆର୍ଡ୍ସ ଓ ସ୍ନୁକର ସଂଘ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ ସ୍ଥାନୀୟ ସାଲିଆସାହିସ୍ଥିତ ଭିଣ୍ଟେଜ କ୍ଲବ୍ ପରିସରରେ ଜୁନ୍ ୧୯ରୁ ତାରିଖଯାଏ ଆୟୋଜିତ ହେବ। ଚଳିତ କ୍ୟାଲେଣ୍ଡର ବର୍ଷରେ ବିଏସ୍‌ଏଓର ଏହା ତୃତୀୟ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୨୧,୦୦୦ ଟଙ୍କା ଓ ରନର୍ସ ଅପ୍ ଖେଳାଳିଙ୍କୁ ଟ୍ରଫି ସହ ୧୧,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ଆଜି ଭିଣ୍ଟେଜ୍ କ୍ଲବ୍ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଏସ୍‌ଏଓର ସମ୍ପାଦକ ସମୀର ଅଲି ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପୂରାତନ ଖେଳାଳି ତଥା ଭିଣ୍ଟେଜ୍ କ୍ଲବ୍ ମାଲିକ ଅମିୟ ରଞ୍ଜନ ନାୟକ, ସତ୍ୟଦୀପ ଦାସ ଓ ଅଂଶଗ୍ରହଣକାରୀ ଖେଳାଳିମାନେ ଉପସ୍ଥିତ ଥିଲେ।

## କୋଚି ଟସ୍କର୍ସଙ୍କୁ ୫୩୮ କୋଟି ଦେବ ବିସିସିଆଇ

ମୁମ୍ବଇ, ୧୮।୬ (ଏଜେନ୍ସି): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କି ଜବରଦସ୍ତ ଝଟ୍‌କା ଲାଗିଛି। ବିସିସିଆଇକୁ ଏବେ ଆଇପିଏଲ ଫ୍ରାଞ୍ଚାଇଜ୍ କୋଚି ଟସ୍କର୍ସ କେରଳାକୁ ୫୩୮ କୋଟି ଟଙ୍କା ଦେବାକୁ ବମ୍ବେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୧୦ ବର୍ଷ ତଳେ ୨୦୧୫ରେ ଅର୍ବିଟ୍ରଲ ଟ୍ରିବୁନାଲର ଦେଇଥିବା ନିର୍ଦ୍ଦେଶକୁ ବମ୍ବେ ହାଇକୋର୍ଟ ବଜାୟ ରଖିଛନ୍ତି। ସେତେବେଳେ ଟ୍ରିବୁନାଲର ବିଚାରପତି ଆରସି ଲାହୋଟି କୋଚି ଟସ୍କର୍ସ ସପକ୍ଷରେ ନ୍ୟାୟ ଶୁଣାଇଥିଲେ। ବିସିସିଆଇକୁ କ୍ଷତିପୂରଣ ବାବଦରେ କୋଚି ଟସ୍କର୍ସଙ୍କୁ ୫୩୮ କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ବିରୋଧ କରି ବିସିସିଆଇ ବମ୍ବେ ହାଇକୋର୍ଟରେ ଚ୍ୟାଲେଞ୍ଜ୍ କରିଥିଲା।



ବିଭିନ୍ନ ନିୟମକୁ ଦୃଷ୍ଟିରେ ରଖି ଏହି ମାମଲାରେ ହାଇକୋର୍ଟ ହସ୍ତକ୍ଷେପ କରିପାରବ ନାହିଁ ବୋଲି ବିଚାରପତି ଆରଆଇ ଛାଗଲା କହିଛନ୍ତି।

ଉଲ୍ଲେଖଥାଉ କି, ୨୦୧୧ରେ କୋଚିକୁ ଆଇପିଏଲ୍‌ରେ ସାମିଲ କରାଯାଇଥିଲା। ରେଣ୍ଡେଜଭୋସ ସ୍ପୋର୍ଟ୍ସ ୱାର୍ଲ୍ଡ (ଆରଏସ୍‌ଡବ୍ଲ୍ୟୁ) ପାଖରେ ଏହି ଫ୍ରାଞ୍ଚାଇଜ୍‌ର ମାଲିକାନା ଥିଲା। ପରେ କୋଚି କ୍ରିକେଟ ପ୍ରାଇଭେଟ ଲିମିଟେଡ (କେସିପିଏଲ୍) ମାଲିକାନା ହାତକୁ ନେଇଥିଲା। କିନ୍ତୁ କୋଚି ମାଲିକ ବିସିସିଆଇ ବ୍ୟାଙ୍କ ଗ୍ୟାରଣ୍ଟି ରିଭ୍ୟୁ କରି ନ ଥିଲେ। ବୋର୍ଡ ୬ ମାସ ଅପେକ୍ଷା କରିବା ପରେ ମଧ୍ୟ କୋଚି ମାଲିକ ବ୍ୟାଙ୍କ ଗ୍ୟାରେଣ୍ଟି (୧୫୬ କୋଟି ଟଙ୍କା) ଜମା କରି ନଥିଲେ। ତେଣୁ ୨୦୧୧ ସେପ୍ଟେମ୍ବର ୧୯ରେ କୋଚି ଫ୍ରାଞ୍ଚାଇଜ୍‌କୁ ଆଇପିଏଲ୍‌ରୁ ହଟାଇ ଦେଇଥିଲା। ଫଳରେ ବିସିସିଆଇ ବିରୋଧରେ କେସିପିଏଲ୍ ଓ ଆରଏସ୍‌ଡବ୍ଲ୍ୟୁ ମଧ୍ୟସ୍ଥତା ଅର୍ଥାତ ଆର୍ବିଟ୍ରେସନ ପ୍ରକ୍ରିୟା ଆରମ୍ଭ କରିଥିଲା। ଶେଷରେ ୨୦୧୫ରେ ଅର୍ବିଟ୍ରଲ ଟ୍ରିବୁନାଲ ଚୁକ୍ତି ନିୟମର ଉଲ୍ଲଂଘନ ଅଭିଯୋଗରେ ବିସିସିଆଇକୁ ଦୋଷୀ ବୋଲି କହିଥିଲା। ବୋର୍ଡର ତ୍ରୁଟି କାରଣରୁ କେସିପିଏଲ୍‌କୁ ୩୮୪ ଓ ଆରଏସ୍‌ଡବ୍ଲ୍ୟୁକୁ ୧୫୩ କୋଟି ଟଙ୍କାର କ୍ଷତି ହୋଇଛି ବୋଲି କହିଥିଲା। ଫଳରେ ବୋର୍ଡକୁ ମୋଟ ଉପରେ ୫୩୮ କୋଟି ଟଙ୍କା ଦେବାକୁ କୁହାଯାଇଥିଲା। ଏହାକୁ ଏବେ ବମ୍ବେ ହାଇକୋର୍ଟ ବଳବତ୍ତର ରଖିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଦୁଇ ପକ୍ଷର ବିବାଦ ସମାଧାନ କରିବାକୁ କୋର୍ଟକୁ ଯିବା ବଦଳରେ ତୃତୀୟ ପକ୍ଷ ଦ୍ୱାରସ୍ଥ ହୋଇଥାନ୍ତି। ଏହି ତୃତୀୟ ପକ୍ଷକୁ ଆର୍ବିଟ୍ରେଟର କୁହାଯାଇଥାଏ। ୨୦୧୦ରେ ଆରଏସ୍‌ଡବ୍ଲ୍ୟୁ ୧୫୫୫ କୋଟି ଟଙ୍କାରେ କୋଚି ଟସ୍କର୍ସ ଫ୍ରାଞ୍ଚାଇଜ୍ କିଣିଥିଲା।

ବାରବାଟୀରେ ଟି-୨୦

## ବନ୍ଦ ହୋଇପାରେ କାଉଣ୍ଟର ଟିକଟ୍ ବିକ୍ରି

କଟକ,୧୭।୬(ସମିସ): ଆସନ୍ତା ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣଆଫ୍ରିକା ମଧ୍ୟରେ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳାଯିବ। ଏହି ପରିପ୍ରେକ୍ଷୀରେ ପୂର୍ବ ତ୍ରୁଟିରେ ସୁଧାର ଆଣିବାକୁ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପ୍ରାକ୍ ପ୍ରସ୍ତୁତି ଚଳାଇଛି। ଏକାଧିକ ତ୍ରୁଟି ଓ ଅବ୍ୟବସ୍ଥା ଯୋଗୁଁ ଓସିଏ ଯେଉଁ ସବୁ ନିନ୍ଦା ମୁଣ୍ଡାଇଥିଲା ତାହାର ପୁନଃରାବୃତ୍ତି କିପରି ନଘଟିବ ସେ ନେଇ ଯୋଜନା ଚାଲିଛି। ଆଜି ସନ୍ଧ୍ୟାରେ କଟକ ଜିଲ୍ଲା କ୍ରୀଡ଼ା ସଂଘର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ପ୍ରସ୍ତୁତି ସମ୍ପର୍କରେ ମତ ଦେଇଛନ୍ତି। ଆଗାମୀ ଦିନରେ କାଉଣ୍ଟର ଟିକଟ ବିକ୍ରି ବନ୍ଦ କରାଯିବା ସହ ଦର୍ଶକଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ଟିକଟ ଅନଲାଇନରେ ଉପଲବ୍ଧ ହେବ। ମାତ୍ର ଏହା ଚୂଡାନ୍ତ ନିଷ୍ପତ୍ତି ନୁହେଁ। ଏ ବାବଦରେ ଆଗାମୀ ଏଜିଏମ୍‌ରେ ଆଲୋଚନା କରାଯିବ ବୋଲି ସମ୍ପାଦକ ସଞ୍ଜୟ କହିଛନ୍ତି। ଗତ ଫେବୃୟାରୀରେ ଏଠାରେ ଖେଳାଯାଇଥିବା ଭାରତ-ଇଂଲଣ୍ଡ ଏକଦିବସୀୟରେ କାଉଣ୍ଟର ଟିକଟ ବିକ୍ରି ସମୟରେ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। କ୍ରିକେଟପ୍ରେମୀଙ୍କ ଭିତରେ ଦଳଚକଟା ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଥିଲା।

## ପାକିସ୍ତାନ ବିପକ୍ଷରୁ ଭାରତର ଅଭିଯାନ ଆରମ୍ଭ

ଲଣ୍ଡନ, ୧୮।୬ (ଏଜେନ୍ସି)

ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ୨୦୨୬ ଜୁନ ୧୨ରୁ ଇଂଲଣ୍ଡରେ ଆରମ୍ଭ ହେବ। ଏଥିଲାଗି ଆୟୋଜକ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ବର୍ଷକ ପୂର୍ବରୁ ବୁଧବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଆୟୋଜକ ଇଂଲଣ୍ଡ ଓ ଶ୍ରୀଲଙ୍କା ମହିଳା କ୍ରିକେଟ୍ ଦଳ ମଧ୍ୟରେ ଜୁନ ୧୨ରେ ଏହି ମେଗା ଇଭେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଏଜ୍‌ବାଷ୍ଟନରେ ଖେଳାଯିବ। ସେହିଭଳି ଭାରତୀୟ ମହିଳା କ୍ରିକେଟ୍ ଦଳ ଜୁନ ୧୪ରେ (ରବିବାର) ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଖେଳି ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ମଧ୍ୟ ଏଜ୍‌ବାଷ୍ଟନରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଡିଫେଣ୍ଡିଂ ଚାମ୍ପିଅନ ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ୍ ଦଳ ଜୁନ ୧୩ରେ ପ୍ରଥମ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ଭେଟିବ।

ମହିଳା ଟି-୨୦ ବିଶ୍ୱକପ୍‌ର ଏହି ସଂସ୍କରଣ ଜୁନ ୧୨ରୁ ଆରମ୍ଭ ହୋଇ ୨୪ ଦିନ ଧରି ଚାଲିବ। ଜୁଲାଇ ୫ରେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଖେଳାଯିବ। ଫାଇନାଲକୁ ମିଶାଇ ମୋଟ୍ ୩୩ଟି ମ୍ୟାଚ୍ ଏହି ବିଶ୍ୱକପ୍‌ରେ ଅନୁଷ୍ଠିତ ହେବ। ବିଶ୍ୱର ୧୨ ଗୋଟି ଦଳ ଏଥର ଟାଇଟଲ୍ ପାଇଁ ଲଢ଼େଇକୁ ଅବତୀର୍ଣ୍ଣ ହେବେ। ସେଥିମଧ୍ୟରୁ ବିଶ୍ୱ ମାନ୍ୟତାର ଶ୍ରେଷ୍ଠ-୮ ଗୋଟି ଦଳ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା ଓ ପାକିସ୍ତାନ ସିଧାସଳଖ ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟ ଦେଇ ଆଉ ୪ ଗୋଟି ଦଳ ବିଶ୍ୱକପ୍ ଖେଳିବେ। ମୋଟ୍ ୧୨ ଗୋଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍-୧ରେ ଭାରତ ସମେତ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଓ ଦୁଇଟି ଯୋଗ୍ୟତା ଅର୍ଜନକାରୀ ଦଳ ରହିଛନ୍ତି। ସେହିଭଳି ଗ୍ରୁପ୍-୨ରେ ଦୁଇଥରର ବିଜେତା ୱେଷ୍ଟଇଣ୍ଡିଜ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା ଓ ୨ଟି ଯୋଗ୍ୟତା ଅର୍ଜନକାରୀ ଦଳ ସ୍ଥାନ ପାଇଛନ୍ତି। ପ୍ରତି ଗ୍ରୁପ୍‌ର ଦୁଇଟି ଶ୍ରେଷ୍ଠ ଦଳକୁ ସେମିଫାଇନାଲ ଟିକଟ୍ ମିଳିବ। ଜୁନ ୩୦ ଓ ଜୁଲାଇ ୨ରେ ଯଥାକ୍ରମେ ଦୁଇଟିଯାକ ସେମିଫାଇନାଲ ଦି ଓଭାଲ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡ ସମେତ ଓଭାଲ, ଏଜ୍‌ବାଷ୍ଟନ, ଓଲ୍ଡ ଟ୍ରାଫୋର୍ଡ କ୍ରିକେଟ୍ ଗ୍ରାଉଣ୍ଡ, ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡ ଓ ହାମ୍ପଶାୟର ବାଓଲ୍‌ରେ ବିଶ୍ୱକପ୍‌ର ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ସ୍ଥାନୀୟ ସମୟ ସକାଳ ୧୦ଟା ୩୦, ଅପରାହ୍ଣ ୨ଟା ୩୦ ଓ ସନ୍ଧ୍ୟା ୬ଟା ୩୦ରେ ମ୍ୟାଚ୍ ଆରମ୍ଭ ହେବାର ସମୟ ଧାର୍ଯ୍ୟ କରାଯାଇଛି।

### ୨୦୨୬ ମହିଳା ଟି-୨୦ ବିଶ୍ୱକପ୍

**ଭାରତର କାର୍ଯ୍ୟସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ | ସମୟ |
|---|---|---|---|
| ଜୁନ ୧୪ | ଭାରତ-ପାକିସ୍ତାନ | ଏଜ୍‌ବାଷ୍ଟନ | ଅପରାହ୍ଣ ୨ଟା ୩୦ |
| ଜୁନ ୧୭ | ଭାରତ-କ୍ୱାଲିଫାୟର | ହେଡିଂଲୀ | ଅପରାହ୍ଣ ୨ଟା ୩୦ |
| ଜୁନ ୨୧ | ଭାରତ-ଦକ୍ଷିଣ ଆଫ୍ରିକା | ଓଲ୍ଡ ଟ୍ରାଫୋର୍ଡ | ଅପରାହ୍ଣ ୨ଟା ୩୦ |
| ଜୁନ ୨୫ | ଭାରତ-କ୍ୱାଲିଫାୟର | ଓଲ୍ଡ ଟ୍ରାଫୋର୍ଡ | ଅପରାହ୍ଣ ୨ଟା ୩୦ |
| ଜୁନ ୨୮ | ଭାରତ-ଅଷ୍ଟ୍ରେଲିଆ | ଲର୍ଡ୍ସ | ଅପରାହ୍ଣ ୨ଟା ୩୦ |

ଗ୍ରୁପ୍-୧: ଭାରତ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ, କ୍ୱାଲିଫାୟର-୧, କ୍ୱାଲିଫାୟର-୨
ଗ୍ରୁପ୍-୨: ୱେଷ୍ଟଇଣ୍ଡିଜ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ଶ୍ରୀଲଙ୍କା, କ୍ୱାଲିଫାୟର-୧, କ୍ୱାଲିଫାୟର-୨

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS